

ପୁଣି ଥରେ
କ୍ରିତି-କବିର
▶ପୃଷ୍ଠା 9 ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-132 ◆BHUBANESWAR ◆FRIDAY ◆8 NOVEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୩୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୮ ନଭେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


## ଅଚାନକ ବଦଳି ପାରିବନି ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟତା ସର୍ତ୍ତ

■ **ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ସରକାରୀ ସ୍ତରରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବା ପରେ ଏଥିରେ ଅଚାନକ ଭାବେ ଏବଂ ନିଯୁକ୍ତି ପ୍ରକ୍ରିୟା ମଧ୍ୟରେ ପ୍ରାର୍ଥୀଙ୍କ ଯୋଗ୍ୟତା ସର୍ତ୍ତରେ ପରିବର୍ତ୍ତନ କରାଯାଇପାରିବନି । ସୁପ୍ରିମକୋର୍ଟ ଆଜି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ସେଭଳି କୌଣସି କାରଣ ନଥିଲେ କିମ୍ବା ଅନୁମତି ବିନା ନିଯୁକ୍ତି ପ୍ରକ୍ରିୟା ଚାଲିଥିଲା ବେଳେ ପ୍ରାର୍ଥୀଙ୍କ ଯୋଗ୍ୟତା ସର୍ତ୍ତରେ ପରିବର୍ତ୍ତନ କରାଯାଇପାରିବନି ।

ଏସମ୍ପର୍କିତ ଏକ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଏକ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି ଯେ ଯଦି କୌଣସି ସ୍ତରରେ ସରକାରୀ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଏ, ତାହାହେ ।ଲେ ପ୍ରକାଶନ ଅନୁଯାୟୀ ସମସ୍ତ ପଦ ପଦବୀ ପୂରଣ ହେବା ପରେ ହିଁ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ । ନିଯୁକ୍ତି ପୂର୍ବରୁ ବିଜ୍ଞାପନରେ ଜଣେ ପ୍ରାର୍ଥୀଙ୍କ ଯୋଗ୍ୟତା ପାଇଁ ଯେଉଁ ସର୍ତ୍ତ ରଖାଯାଇଥାଏ ତାହାକୁ ମଝି



ସମୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ । ସରକାରୀ ନିଯୁକ୍ତି ପାଇଁ ବର୍ତ୍ତମାନ ଯେଉଁ ନିୟମ ପ୍ରଚଳିତ ରହିଛି ତାହା ଯଦି କୌଣସି ସ୍ତରରେ ବିଜ୍ଞାପନରେ ପରିବର୍ତ୍ତନ ପାଇଁ ଅନୁମତି ଦେଉ ନଥିବ, ତେବେ ପ୍ରାର୍ଥୀଙ୍କ ଯୋଗ୍ୟତା ସର୍ତ୍ତରେ ପରିବର୍ତ୍ତନ କରାଯାଇପାରିବ ନାହିଁ । ସରକାରୀ ନିଯୁକ୍ତିରେ ବିଜ୍ଞାପନ ପ୍ରକାଶନ ଆରମ୍ଭ ଠାରୁ ପଦବୀ ପୂରଣ ପର୍ଯ୍ୟନ୍ତ ସ୍ୱଚ୍ଛତା ବଜାୟ ରହିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଯଦି ବିଜ୍ଞାପନରେ କୌଣସି ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରାଯାଏ ତେବେ ତାହା ସମ୍ବିଧାନର ଧାରା ୧୪କୁ ପୂରଣ କରୁଥିବ ଏବଂ କୌଣସି ସ୍ତରରେ ବିବାଦ ସୃଷ୍ଟି କରୁ ନଥିବ ବୋଲି ଖଣ୍ଡପୀଠ କହିଛନ୍ତି । ଏହାବ୍ୟତୀତ ଯେଉଁ ସରକାରୀ ସଂସ୍ଥାରେ ପଦ ପଦବୀ ଖାଲି ପଡ଼ିଥିବ ସେଗୁଡିକୁ ପୂରଣ କରିବା ଲାଗି ସଂପୃକ୍ତ ସଂସ୍ଥାର ମୁଖ୍ୟ ଏକ ସ୍ୱଚ୍ଛ, ନିର୍ବିବାଦୀୟ ଏବଂ ଯୁକ୍ତିଯୁକ୍ତ ପ୍ରକ୍ରିୟା ଅନୁସରଣ କରିବା ସହିତ ଯୋଗ୍ୟତା ସର୍ତ୍ତ ପୂରଣ କରୁଥିବା ପ୍ରାର୍ଥୀଙ୍କୁ ଚୟନ କରିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି ।

ଜମ୍ମୁ-କଶ୍ମୀର ବିଧାନସଭାରେ ବିଧାୟକଙ୍କ ହଙ୍ଗାମା

## ‘୩୭୦’ ପାଇଁ ଧସ୍ତାଧସ୍ତି



■ **ଶ୍ରୀନଗର,୭।୧୧(ଏଜେନ୍ସି):** ଧାରା ୩୭୦ ପ୍ରସଙ୍ଗକୁ ନେଇ ଜମ୍ମୁ କଶ୍ମୀର ବିଧାନସଭାରେ ଗୁରୁବାର ପୁଣି ହଙ୍ଗାମା ହୋଇଛି । ପ୍ରାୟ ୬ ବର୍ଷ ପରେ ଜମ୍ମୁ କାଶ୍ମୀରରେ ନିର୍ବାଚନ ଶେଷ ହେବା ପରେ ଗତ ସୋମବାର ଠାରୁ ପ୍ରଥମ ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି । କିନ୍ତୁ ଧାରା ୩୭୦ ପୁନଃ ପ୍ରବର୍ତ୍ତନ ନେଇ ଶାସକ ନ୍ୟାସନାଲ କନଫରେନ୍ସ ଆଣିଥିବା ପ୍ରସ୍ତାବ ଉପରେ ଆଲୋଚନା କରିବା ପରିପ୍ରେକ୍ଷୀରେ ଉଭୟ ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି । ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାରମୁଲ୍ଲା ଲୋକସଭା ସାଂସଦ ଇଞ୍ଜିନିୟର ରସିଦଙ୍କ ବିଧାୟକ ଭାଇ ଖୁର୍ସିଦ ଅହମ୍ମଦ ଶେଖ ଜମ୍ମୁ କଶ୍ମୀରରେ ଏକ ବ୍ୟାନର ଦେଖାଇବା ସହିତ ଧାରା ୩୭୦ ପୁଣିଥରେ ଲାଗୁ କରି ଜମ୍ମୁ କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ଦେବାକୁ ଦାବି କରିଥିଲେ । କିନ୍ତୁ ବିରୋଧୀ ବିଜେପି ବିଧାୟକମାନେ ଏହାକୁ ତୀବ୍ର ବିରୋଧ କରିବା ସହିତ ଏହି ବ୍ୟାନର ଛଡାଇ ନେବାକୁ ଉଦ୍ୟମ କରିଥିଲେ । ଯାହାକୁ ନେଇ ଗୃହରେ ଜୋରଦାର ହଙ୍ଗାମା ଆରମ୍ଭ ହୋଇଯାଇଥିଲା । ଗୃହ କାର୍ଯ୍ୟ ଚାଲିଥିବା ବେଳେ ବିଧାୟକମାନଙ୍କ ମଧ୍ୟରେ ଠେଲାପେଲା ମଧ୍ୟ ଆରମ୍ଭ ହୋଇଯାଇଥିଲା । ଶାସକ ଓ ବିରୋଧୀ ଦଳର ନେତାମାନେ ପରସ୍ପରକୁ ଧକ୍କା ଦେବାକୁ ଆରମ୍ଭ କରିଥିଲା ବେଳେ ବିରୋଧୀ

### ମାର୍ଶାଲ-ବିରୋଧୀ ସଦସ୍ୟ ଟଣାଓଟରା

ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ଚାଲି ଆସି ନାରାବାଜି କରିଥିଲେ । ଏହାକୁ ନେଇ ସ୍ଥିତି ନିୟନ୍ତ୍ରଣ କରିବାକୁ ବାଚସ୍ପତି ମାର୍ଶାଲ ଡକାଇଥିଲେ । ମାର୍ଶାଲମାନେ ବିରୋଧୀ ସଦସ୍ୟମାନଙ୍କୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିବା ସମୟରେ ସେମାନଙ୍କ ମଧ୍ୟରେ ବି ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଛି । ଫଳରେ ବିଧାନସଭା ପରିସର ▶ପୃଷ୍ଠା-୭

ଜାଉ କଳଙ୍କ

## “ଆମର ୧୨ ବର୍ଷର ତପସ୍ୟାକୁ ଶୁଖୁଆ ପୋଡ଼ାରେ ସାରିଦେଲେ”

■ **ଭୁବନେଶ୍ୱର, ୭।୧୧ (ସମିସ):** ଖାଦ୍ୟାଭାବ ଯୋଗୁଁ କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କ ମହିଳାଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ହେବା ଘଟଣାରେ ରାଜ୍ୟ ସରକାରଙ୍କୁ ଶାଣିତ ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଗରିବ ଲୋକମାନଙ୍କ ଖାଦ୍ୟ ନିରାପତ୍ତା ସହ ସାଲିସ ଘଟଣାରେ ନବୀନ କଠୋର ମନୋଭାବ ପୋଷଣ କରିବା ସହ ବିନା କାରଣରେ ଆଦିବାସୀମାନଙ୍କ ଚାଉଳକୁ ବନ୍ଦ କରି ବିଜେପି ସରକାର ଆମର ୧୨ ବର୍ଷର ତପସ୍ୟାକୁ ଶୁଖୁଆ ପୋଡ଼ାରେ ସାରିଦେଇଛନ୍ତି ବୋଲି କହିଛନ୍ତି ନବୀନ । ଜାଉ କଳଙ୍କ ସମଗ୍ର ଦେଶରେ ଓଡ଼ିଶା ସରକାରଙ୍କ ଭାବମୂର୍ତ୍ତିକୁ ମଳିନ କରିଥିବାବେଳେ ବିରୋଧୀଦଳ ନେତାଙ୍କ ଏପରି କଠୋର ଆଭିମୁଖ୍ୟ ଓ ଶାଣିତ ଆକ୍ରମଣ ବିଜେପି

### ବିନା କାରଣରେ ଆଦିବାସୀଙ୍କ ଚାଉଳକୁ ବନ୍ଦ କରିଛନ୍ତି ବିଜେପି ସରକାର

### ଗରିବ ଲୋକଙ୍କ ଖାଦ୍ୟ ନିରାପତ୍ତା ସହ ସାଲିସକୁ ନବୀନଙ୍କ କଡ଼ା ସମାଲୋଚନା

ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

ଗୁରୁବାର ବିଜୁ ଜନତା ଦଳର ଛାତ୍ରସଙ୍ଗଠନର କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ନବୀନ ରାଜ୍ୟର ବିଜେପି ସରକାରକୁ ସମାଲୋଚନାର ତୀକ୍ଷ୍ଣ ତୀରରେ କ୍ଷତାକ୍ତ କରିଛନ୍ତି । ନବୀନ କହିଛନ୍ତି ଯେ ଭୋଟ ବ୍ୟାଙ୍କ ସୃଷ୍ଟି କରିବା କେବେ ବି ଆମର ଲକ୍ଷ୍ୟ ନ ଥିଲା । ବିକାଶ ଓ କଲ୍ୟାଣ ହେଉଛି ଆମର ଲକ୍ଷ୍ୟ । ଆମ ସରକାର ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣ ଯୋଜନା ଲୋକଙ୍କୁ ସ୍ୱାଭିମାନର ସହ ବଞ୍ଚିବାକୁ ଶକ୍ତି ଦେଇଥିଲା । ଏପରିକି ଭାରତ ସରକାର ବି ଆମର ଅନେକ ଯୋଜନା ଗ୍ରହଣ କରିଛନ୍ତି । ବର୍ତ୍ତମାନ ରାଜ୍ୟର ବିଜେପି ସରକାର ବିନା କାରଣରେ ଗରିବ ଆଦିବାସୀ ଭାଇଭଉଣୀମାନଙ୍କ ଚାଉଳକୁ ବନ୍ଦ କରିଦେଇଛନ୍ତି । ସେମାନଙ୍କୁ ଆମ୍ବ କୋଇଲି ଜାଉ ଖାଇବାକୁ ପରୋକ୍ଷରେ ବାଧ କରିଛନ୍ତି । ▶ପୃଷ୍ଠା-୭



ଜାଉ ମୃତ୍ୟୁ ଘଟଣାରେ ଓଏଚ୍ଆର୍‌ସିଙ୍କ ହସ୍ତକ୍ଷେପ

## ୪ ସପ୍ତାହରେ ତଦନ୍ତ ରିପୋର୍ଟ ଦିଅ

■ **ଭୁବନେଶ୍ୱର, ୭ ।୧୧ (ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକରେ ଭୋକ ବିକଳରେ ବିଷାକ୍ତ ଆମ୍ବ ଟାକୁଆ ଖାଇ ୨ଜଣଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ହେବା ଘଟଣାକୁ ରାଜ୍ୟ ମାନବାଧିକାର କମିସନ୍ ଗୁରୁତ୍ୱର ସହ ନେଇଛନ୍ତି । ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକଙ୍କ ସମେତ ଏ ସଂକ୍ରାନ୍ତ ମୋଟ ୩ଟି ଅଭିଯୋଗକୁ ଗ୍ରହଣ କରି ଆୟୋଗ ଅଧକ୍ଷ ଶତ୍ରୁଘ୍ନ ପୂଜାରୀ ରାଜ୍ୟ ସରକାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ରିପୋର୍ଟ ଆସନ୍ତା ଚାରି ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଆୟୋଗ କହିଛନ୍ତି ।

ଆଜି ମାନ୍ୟବର ଆୟୋଗଙ୍କ ପୀଠରେ ବ୍ୟକ୍ତିଗତ ଭାବରେ ହାଜର ହୋଇ ଉପରୋକ୍ତ ଘଟଣାର ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ ସହିତ କ୍ଷୁଧାରେ ପୀଡିତ ଆଦିବାସୀ ମାନଙ୍କୁ ଉତ୍କୃଷ୍ଟ ଚିକିତ୍ସା ଓ ମାଗଣା ପୃଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ନିମନ୍ତେ ମଧ୍ୟବର୍ତ୍ତୀ କାଳୀନ ନିର୍ଦ୍ଦେଶ ଦେବାକୁ ନିଜ ପକ୍ଷ ରଖିଥିଲେ । ଗତ ଏକ ତାରିଖ ଦିନ ବିଭିନ୍ନ ଖବର କାଗଜରେ ଉକ୍ତ ଘଟଣା ପ୍ରକାଶ ପାଇବା ପରେ ସରକାରଙ୍କ ଅପାରଗତା ଜଣାପଡ଼ିଥିଲା । ରାସନ କାର୍ଡ ନବୀକରଣ ନିମନ୍ତେ ନିରୀହ ଲୋକମାନଙ୍କୁ ପୁଣି ଥରେ ଆଧାର ସଂଯୋଗ ନାମରେ ରାସନ ଦୋକାନୀ ଡିଲର ଚାଉଳ ଦେବା ଗତ ତିନି ମାସ ହେଲା ବନ୍ଦ କରିଛି । ଗରିବ ଆଦିବାସୀ ଖଟିଖିଆମାନେ ବଞ୍ଚିବା ପାଇଁ ମାସକୁ ୧୫ କିଲୋ ଚାଉଳ ଆବଶ୍ୟକ କରୁଥିବା ବେଳେ ପାଞ୍ଚ କିଲୋ ଚାଉଳ ଦଶ ଦିନ ଯାଉଛି । ପରିବାର ଚଳାଇବା ନିମନ୍ତେ ସରକାରୀ କିମ୍ବା ଘରୋଇ କାମଧନ୍ଦା ମିଳୁନାହିଁ । ଲୋକେ ଅବଶିଷ୍ଟ ୨୦ ଦିନ ପେଟ ପୂରାଇ ବଣ ଜଙ୍ଗଲର ଫଳ ▶ପୃଷ୍ଠା-୭

ଝାଡ଼ଖଣ୍ଡ ନିର୍ବାଚନ

## ବିଜେପିକୁ ଅଡୁଆ ଓଡ଼ିଶା ‘ଜାଉ’

### ବିଜେପିକୁ ଆଦିବାସୀ ବିରୋଧୀ କହି ପ୍ରତ୍ୟାଖ୍ୟାନ ପାଇଁ ଆହ୍ୱାନ

### ପ୍ରଚାର ପାଇଁ ଝାଡ଼ଖଣ୍ଡରେ ପହଞ୍ଚିଛନ୍ତି ବହୁ ଓଡ଼ିଶା ନେତା


### ଏଏସ୍ଓଙ୍କୁ ରାଜ୍ୟପାଳଙ୍କ ପୁଅର ମାଡ଼କୁ ପ୍ରସଙ୍ଗ କରିଛି କଂଗ୍ରେସ

■ **ଭୁବନେଶ୍ୱର,୭।୧୧(ସମିସ):** କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ‘ଜାଉ’ ମୃତ୍ୟୁ ଏବେ ରାଜ୍ୟରେ ସୀମିତ ନାହିଁ । ଏହା ଏବେ ଜାତୀୟ ପ୍ରସଙ୍ଗ ହୋଇଛି । ମାତ୍ର ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ମାଣ୍ଡିପଙ୍କା ‘ଜାଉ-ମୃତ୍ୟୁ’ ଘଟଣାକୁ ବିଜେପି ବିରୋଧରେ ଅସ୍ତ୍ର କରିଛି କଂଗ୍ରେସ । ଡ଼ବଲ ଇଞ୍ଜିନ ରାଜ୍ୟରେ ଆଦିବାସୀ ଲୋକ ଚାଉଳ ନ ପାଇ ଭୋକ ବିକଳରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁବରଣ କରୁଥିବା ଘଟଣାକୁ କଂଗ୍ରେସ ନିର୍ବାଚନ ପ୍ରସଙ୍ଗ କରିଛି । ଏହା ସହିତ ଓଡ଼ିଶା ରାଜ୍ୟପାଳଙ୍କ ପୁଅ ଜଣେ ସରକାରୀ ଅଧିକାରୀଙ୍କୁ ପିଟିବା ଘଟଣାକୁ ମଧ୍ୟ କଂଗ୍ରେସ ନେତାମାନେ ପ୍ରଚାର ବେଳେ ଉଲ୍ଲେଖ କରି ବିଜେପିର ଗୁଣ୍ଡାଗର୍ଦ୍ଦିକୁ ଇଙ୍ଗିତ କରିଛନ୍ତି ।

ଗତ ଦୁଇ ଦଶନ୍ଧିରେ ଓଡ଼ିଶାରେ ଯାହା ଘଟି ନ ଥିଲା, ଓଡ଼ିଶାରେ ବିଜେପି ସରକାରକୁ ଆସୁ ଆସୁ ତାହାହିଁ ଘଟିଲା । ଆଦିବାସୀମାନେ ଆମ୍ବ ଟାକୁଆ ଖାଇବାକୁ ବାଧ ହେଲେ । ଯାହାଦ୍ୱାରା ୨ ଆଦିବାସୀ ମହିଳାଙ୍କ ପ୍ରାଣ ଯିବା ସହ ଅନ୍ୟମାନେ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଝାଡ଼ଖଣ୍ଡରେ ବି ଯଦି ବିଜେପି ସରକାରକୁ ଆସେ, ତେବେ ଏଠାରେ ମଧ୍ୟ ସମାନ ଘଟଣା ଘଟିବ ଓ ଆଦିବାସୀମାନେ ▶ପୃଷ୍ଠା-୭

## ଓଡ଼ିଶା ଦେଇ ଯିବ ନୂଆ ଖଡ଼ଗପୁର-ବିଶାଖାପଟ୍ଟନମ୍ ଏକ୍ସପ୍ରେସ ୱେ

■ **ଭୁବନେଶ୍ୱର, ୭।୧୧ (ସମିସ):** ଖଡ଼ଗପୁର-ବିଶାଖାପଟ୍ଟନମ ପର୍ଯ୍ୟନ୍ତ ନିର୍ମାଣ ହେବ ଆଉ ଏକ ଏକ୍ସପ୍ରେସ ୱେ । ଘଣ୍ଟାକୁ ଅନ୍ୟୂନ ୧୨୦ କିଲୋମିଟର ଗତିରେ ଗାଡ଼ି ଚଳାଚଳ ନିମନ୍ତେ ଏହି ସଡ଼କ ପ୍ରସ୍ତୁତ ହେବ । ଏହି ରାସ୍ତା ନିର୍ମାଣ ହେଲେ ଖଡ଼ଗପୁର-ବିଶାଖାପାଟଣା ସଡ଼କ ଯାତ୍ରା ୧୪ ଘଣ୍ଟାରୁ ୮ ଘଣ୍ଟାକୁ ହ୍ରାସ ପାଇବ । ଆବଶ୍ୟକ ହେଲେ ଜରୁରୀ ସମୟରେ ଏହି ସଡ଼କରେ ଉଡ଼ାଜାହାଜ ମଧ୍ୟ ଓହ୍ଲାଇ ପାରିବ । ଦିଲ୍ଲୀ-ମୁମ୍ବାଇ ଓ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ପରି ଏହି ସଡ଼କ ପ୍ରସ୍ତୁତ କରାଯିବ ।




### ୪ରୁ ୬ ଧାଡ଼ିଆ ହେବ ୭୮୩ କିମି ସଡ଼କ

### ଡିପିଆର୍ ପ୍ରସ୍ତୁତ ଲାଗି ୧୮ ସଂସ୍ଥାଙ୍କ ଆଗ୍ରହ

### ୨୦୨୬ ମସିହା ସୁଦ୍ଧା ପ୍ରସ୍ତୁତ ହେବ ଡ଼ିପିଆର

### ୨୦୨୮ ମସିହାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ଲକ୍ଷ୍ୟ

ଚାରିଲେନ୍ ଓ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ୬ ଲେନ୍ ବିଶିଷ୍ଟ ଏହି ରାସ୍ତାର ଡ଼ିପିଆର୍ ପ୍ରସ୍ତୁତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଟେଣ୍ଡର ଆହ୍ୱାନ କରିଛନ୍ତି ଓ ୧୮ ଟି ସଂସ୍ଥା ଏଥିପାଇଁ ଆଗ୍ରହ ଦେଖାଇଛନ୍ତି । ଭାରତମାଳା ପରିଯୋଜନାର ଅଂଶବିଶେଷ କୁହାଯାଉଥିବା ଏହି ୭୮୩ କିମି ରାସ୍ତା ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରିବ । ଆସନ୍ତା ୨୦୨୬ ସୁଦ୍ଧା ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ଶେଷ ହେବ ବୋଲି ଲକ୍ଷ୍ୟ ରହିଛି । ୭୮୩ କିମି ବିଶିଷ୍ଟ ଏହି ରାସ୍ତାକୁ ୨ ଟି ପ୍ୟାକେଜ୍‌ରେ ବିଭକ୍ତ କରାଯାଇଛି । ପ୍ୟାକେଜ୍-୧ରେ ଖଡ଼ଗପୁରରୁ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି ପର୍ଯ୍ୟନ୍ତ ୩୯୦ କିମି ଓ ପ୍ୟାକେଜ୍-୨ରେ ଟାଙ୍ଗୀରୁ ବିଶାଖାପାଟ୍ଟନମ୍ ପର୍ଯ୍ୟନ୍ତ ୩୯୩ କିମି ରହିଛି । ଡିପିଆର୍ ପ୍ରସ୍ତୁତ ପରେ ରାସ୍ତା କାର୍ଯ୍ୟ ପାଇଁ ପରିବେଶ ଅନୁମତି ସହ ଅନ୍ୟ ଅନୁମୋଦନ ପାଇଁ ଆବେଦନ କରାଯିବ ଓ ୨୦୨୮ ସୁଦ୍ଧା ଏହି ପ୍ରକଳ୍ପ ଆରମ୍ଭ ନିମନ୍ତେ ଲକ୍ଷ୍ୟ ରହିଛି ।

ଏହି ଏକ୍ସପ୍ରେସ୍ ୱେ ସମ୍ପୂର୍ଣ୍ଣ ହେବା ପରେ ହାୱଡା-ଚେନ୍ନାଇ ଜାତୀୟ ରାଜପଥ ଉପରୁ ଟ୍ରାଫିକ୍ ହ୍ରାସ ପାଇବ ଓ ଅଧିକାଂଶ ଭାରିଯାନ ଏହି ସଡ଼କ ଦେଇ ଯାତାୟତ କରିବ । ଅନ୍ୟପକ୍ଷରେ ଯାତ୍ରୀ ସହ ମାଲପରିବହନ୍ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବ । ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ହୋଇଥିବା ଏକ୍ସପ୍ରେସ୍ ୱେରେ ଫ୍ଲାଏ ଓଭର୍‌କୁ ଗୁରୁତ୍ୱ ଦିଆଯାଉଛି । ଲମ୍ବା ଫ୍ଲାଏଓଭର ଯୋଗୁଁ ସହର ମଧ୍ୟରେ ସୃଷ୍ଟି ହେଉଥିବା ଯାନବାହନ ଜନିତ ଭିଡ଼ ନିୟନ୍ତ୍ରିତ ହୋଇପାରୁଛି । ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ରହିଥିବା ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ସମାନ୍ତରାଳ ଭାବରେ ଏହି ଏକ୍ସପ୍ରେସ୍ ୱେ ଅତିକ୍ରମ କରିବ ।

## ରଦ୍ଦ ହେବ ପୁରୁଣା ଓ ଅପ୍ରାସଙ୍ଗିକ ଆଇନ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର,୭।୧୧(ସମିସ):** ରାଜ୍ୟବାସୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ମାତ୍ର ଏ କ୍ଷେତ୍ରରେ କେତେକ ପୁରୁଣା ତଥା ବର୍ତ୍ତମାନ ସ୍ଥିତିରେ ଅପ୍ରାସଙ୍ଗିକ ଆଇନ୍ ଅନ୍ତରାୟ ସାଜୁଛି । ତେଣୁ ଓଡ଼ିଶାରେ ଅନେକ ପୁରୁଣା, ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ଚିହ୍ନଟ କରାଯାଇ ରଦ୍ଦ କରାଯିବ । ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।



ଗୁରୁବାର ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଜାଗୃତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଦେଶରେ ବହୁତ ଆଇନ କାନୁନ ରହିଛି । କିନ୍ତୁ ସେଥିରୁ ଅଧିକାଂଶ ଆଉ ପ୍ରାସଙ୍ଗିକ ନୁହେଁ । ତେଣୁ ସେଗୁଡିକୁ ଚିହ୍ନଟ କରାଯାଇ ପର୍ଯ୍ୟାୟକ୍ରମେ ରଦ୍ଦ କରାଯାଉଛି । ଗତ ଦଶ ବର୍ଷରେ ଦେଶରେ ୧,୫୫୦ରୁ ଅଧିକ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରାଯାଇଛି । ଆମ ନ୍ୟାୟ ପ୍ରଣାଳୀ ବା ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ହେଉଛି ଭାରତୀୟ ସମ୍ବିଧାନ ଏବଂ ନ୍ୟାୟ ସଂହିତା । ଏହି ସଂହିତାକୁ ଆଧାର କରି ଆମ ନ୍ୟାୟ ବ୍ୟବସ୍ଥା ପରିଚାଳିତ ହୋଇଥାଏ । କିନ୍ତୁ ୧୮୬୦ ମସିହାରୁ ବ୍ରିଟିଶ ସରକାର ଯେଉଁ ସଂହିତାର ପ୍ରଣୟନ କରିଥିଲେ ତାକୁ ଆମେ ଆଜି ପର୍ଯ୍ୟନ୍ତ ପାଳନ ▶ପୃଷ୍ଠା-୭

ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା

## ରେଳବାଇର ୩ କୋଟି ଟଙ୍କା କ୍ଷତି

### ସ୍ତ୍ରୀଙ୍କୁ ‘ଓକେ’ କହି ଚାକିରି ହରାଇଲେ ଷ୍ଟେସନ ମାଷ୍ଟର !

■ **ରାୟପୁର, ୭।୧୧ (ଏଜେନ୍ସି):** ଗୋଟିଏ ଶବ୍ଦ କିପରି ଜୀବନରେ ବଡ଼ ବିପର୍ଯ୍ୟୟ ଆଣେ ତାହାର ଅନେକ ଉଦାହରଣ ରହିଛି । ମାତ୍ର ଜଣେ ରେଳବାଇ ଅଧିକାରୀଙ୍କ ’ଓକେ’ ତାଙ୍କ ଚାକିରୀ ନେବା, ତାଙ୍କ ପତ୍ନୀଙ୍କ ଛାଡ଼ପତ୍ର ଓ ରେଳବାଇର କୋଟିକୋଟି ଟଙ୍କା କ୍ଷତିର କାରଣ ପାଲଟିବା ସମ୍ଭବତଃ ଭାରତର ପ୍ରଥମ ଘଟଣା ବୋଲି କୁହାଯାଉଛି । ଏହି ରୋଚକ ଘଟଣାଟି ଘଟିଛି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଞ୍ଚଳରେ ।

ରେଳ ଷ୍ଟେସନରେ କାର୍ଯ୍ୟ କରୁଥିବା ଷ୍ଟେସନମାଷ୍ଟରଙ୍କ ଦାୟିତ୍ୱ କେତେ ସମସ୍ତେ ଜାଣନ୍ତି । ତାଙ୍କର ସାମାନ୍ୟ ଅସାବଧାନତା ମୁହୂର୍ତ୍ତକ ମଧ୍ୟରେ ବାହାନଗା ପରି ଘଟଣା ଘଟାଇପାରେ । ବିଶାଖାପାଟଣାରେ କାର୍ଯ୍ୟ କରୁଥିବା ଏହି ଷ୍ଟେସନମାଷ୍ଟରଙ୍କୁ ତାଙ୍କ ପତ୍ନୀ କାର୍ଯ୍ୟ ଅବଧି ମଧ୍ୟରେ ପ୍ରତିଦିନ ବାରମ୍ବାର ଫୋନ କରନ୍ତି । ଘଟଣା ଘଟିବା ଦିନ କୌଣସି କାରଣକୁ ନେଇ ଷ୍ଟେସନମାଷ୍ଟର ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଗୋଟିଏ ଫୋନରେ ଷ୍ଟେସନ ମାଷ୍ଟର ପତ୍ନୀଙ୍କ ସହ ଝଗଡ଼ା କରୁଥିବା ସମୟରେ ତାଙ୍କର ଅନ୍ୟ ଏକ ଫୋନ୍ ବାଜିଥିଲା । ଦ୍ୱିତୀୟ ଫୋନ୍ କଲ ଟି ତାଙ୍କର ସିଗନାଲ୍ ସହକର୍ମୀଙ୍କର ଥିଲା ଓ ଯିଏ ସେହି ସମୟରେ ଗୋଟିଏ ଟ୍ରେନ୍ ଷ୍ଟେସନ ଅତିକ୍ରମ କରିବା ପାଇଁ ଷ୍ଟେସନମାଷ୍ଟରଙ୍କ ସିଗନାଲ ଲୋଡୁଥିଲେ । ସହକର୍ମୀଙ୍କ ଜରୁରୀ ଫୋନକୁ ଅନ୍ କରି ଷ୍ଟେସନ ମାଷ୍ଟର ପତ୍ନୀଙ୍କ ଉଦ୍ଦେଶ୍ୟରେ ଯେଉଁ ’ଘରକୁ ଗଲେ କଥା ହେବା, ଓକେ’ କହିଲେ ତାହା ହିଁ ସବୁ ଅଡୁଆକୁ ଡ଼ାକି ଆଣିଲା । ଅନ୍ୟ ଫୋନ୍ର ଅପରପାର୍ଶ୍ୱରେ ଥିବା ସହକର୍ମୀ ଜଣକ ଷ୍ଟେସନ ମାଷ୍ଟର କହିଥିବା ସମ୍ପୂର୍ଣ୍ଣ ବାକ୍ୟ ଶୁଣି ନ ଥିଲେ । ସେ କେବଳ ଷ୍ଟେସନ ମାଷ୍ଟରଙ୍କ ’ଓକେ’ ଶବ୍ଦଟି ଶୁଣି ଟ୍ରେନ୍ ଯିବା ପାଇଁ ସିଗନାଲ ଦେଇଦେଲେ । ଫଳରେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଚଳାଚଳ ନିଷିଦ୍ଧ ଥିବା ମାଓ ଅଧ୍ୟୁଷିତ ଅଞ୍ଚଳ ରାସ୍ତାରେ ଟ୍ରେନଟି ଚାଲି ଯାଇଥିଲା ।

### ଚାକିରି ଯିବାରୁ ଛାଡ଼ପତ୍ର ପାଇଁ କୋର୍ଟ ଗଲେ

ସହକର୍ମୀଙ୍କୁ ଷ୍ଟେସନ ମାଷ୍ଟରଙ୍କ ଦାୟିତ୍ୱହୀନ ‘ଓକେ’ ଶବ୍ଦ ଯୋଗୁଁ ରେଳବାଇ ଗୁରୁତର ଅସୁବିଧାର ସମ୍ମୁଖୀନ ହୋଇଥିଲା ଓ ପ୍ରାୟ ୩ କୋଟି ଟଙ୍କା ଆର୍ଥିକ କ୍ଷତି ଘଟିଥିବା ଦର୍ଶାଇ ଉଚ୍ଚ ରେଳ ଅଧିକାରୀ ସମ୍ପୃକ୍ତ ଷ୍ଟେସନ ମାଷ୍ଟରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଦେଲେ । ନିଲମ୍ବନ ପରେ ଷ୍ଟେସନମାଷ୍ଟର ତାଙ୍କ ପତ୍ନୀ କାର୍ଯ୍ୟ ସମୟରେ ବାରମ୍ବାର ଫୋନ୍ କରି କାର୍ଯ୍ୟରେ ବାଧା ସୃଷ୍ଟି କରିବା ଓ ମାନସିକ ଉତ୍ପୀଡ଼ନ ଅଭିଯୋଗ ଆଣିବା ସହ ପରିବାର ଅଦାଲତର ▶ପୃଷ୍ଠା-୭

■ ଦାଦନ ରୋକିବାକୁ ଟାସ୍କ ଫୋର୍ସ ବୈଠକ

# ମୋହନ ସରକାରର ଭରସା ନବୀନ ମଡେଲ

**ଭୁବନେଶ୍ୱର,୭।୧୧(ସମିସ):** ଦାଦନ ଚାଲାଣ ଏବେ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ଏହାକୁ କିପରି ରୋକାଯିବ? ଏଥିପାଇଁ ନୂଆ ରଣନୀତି ଦରକାର । ଏଭଳି ଉଦ୍ଦେଶ୍ୟ ନେଇ ଗତକାଲି ଟାସ୍କ ଫୋର୍ସର ବୈଠକ ବସିଲା । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଦୀର୍ଘ ସମୟ ଧରି ବିଚାର ଆଲୋଚନା ଚାଲିଲା । କିନ୍ତୁ କିଛି ନୂଆ ଉପାୟ ମିଳିଲାଣି । ଶେଷରେ ସ୍ଥିର କରାଗଲା ଯେ ଦାଦନ ରୋକିବାକୁ ନବୀନ ସରକାର ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ, ତାହା ହିଁ ଉପଯୁକ୍ତ ପଦକ୍ଷେପ ଥିଲା । ତେଣୁ ସେହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଗଲା ।

■ ପୁଣି ଗଠନ ହେବ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରୀୟ କମିଟି
■ ଜିଲ୍ଲାପାଳଙ୍କ ଉପରେ ଛାଡ଼ିଲେ ସ୍ଥାୟୀ କର୍ମ ନିଯୋଜନ ଦାୟିତ୍ୱ

ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଟାସ୍କ ଫୋର୍ସ ଯେଉଁ ବୈଠକ ହୋଇଥିଲା, ସେଥିରେ ଶ୍ରମିକମାନଙ୍କୁ କାମ ଧନ୍ଦା ଯୋଗାଇ ଦେବା ପାଇଁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ କମ୍ ଏବଂ ନବୀନ ସରକାରଙ୍କ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ ଆଲୋଚନା ହୋଇଥିଲା । ପୂର୍ବ ସରକାର ଯାହା ସବୁ କାର୍ଯ୍ୟକ୍ରମ ପ୍ରଚଳନ କରିଛନ୍ତି ସେଗୁଡ଼ିର ଉପଯୁକ୍ତ କାର୍ଯ୍ୟାନ୍ୱୟନ କରି ଦାଦନ ଯାଉଥିବା ଲୋକଙ୍କ ହିତସାଧନ କରଯାଇପାରିବ ବୋଲି କୁହାଯାଇଥିଲା । ଏପରିକି ବର୍ଷକୁ ୨୦୦ରୁ ୩୦୦ ଦିନ କାମ ଯୋଗାଇ ଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । କିନ୍ତୁ କ'ଣ କାମ ଦିଆଯିବ ତାହା ଉପରେ ପଦୁଟିଏ କହିଲେ ନାହିଁ । ଓଲଟି ଦାଦନ ପ୍ରବଣ ଅଞ୍ଚଳରେ ଲୋକଙ୍କୁ କ'ଣ କାମ ଦିଆଯିବ ତାହାର ନିଷ୍ପତ୍ତି ଜିଲ୍ଲା ପ୍ରଶାସନ ଉପରେ ଛାଡ଼ି ଦିଆଯାଇଛି ।

ଗତ ନିର୍ବାଚନ ପୂର୍ବରୁ ବିରୋଧୀ ଆସନରେ ଥିବା ବେଳେ ବିଜେପି ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକ ତ୍ରୁଟିପୂର୍ଣ୍ଣ କହି ଦାଦନ ଚାଲାଣ ରୋକିବାରେ ସେଗୁଡ଼ିକ ଅସମର୍ଥ ବୋଲି କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଥିଲେ । କିନ୍ତୁ ସେହି କାର୍ଯ୍ୟକ୍ରମ ଏବେ ବିଜେପି ସରକାରଙ୍କ ପାଇଁ ଆଶାବାଡି ସାଜିଛି । ଅନ୍ୟ ରାଜ୍ୟରେ ଇଟା ଭାଟି, କୃଷି ଶ୍ରମିକ, ଅଣକୁଶଳୀ ଶ୍ରମିକ ଭାବେ କାମ କରିବାକୁ ଯାଉଥିବା ଲୋକଙ୍କ ପାଇଁ ନୂଆ କର୍ମ ସଂସ୍ଥାନ ଚିହ୍ନଟ କରିବା ଏକାନ୍ତ ଆବଶ୍ୟକ ହୋଇପଡିଛି ।

ରାଜ୍ୟର ୧୧ ଜିଲ୍ଲାର ୫୦ ବ୍ଲକ୍‌ରେ ଦାଦନ ସମସ୍ୟା ସବୁଠାରୁ ଅଧିକ । ଅଧିକ ରୋଜଗାର ଲୋଭ କିମ୍ବା ଋଣ ପରିଶୋଧ କରିବା ପାଇଁ ହେଉ ସେମାନେ ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହେଉଛନ୍ତି । ଏପରିକି ଦାଦନ ଖଟିବାକୁ ଯାଇ ଗୋଟିଏ ଗ୍ରାମର ଏକାଧିକ ଲୋକ ପ୍ରାଣ ହରାଇଥିଲେ ବି ଅନ୍ୟମାନଙ୍କୁ ଦାଦନ ଯିବାରୁ ତାହା ରୋକିପାରୁ ନାହିଁ । ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ଜରିଆରେ କର୍ମଭିତ୍ତିକ ରୋଜଗାର ସୁବିଧା ରହିଥିଲେ ମଧ୍ୟ ସଚେତନତା ଅଭାବରୁ ସେମାନେ କାମ ଦନ୍ଧା ପାଇଁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି । ପଞ୍ଚାୟତିରାଜ ବିଭାଗ, ବନ ବିଭାଗ, ମିଶନ୍ ଶକ୍ତି, ଏସ୍‌ଟିଏସ୍‌ସି ବିଭାଗ, କୃଷି ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ କର୍ମ ନିଯୋଜନ ପ୍ରୋତ୍ସାହନ ମିଳୁଛି । ଦକ୍ଷତା ବିକାଶ ଜରିଆରେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି ।

ଗତକାଲି ମୁଖ୍ୟ ସଚିବଙ୍କ ବୈଠକରେ କେଉଁ ବ୍ଲକ୍‌ରୁ କେତେ ଦାଦନ ଭାବେ ଅନ୍ୟ ରାଜ୍ୟକୁ ଯାଇଛନ୍ତି ସେମାନଙ୍କୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦାଦନ ପ୍ରବଣ ସବୁ ଗ୍ରାମରେ ସବୁ ଦିନିଆ କାମ ଯୋଗାଇବା ପାଇଁ କୁହାଯାଇଥିଲା । କିନ୍ତୁ ବିଭାଗୱାରୀ କାମ ବ୍ୟତୀତ ନୂଆ କାମ ଯୋଗାଇବା ଦାୟିତ୍ୱ ଜିଲ୍ଲାପାଳଙ୍କୁ ଦିଆଯାଇଛି । ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନେ ବୈଠକରେ ଉପସ୍ଥିତ ଥିଲେ ମଧ୍ୟ ସେମାନେ କେବଳ ପୂର୍ବରୁ କ'ଣ ପଦକ୍ଷେପ ନିଆଯାଇଛି କହିଥିଲେ, ହେଲେ ଆଗକୁ କ'ଣ କରାଯିବା ଆବଶ୍ୟକ ସେ ସମ୍ପର୍କରେ କିଛି ଉତ୍ତର ମିଳିନଥିଲା । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ ଜିଲ୍ଲା ଓ ବ୍ଲକ ସ୍ତରରେ ମଧ୍ୟ କମିଟି ଗଠନ କରି ଦାଦନ ସମସ୍ୟାର ନିରାକରଣ ପାଇଁ କୁହାଯାଇଛି ।

■ ବିଜୁ ଛାତ୍ର ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନରେ ନବୀନ ୩ ସୂତ୍ରୀ ମନ୍ତ୍ର

# ସେବା-କଲ୍ୟାଣ-ବିକାଶ



ଭୁବନେଶ୍ୱର,୭।୧୧(ସମିସ): ବିଜୁ ଛାତ୍ର ଜନତା ଦଳର ସ୍ୱତନ୍ତ୍ର ସଭ୍ୟ ସଂଗ୍ରହ ଅଭିଯାନ ଓ ଦୁଇଦିନିଆ ଡ଼ିଜିଟାଲ ସ୍ୱେଚ୍ଛାସେବୀ କର୍ମଶାଳାରେ ଯୁବ ଓ ଛାତ୍ର କର୍ମୀଙ୍କୁ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦେଇଛନ୍ତି ତିନି ସୂତ୍ରୀ ମନ୍ତ୍ର । ସେବା ଜରିଆରେ ଲୋକଙ୍କ କଲ୍ୟାଣ କରିବା ଓ ସେମାନଙ୍କ ବିକାଶ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି । ଏହା ସହ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହି ବିରୋଧୀଙ୍କ ଅପପ୍ରଚାରର କଡ଼ା ଜବାବ ଦେବାକୁ ମଧ୍ୟ ନବୀନ ଆହ୍ୱାନ ଦେଇଛନ୍ତି ।

କର୍ମଶାଳାକୁ ଉଦଘାଟନ କରି ନବୀନ କହିଛନ୍ତି ଯେ ବିଜେଡି ସରକାର ଅମଳରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆରମ୍ଭ ହୋଇଥିବା ବହୁ ଭଲ ଭଲ ଯୋଜନାକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି । ଏହାକୁ ନେଇ ପିଲାମାନଙ୍କ ଭିତରେ କ୍ରୋଧ ଓ ଅସନ୍ତୋଷ ସୃଷ୍ଟି ହୋଇଛି । ଅନୁରୂପ ଭାବରେବିଜେଡି ସରକାରର ବହୁତ ଯୋଜନାକୁ ମଧ୍ୟ ବନ୍ଦ କରାଯାଇଛି । ଭୋଟ ବ୍ୟାଙ୍କ ସୃଷ୍ଟି କରିବା ନୁହେଁ; ବିକାଶ ଓ କଲ୍ୟାଣ ଆମର ଲକ୍ଷ୍ୟ ଥିଲା ଓ ଭବିଷ୍ୟତରେ ମଧ୍ୟ ଏହି ଲକ୍ଷ୍ୟ ପଥରେ ଆମେ କାମ କରି ଚାଲିବା ବୋଲି ନବୀନ ପରାମର୍ଶ ଦେଇଛନ୍ତି ।

ଏହି ସଦସ୍ୟତା ଅଭିଯାନ କର୍ମଶାଳାରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ତଥା ଜିଲ୍ଲାସ୍ତରୀୟ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷନୁଷ୍ଠାନ ଛାତ୍ରଛାତ୍ରୀ ସାମିଲ ହେବା ସହ ନିଜ ନିଜ ମତାମତ ରଖିଥିଲେ । ଏହା ସହ ତୃଣମୂଳ ସ୍ତରରୁ କ୍ୟାମ୍ପସ ସ୍ତରରେ ଅଧିକରୁ ଅଧିକ ସଦସ୍ୟ ବିଜେଡିରେ କିପରି ସାମିଲ କରାଯିବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ । ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି, ଜୋନ୍ ସଭାପତି ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପରିଚାଳନା କହିଥିଲେ ଯେ ବିଜୁ ଛାତ୍ର ଜନତା ଦଳ ପ୍ରତି ଶିକ୍ଷାନୁଷ୍ଠାନରେ ସଦସ୍ୟତା ଅଭିଯାନକୁ ବ୍ୟାପକ କରି ଦଳରେ ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ସହ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରାଯିବ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ର ସଙ୍ଗଠନର କର୍ମକର୍ତ୍ତା ଓଡ଼ିଶା ନବ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଦେବୀ ମିଶ୍ର, ସଦସ୍ୟତା ଅଭିଯାନ କମିଟି ସଂଯୋଜକ ଅତନୁ ସବ୍ୟସାଚୀ ନାୟକ, କାର୍ଯ୍ୟକ୍ରମ ସମନ୍ୱୟ କମିଟିର ସଂଯୋଜକ ସଞ୍ଜୟ ଦାସ ବର୍ମା, ବରିଷ୍ଠ ନେତା ଅରୁଣ ସାହୁ, ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଅଶୋକ ପଣ୍ଡା, ବିଜୟ ନାୟକଙ୍କ ସହ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

■ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହି ଅପପ୍ରଚାରର ଜବାବ ଦେବାକୁ ପରାମର୍ଶ
■ ଛାତ୍ରଛାତ୍ରୀମାନଙ୍କ ପାଇଁ ହୋଇଥିବା ବହୁ ଯୋଜନାକୁ ରାଜ୍ୟ ସରକାର ବନ୍ଦ କରିଛନ୍ତି

■ ହାଇକୋର୍ଟଙ୍କ ଅନୁମତି

# ଉପର ଓ ତଳ ପଡ଼ିଆରେ ହେବ ବାଲିଯାତ୍ରା

**କଟକ, ୭ ।୧୧(ସମିସ):** ଐତିହାସିକ କଟକ ବାଲିଯାତ୍ରା ମହାନଦୀ ପଠାର ତଳ ପଡ଼ିଆରେ ସୀମିତ ରହିବ ନା ଉପର ପଡ଼ିଆ (କିଲ୍ଲା ପଡ଼ିଆ)ରେ ବି ଆୟୋଜନ ହେବ, ସେନେଇ ଲାଗି ରହିଥିଲା କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ । ଉଭୟ ଉପର ଓ ତଳ ପଡ଼ିଆରେ ଏବର୍ଷ ବାଲିଯାତ୍ରା ଆୟୋଜନ କରିବାକୁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । କଟକ ସହର ସମସ୍ୟା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲା ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ତଳ ପଡ଼ିଆକୁ ଉପର ପଡ଼ିଆ ଯାତ୍ରା ସ୍ଥାନାନ୍ତରରେ ଏନ୍‌ଜିଟି ନିର୍ଦ୍ଦେଶ ବାଧକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ୨୦୨୨ରେ ବାଲିଯାତ୍ରାକୁ ୩୪ ଏକର ପରିମିତ ଅଞ୍ଚଳରେ ସୀମିତ ରଖିବାକୁ ଏନ୍‌ଜିଟି କହିଥିଲେ । ତଳପଡ଼ିଆ ଯାତ୍ରା ପାଇଁ ସମ୍ପୂର୍ଣ୍ଣ ୩୪ ଏକର ଜାଗା ବ୍ୟବହାର ହେଉଥିବା ବେଳେ ଉପର ପଡ଼ିଆ ପାଇଁ ଆବଣ୍ଟନ ହୋଇଥିବା ୬୦୧ପ୍ଲଟ ପାଇଁ ସ୍ଥାନ ଅଭାବ ପଡ଼ିବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ଦର୍ଶାଯାଇଥିଲା । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଆଜି ହାଇକୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ । ଏଥର ବାଲିଯାତ୍ରାରେ ପ୍ରାୟ ୨୩୦୦ରୁ ଅଧିକ ଷ୍ଟଲ ହେଉଛି । ବର୍ତ୍ତମାନ ପ୍ଲଟ ଆବଣ୍ଟନ ସରିଥିବାରୁ ସ୍ଥାନାନ୍ତର ସମ୍ଭବ ନୁହେଁ ବୋଲି ଦର୍ଶାଯାଇଥିଲା ।

ଆଜି ବାଲିଯାତ୍ରା ପ୍ରସଙ୍ଗରେ କଟକ ଜିଲ୍ଲାପାଳ, ଡିସିପି, ୱାଟକୋ ଓ ଅଗ୍ନିଶମ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ସତ୍ୟପାଠ ଦାଖଲ ହୋଇଥିଲା । ହାଇକୋର୍ଟ ବାର୍ ସଭାପତି ବିଜୟ କୁମାର ଦାଶ, ଆଡଭୋକେଟ୍ କମିଟି ସଦସ୍ୟ ମହମ୍ମଦ ଆରିଫ ଉଦ୍ଦିନ ଖାଁ, ସରୋଜ କୁମାର ପାଢ଼ୀ, ବିଭୂତି ଭୂଷଣ ଚୌଧୁରୀ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି ।

# ରାଜ୍ୟରେ ପ୍ରତିଷ୍ଠା ହେବ ୬ ଗ୍ରାମ ନ୍ୟାୟାଳୟ

ଭୁବନେଶ୍ୱର,୭।୧୧(ସମିସ): ଲୋକଙ୍କ ଦୁଆରେ ନ୍ୟାୟ ପହଞ୍ଚିବ । ଲୋକଙ୍କୁ ଧାର୍ଯ୍ୟ ସମୟ ଭିତରେ ନ୍ୟାୟ ମିଳିବ । ଏହି ମର୍ମରେ ଓଡିଶାରେ ଆଉ ୬ଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିଛି । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୩୫୩ଟି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରହିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଛନ୍ତି । ହେଲେ ଏହା ରାଜ୍ୟରେ କେତେଦୂର ଫଳପ୍ରଦ ହେବ, ତାହାକୁ ନେଇ ଆରମ୍ଭରୁ ହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାରଣ, ଭାରତ ସରକାରଙ୍କ ନ୍ୟାୟ ବିଭାଗ ଦ୍ୱାରା ପରିଚାଳିତ ଗ୍ରାମ୍ୟ ନ୍ୟାୟାଳୟରେ ଘୋର ଅବ୍ୟବସ୍ଥା ରହିଛି । ହଜାର ହଜାର ମାମଲା ବିଚାର ଅପେକ୍ଷାରେ ରହିଥିବା ବେଳେ ପାଣ୍ଠି ଅଭାବ ନ୍ୟାୟ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି । ଓଡିଶା ପାଇଁ ୨୪ଟି ଗ୍ରାମ ନ୍ୟାୟାଳୟ ଅନୁମୋଦନ ଲାଭ କରିଥିବା ବେଳେ ସେଥିରୁ ୨୧ଟି କାର୍ଯ୍ୟକ୍ଷମ ଅଛି । ସେଠାକୁ ୪୮୪୯୭ଟି ଫୌଜଦାରୀ ମାମଲା ଆସିଥିବା ବେଳେ ମାତ୍ର ୭୨୫ଟି ମାମଲାର ସମାଧାନ ହୋଇଛି ଏବଂ ୪୭୭୭୨ଟି ମାମଲା ବିଚାର ଅପେକ୍ଷାରେ ଅଛି ।

ଅପରପକ୍ଷେ ଓଡିଶାର ଗ୍ରାମ୍ୟ ନ୍ୟାୟାଳୟକୁ ୧୧୦୬ଟି ସିଭିଲ୍ ମାମଲା ଆସିଥିବା ବେଳେ ସେଥିରୁ ୨୧ଟି ଫଇସଲା ହୋଇଛି ଏବଂ ୧୦୮୫ଟି ମାମଲାର ଫଇସାଲା ବାକି ଅଛି । ଗ୍ରାମ୍ୟ ନ୍ୟାୟାଳୟର ପରିଚାଳନା ନିମନ୍ତେ କେନ୍ଦ ସରକାର ଅଦ୍ୟାବଧି ୫ କୋଟି ୨୪ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ଯେତେବେଳେ ବି ସମୁଦାୟ ୧୨ଟି ରାଜ୍ୟରେ ଥିବା ଗ୍ରାମ୍ୟ ନ୍ୟାୟାଳୟ ପାଇଁ ୮୩ କୋଟି ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କେନ୍ଦ୍ର ନ୍ୟାୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ରାଜ୍ୟ ସରକାର ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ଓ ପରିଚାଳନା କରିଥା'ନ୍ତି । ନ୍ୟାୟିକ ବ୍ୟବସ୍ଥାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗ୍ରାମୀଣ ନ୍ୟାୟାଳୟ ଆଇନ୍ ୨୦୦୮ କାର୍ଯ୍ୟକାରୀ କରିଛନ୍ତି । ସାମାଜିକ, ଆର୍ଥିକ ସ୍ତରରେ ଦୁର୍ବଳ ତଥା ଶାରୀରିକ ଅକ୍ଷମତା କାରଣରୁ କୌଣସି ନାଗରିକ ନ୍ୟାୟ ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ । ୨୦୧୭ ସୁଦ୍ଧା ରାଜ୍ୟର ବିଭିନ୍ନ ପଞ୍ଚାୟତରେ ୧୬ଟି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇଥିଲା ଏବଂ ପରେ ଆଉ ୫ଟି ପ୍ରତିଷ୍ଠା କରାଯାଇଛି । ଏହା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ମାମଲା ବିଚାର ଅପେକ୍ଷାରେ ପଡ଼ି ରହିବା ଏହି ଯୋଜନାର ସଫଳତାରେ ଅନ୍ତରାୟ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଛି ।

ଆଇନ୍ ବିଶେଷଜ୍ଞଙ୍କ ମତରେ କେବଳ ନ୍ୟାୟାଳୟ ପ୍ରତିଷ୍ଠା କଲେ ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚିବ ନାହିଁ । ନ୍ୟାୟାଳୟର ଉପଯୁକ୍ତ ପରିଚାଳନା ହେବା ଆବଶ୍ୟକ । ଓଡିଶାରେ ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା କରିବା ଦ୍ୱାରା ବ୍ୟାପକ ମାନବସମ୍ବଳର ଆବଶ୍ୟକତା ପଡିବ । ସେଗୁଡିକ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ତାହାର ଅନୁଧ୍ୟାନ କରିବା ଜରୁରୀ । ଦୀର୍ଘ ଦିନ ଧରି ଏତେ ସଂଖ୍ୟକ ମାମଲା ପଡି ରହିବା ଅର୍ଥ ନ୍ୟାୟ ବିଭାଗ ପକ୍ଷରୁ ଆବଶ୍ୟକ ତର୍ଜମା ଓ କାର୍ଯ୍ୟାନୁଷ୍ଠାନର ଅଭାବ । ଯେଉଁ ବିଭାଗ ପାଣ୍ଠି ଦେଉଛି ତାହା ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବା ପ୍ରଥମ କାର୍ଯ୍ୟ । ଯଦି ନ୍ୟାୟ ବିଭାଗ ଉପଯୁକ୍ତ ପରିଚାଳନା ଏବଂ ନୀରିକ୍ଷଣ କରିଥା'ନ୍ତେ, ତା'ହେଲେ ଆଜି ଗ୍ରାମ୍ୟ ନ୍ୟାୟାଳୟରେ ୯୦% ମାମଲା ପଡ଼ି ରହି ନ ଥା'ନ୍ତା । ତେଣୁ ନୂଆ ନ୍ୟାୟାଳୟ ପ୍ରତିଷ୍ଠା ସହିତ ପୁରୁଣା ନ୍ୟାୟାଳୟର ଉପଯୁକ୍ତ ପରିଚାଳନା ଆବଶ୍ୟକ ବୋଲି କୁହାଯାଇଛି ।

■ ପୂର୍ବରୁ ୨୧ ନ୍ୟାୟାଳୟରେ ଗଡୁଛି ୯୦% ମାମଲା
■ ପାଣ୍ଠି ଦେଉଛି କେନ୍ଦ୍ର ନ୍ୟାୟ ବିଭାଗ; ଅନୁଧ୍ୟାନ ବେଳକୁ ପଛୁଆ
■ ରୁଜୁ ହେଲାଣି ୫୦ ହଜାରରୁ ଅଧିକ ମାମଲା
■ କେମିତି ପୂରଣ ହେବ ସବୁ ବ୍ଲକ୍‌ରେ ନ୍ୟାୟାଳୟ ପ୍ରତିଷ୍ଠା ଲକ୍ଷ୍ୟ?

# ବାଟ ମଝିରେ ହଟହଟା ପରିବହନ ମନ୍ତ୍ରୀ




**ବାଲେଶ୍ୱର, ୭।୧୧ (ସମିସ):** ଭୋଟ୍ ଦେଇ ଆମେ ନେତା ବାଛିଛୁ, ମନ୍ତ୍ରୀ କରିଛୁ । ତେଣୁ ଆମ ମନ୍ତ୍ରୀଙ୍କୁ ଅଭିଯୋଗ କରିବାରେ ଅସୁବିଧା କେଉଁଠି । ଏଥିରେ କ'ଣ ଭୁଲ୍ ହେଲା, ଅସମ୍ମାନର କଥା ଆସିଲା କୋଉଠୁ । ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ବାଟରେ ଅଟକାଇବା ସହ ପୁଲିସ୍ ସହ ଏମିତି ଯୁକ୍ତି କରିଛନ୍ତି ମାଣିତ୍ରୀ ଅଞ୍ଚଳବାସୀ । ଗୁରୁବାର ସଂଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ବିକ୍ଷୋଭକାରୀମାନଙ୍କୁ ପୁଲିସ୍ ଯେତେ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ । ରାସ୍ତାରୁ ଉଠିନଥିଲେ । ଫଳରେ ବାଧ୍ୟ ହୋଇ ମନ୍ତ୍ରୀ ଅନ୍ୟ ଏକ ରାସ୍ତାରେ ଭୁବେନଶ୍ୱର ଫେରି ଯାଇଥିଲେ । ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି ।

■ ରାସ୍ତା ତିଆରି ଦାବିରେ ବାଟ ଓଗାଳିଲେ ଗ୍ରାମବାସୀ
■ ଅନ୍ୟ ରାସ୍ତାରେ ଫେରିଲେ ଭୁବନେଶ୍ୱର

ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲା ବାଗୁଡ଼ିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବାକୁ ପରିବହନ ମନ୍ତ୍ରୀ ଶ୍ରୀ ଜେନା ଆସିଥିଲେ । ମନ୍ତ୍ରୀ ଆସିଥିବା ଖବର ଶୁଣି ମାଣିତ୍ରୀ ନିକଟରେ ଅଞ୍ଚଳବାସୀମାନେ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ଦିନ ଧରି ସୋର-ବାଗୁଡ଼ି ରାସ୍ତା ଅବସ୍ଥା ଶୋଚନୀୟ ଥିଲେ ହେଁ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଏ ସଂପର୍କରେ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ହେଁ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ । ଏହାର ପ୍ରତିବାଦରେ ସେମାନେ ଭୁବନେଶ୍ୱର ଫେରିବା ବାଟରେ ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇଥିଲେ । ଏହି ରାସ୍ତା କାମ ପାଇଁ ମନ୍ତ୍ରୀ ବିଧିବଦ୍ଧ ଭାବେ ଆଦେଶ ନଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ । ପୁଲିସ୍ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ କିଛି ଲାଭ ହୋଇନଥିଲା । ଲୋକମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ । ଫଳରେ କୌଣସି ଉପାୟ ନପାଇ ମନ୍ତ୍ରୀ ଅଧାରୁ ଫେରି ରାସ୍ତା ବଦଳାଇ ଅନ୍ୟ ବାଟ ଦେଇ ଭୁବନେଶ୍ୱର ଫେରିଯାଇଥିଲେ । ଏହାକୁ ନେଇ ଲୋକମାନଙ୍କ ମଧ୍ୟ ରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି ।

# ରାଜପଥରେ ମହାବଳ

ରଙ୍ଗେଇଲୁଣ୍ଡା, ୭ ।୧୧(ସମିସ): ଗତ କିଛି ଦିନ ହେଲା ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଓ ମୋହନା ଅଞ୍ଚଳରେ ଘୂରି ବୁଲୁଥିବା ମହାବଳ ବାଘ କ୍ୟାମେରାରେ କଏଦ୍ ହୋଇଛି । ଗତ ଶନିବାର ବାଘଟି ୧୬ ନମ୍ବର ଜାତୀୟ ରାଜପଥର ଗୋଳନ୍ଥରା ଥାନା ଓ ରୋଲାଣ୍ଡ କଲେଜ ମଝିରେ ରାସ୍ତା ପାର ହେଉଥିବା ବେଳେ ଜଣେ ବ୍ୟକ୍ତି ଏହାର ପୂରା ଦୃଶ୍ୟ କ୍ୟାମେରାରେ କଏଦ୍ କରିନେଇଥିଲେ । ସୋସିଆଲ ମିଡିଆରେ ଏହି



ଭିଡିଓ ଭାଇରାଲ୍ ହେବା ପରେ ଘଟଣା ପଦାକୁ ଆସିଛି । ଅପରପକ୍ଷେ, ଗତ ମଙ୍ଗଳବାର ଏହି ବାଘଟି ଚିକିଟି ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦନଗର ପଞ୍ଚାୟତର ପନାଡ଼ ଗ୍ରାମ ବଣରେ ଜୁରିଆ ପ୍ରଧାନଙ୍କର ଦୁଇଟି ଛେଳି ଏବଂ ଟୁକୁନା ଗୌଡ଼ ଓ ଲକ୍ଷ୍ମୀ ଗୌଡ଼ଙ୍କ ଗୋଟିଏ ଲେଖାଏଁ ଛେଳିକୁ ମାରି ଖାଇଥିବା ଜଣାଯାଇଛି । ବୁଧବାର ଜଙ୍ଗଲରେ ଛେଳିଗୁଡ଼ିକର ଦରଖିଆ ଗୋଡ଼ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଖବର ପାଇ ବନ ବିଭାଗ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରିବା ସହ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ କହିଥିଲେ । ବାଘ ଚଳପ୍ରଚଳକୁ ନେଇ ସ୍ଥାନୀୟ ଗ୍ରାମରେ ଭୟର ବାତାବରଣ ଖେଳି ଯାଇଛି ।

ସୂଚନା ଅନୁସାରେ, ହାଇଦ୍ରାବାଦର ଏକ ପରିବାର ବୁଲିବାକୁ ପୁରୀ ଆସିଥିଲେ । ଗତ ଶନିବାର ରାତିରେ ଏକ କାର୍ ଯୋଗେ ସେମାନେ ୧୬ ଜାତୀୟ ରାଜପଥ ଦେଇ ସେମାନେ ଫେରୁଥିବା ବେଳେ ରୋଲାଣ୍ଡ କଲେଜ ନିକଟରେ ରାଜପଥ ଦେଇ ଏକ ମହାବଳ ବାଘ ପାର ହେଉଥିବା ଦେଖିବାକୁ ପାଇଥିଲେ । କାର୍‌ରେ ଲାଗିଥିବା କ୍ୟାମେରାରେ ଏହାର ପୂରା ଦୃଶ୍ୟ ରେକର୍ଡିଂ ହୋଇଥିଲା । ଏହି ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଘାଟିକାଲୁଆ, ଭାଲିଆଗଡ଼, ପାଲୁର ହିଲ ଓ ଆଖ ପାଖ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଖବର ପାଇ ବ୍ରହ୍ମପୁର ଡିଏଫ୍‌ଓ ଶନି ଖୋଖର ଓ ଅନ୍ୟ ବନ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାଘ ରାସ୍ତା ପାର ହୋଇଥିବା ଆଖପାଖ ଅଞ୍ଚଳ ବୁଲି ଦେଖିଥିଲେ । ସେମାନେ ବାଘର ଯିବା ଆସିବା ପାଦଚିହ୍ନ ମଧ୍ୟ ଦେଖିବାକୁ ପାଇଥିଲେ ।

■ ପନାଡ଼ରେ ୪ ଛେଳି ମାରି ଖାଇଲା ବାଘ
■ ବାଘ ରାସ୍ତା ପାର ହେଉଥିବା ଭିଡିଓ ଭାଇରାଲ୍

# ବାର୍‌ହା ଫାଶରେ କଲରାପତରିଆ

**ଢେଙ୍କାନାଳ/କାମାକ୍ଷାନଗର, ୭ ।୧୧(ସମିସ):** ଢେଙ୍କାନାଳ ବନଖଣ୍ଡ ଅଧୀନ କାମାକ୍ଷାନଗର ଉପଖଣ୍ଡର ମହାବିରୋଡ୍ ରେଞ୍ଜ ଦଦରାଘାଟି ସେକ୍ସନ୍ ଘାଗରାମୁଣ୍ଡା ବିଟ୍ ଅନ୍ତର୍ଗତ ଅସନବାହାଳୀ ଜଙ୍ଗଲରେ ବାର୍‌ହା ଫାଶରେ ପଡ଼ିଥିବା ଏକ କଲରାପତରିଆ ବାଘକୁ ବନ ବିଭାଗ ଉଦ୍ଧାର କରିଛି । ପାଖାପାଖି ୯ ଘଣ୍ଟା ଧରି କସରତ କରିବା ପରେ ବାଘକୁ ଟ୍ରାଙ୍କୁଲାଇଜ୍ କରି ଧରାଯାଇଥିଲା । ଏଥିପାଇଁ ଜଙ୍ଗଲ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଥିଲା । ତେବେ ବାଘଟି ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ତାକୁ ଆଜି ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ପଠାଯାଇଥିବା ଜଣାପଡ଼ିଛି । ବାଘଟିର ବୟସ ୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି ।

ସୂଚନାନୁସାରେ, କିଛି ଶିକାରୀ ବାର୍‌ହା ଶିକାର କରିବା ଉଦ୍ଦେଶ୍ୟରେ ଅସନବାହାଳୀ ଜଙ୍ଗଲରେ ଜାଲ ବିଛାଇଥିଲେ । କଲରାପତରିଆ ବାଘଟି ଖାଦ୍ୟ ଅନ୍ୱେଷଣରେ ଆସି ଏହି ଜାଲରେ ପଡ଼ିଯାଇଥିଲା । ଉକ୍ତ ଅଞ୍ଚଳରେ ପ୍ରାୟ ସମୟରେ ହରିଣ, ବାର୍‌ହା, କୁଟ୍‌ରା ଶିକାର କରାଯାଉଥିବା ବେଳେ ଏହି କଲରାପତରିଆ ବାଘଟି ବାରହା ଫାଶରେ ପଡ଼ିଯାଇଥିଲା । ସ୍ଥାନୀୟ କେତେକ ଗ୍ରାମବାସୀ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ । ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଥିଲେ । ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସଦର, କାମାକ୍ଷାନଗର ଓ ମହାବିରୋଡ୍ ରେଞ୍ଜ ଅଧିକାରୀ, ଫରେଷ୍ଟର ଓ ଗାର୍ଡ ପହଞ୍ଚି ବାଘଟିକୁ ଟ୍ରାଙ୍କୁଲାଇଜ୍ କରି ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି । ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ବାଘକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ସେ ସହଜରେ ଧରା ନ ଦେଇ ଛଟପଟ ହୋଇଥିଲା । ତେଣୁ ତାକୁ ଧରିବା ପାଇଁ ଭୁବନେଶ୍ୱର, କେଉଁଝର, ଢେଙ୍କାନାଳ, ଅନଗୁଳ ଓ କପିଳାସ ରେସକ୍ୟୁ ଟିମ୍ ସହ ସ୍ୱତନ୍ତ୍ର ଟ୍ରାଙ୍କୁଲାଇଜ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ବନାଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଓ ପୁଲିସ ବାଘଟିକୁ ସୁରକ୍ଷିତ ଉଦ୍ଧାର କରିବା ପରେ ତାକୁ ନନ୍ଦନକାନନକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ଢେଙ୍କାନାଳ ଡିଏଫଓ ସୁମିତ କର ସୂଚନା ଦେଇଛନ୍ତି ।

■ ଟ୍ରାଙ୍କୁଲାଇଜ୍ କରି ଧରିଲା ବନ ବିଭାଗ
■ ଚିକିତ୍ସା ପାଇଁ ନନ୍ଦନକାନନ ଗଲା





## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

# 'ଶିଶୁଙ୍କ ଦକ୍ଷତା ଓ ପ୍ରତିଭାକୁ ପ୍ରସ୍ଫୁଟିତ କରିବାକୁ ଏକ ମାଧ୍ୟମ'

**ଯାଜପୁର, ୭ ।୧୧(ସମିସ)**




ଚଳିତବର୍ଷ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା କହିଥିଲେ, ସୁରଭି ହେଉଛି ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ। ଶିଶୁଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିଥାଏ । ଶିଶୁଙ୍କ ଦକ୍ଷତା ଓ ପ୍ରତିଭାକୁ ପ୍ରସ୍ଫୁଟିତ କରିବାକୁ ସୁରଭି ଏକ ମାଧ୍ୟମ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠତ୍ୱ ଦେଖାଇ ରାଜ୍ୟ ସ୍ତରକୁ ମନୋନୀତ ହେବେ। ରାଜ୍ୟ ସ୍ତରରେ କୃତିତ୍ୱ ହାସଲ କରି ଜିଲ୍ଲାକୁ ଗୌରବାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

ଜିଲ୍ଲା ଶିକ୍ଷା ଅଧିକାରିଣୀ ତଥା ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀମତୀ ନିବେଦିତା ପାଣି 'ସୁରଭି'ରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଜୀବନରେ ଉନ୍ନତି କରିବା ପାଇଁ କହିବା ସହ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ଅର୍ଜନ କରିବାକୁ ଉତ୍ସାହିତ କରିଥିଲେ ଓ ଅଭିନନ୍ଦନ ଜଣାଇଥିଲେ। ୧୦ଟି ବ୍ଲକର ୩୪୭ଜଣ ପ୍ରତିଯୋଗୀଙ୍କୁ ନେଇ ୯ଟି ଇଭେଣ୍ଟରେ ଜିଲ୍ଲାସ୍ତରୀୟ ବିଭିନ୍ନ ଇଭେଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଯାହାକି ତିନୋଟି ବିଭାଗ ଜୁନିୟର, ସିନିୟର, ଓ ହାଇୟର ସେକେଣ୍ଡାରୀ ଗ୍ରୁପରେ ପ୍ରତିଯୋଗିତା ହୋଇଛି। ଏଥିରେ ସଫଳ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହେବେ। ଆସନ୍ତା ୧୨, ୧୩ ଓ ୧୪ ତାରିଖ ତିନିଦିନ ଧରି ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଜିଲ୍ଲା ସ୍ତର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ କହିଥିଲେ, ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଜଣେ ଜଣେ ବିଜୟୀ। ପାଠପଢ଼ା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ଅର୍ଜନ କରିବାକୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ, ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସିଆରସିସି, ଜିଲ୍ଲା ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଦେବା ସହିତ କିପରି ଏକାଠି ମିଶି କାମ କଲେ ଆମେ ଶୀଘ୍ର ସଫଳତା ପାଇପାରିବା, ସେ ବିଷୟରେ ଏକ ଉଦାହରଣ ମାଧ୍ୟମରେ କହିଥିଲେ। ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ, ଏହି ପ୍ରତିଯୋଗିତାରେ ବିଜୟ ହାସଲ କରିଥିବା ପିଲା ହୁଏତ ସେଇଠି ରହିଯାଇପାରେ, କିନ୍ତୁ ପରାଜିତ ହୋଇଥିବା ପିଲା ବହୁତ ଆଗକୁ ଯିବାର ସୁଯୋଗ ପାଇଥାଏ ଓ ବହୁତ କିଛି ଶିଖିବାକୁ ପାଇଥାଏ। ଯାହା ସେମାନଙ୍କୁ ଆଗକୁ ଯିବାକୁ ପ୍ରେରଣା ଦେଇଥାଏ। ଚଳିତ ବର୍ଷ ଏହି ଶିଶୁ ମହୋତ୍ସବରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୩୫୦ ଜଣ ପ୍ରତିଯୋଗୀ, ଯେଉଁମାନେ ପ୍ରଥମେ କ୍ଲଷ୍ଟର, ପରେ ବ୍ଲକ ସ୍ତରରେ ମନୋନୀତ ହୋଇ ଆଜି ଜିଲ୍ଲା ସ୍ତରରେ ଭାଗ ନେଇଛନ୍ତି। ଏଠାରେ କୃତୀ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏ ଅବସରରେ ତର୍କ, ପ୍ରବନ୍ଧ, କୁଇଜ୍, ସୃଜନାତ୍ମକ ଲେଖନୀ, ଚିତ୍ରାଙ୍କନ, ଦେଶାତ୍ମବୋଧ ସଙ୍ଗୀତ, ଓଡ଼ିଆ ବକ୍ତୃତା, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ (ଓଡ଼ିଶାର ଲୋକ ନୃତ୍ୟ), ମଧ୍ୟାହ୍ନ ଭୋଜନର ଚିତ୍ରକଳା ଓ ଶିଳ୍ପ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ୮୭ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ବିତରଣ କରିଥିଲେ।

## ମା' ଖଣ୍ଡୁରାଇ ଉତ୍ସବକୁ ମହୋତ୍ସବ ରୂପ ଦେବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି



**ସୁକିନ୍ଦା, ୭।୧୧(ସମିସ):** ଦୀର୍ଘବର୍ଷ ଧରି ସୁକିନ୍ଦା ସଦର ମହକୁମାରେ ଚାଲିଆସିଥିବା ଖଣ୍ଡୁରାଇ ପୂଜା ଉତ୍ସବକୁ ମହୋତ୍ସବର ରୂପ ଦେବାକୁ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦଯାପନୀ ସନ୍ଧ୍ୟାରେ ପ୍ରତିଶ୍ରୁତି ଦେଇଛନ୍ତି। ଗତ ୩୧ ତାରିଖରୁ ମା' ଖଣ୍ଡୁରାଇଙ୍କ ପୀଠରେ ଚାଲିଥିବା ପୂଜା ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତ ବର୍ଷ ଉତ୍ସବ ଆୟୋଜନ କରିଥିବା ଯୁବକଙ୍କ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁକିନ୍ଦାରେ ଜନ୍ମ ହୋଇଥିବାରୁ ନିଜେ ଗୌରବ ଅନୁଭବ କରୁଥିବା ପ୍ରକାଶ କରିଥିଲେ। ଚଳିତ ବର୍ଷ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ମଞ୍ଚରେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ୩୯ନଂ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକ ଯୋଗଦେଇଥିଲେ। ଏ ଅବସରରେ କଟକର ସଙ୍ଗମ ଅର୍କେଷ୍ଟ୍ରା ଦ୍ୱାରା ମଞ୍ଚସ୍ଥ ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ସୁକିନ୍ଦା ଖଣ୍ଡୁରାଇ ପୂଜା କମିଟି ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୌରିକ ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ

**କାଳିଆପାଣି, ୭।୧୧(ସମିସ):** ଆଗାମୀ ୨୦୨୫ ସୌରିକ ଯୁବ ମହୋତ୍ସବ ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାଳିଆପାଣି ଓଡ଼ିଶା ଖଣି ନିଗମ ଅତିଥି ଭବନରେ ଅନୁଷ୍ଠିତ ଏହି ବୈଠକରେ ସମାଜସେବୀ ତଥା ଯୁବ ସଂଗଠକ ଅମଳେନ୍ଦୁ ବେହୁରା ସଭାପତିତ୍ୱ କରିଥିଲେ। ଏଥିରେ ଖଣି ଅଞ୍ଚଳର ବହୁ ଛାମୁଆଁ ନେତା, ବୁଦ୍ଧିଜୀବୀ ଓ ଯୁବକ ଉପସ୍ଥିତ ଥିଲେ। ଆଗାମୀ ଯୁବ ମହୋତ୍ସବର ଚୂଡ଼ାନ୍ତ ରୂପରେଖ ଆସନ୍ତା ୧୧ ତାରିଖ ସୋମବାର ଦିନ ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ନିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଆସନ୍ତା ସୌରିକ ଯୁବ ମହୋତ୍ସବର ସଫଳ ଆୟୋଜନ ପାଇଁ ଖଣି ଅଞ୍ଚଳର ସମସ୍ତ ଜନସାଧାରଣ, କମ୍ପାନୀ, କଣ୍ଟ୍ରାକ୍ଟର, ଟ୍ରାନ୍ସପୋର୍ଟରଙ୍କଠାରୁ ସହଯୋଗ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଖଣି ଅଞ୍ଚଳର ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ମହାନ୍ତ, ଯୁବ ସଂଗଠକ ଦୀପକ କୁମାର ପାତ୍ର, ମନୋଜ କୁମାର ମହାନ୍ତ, ଲମ୍ବୋଦର ମହାନ୍ତ, ଦିଲ୍ଲୀପ କୁମାର ନାୟକ, ପ୍ରମୋଦ ଦାସ, ଲିଟୁନ ମହାନ୍ତ, ଜିତେନ୍ଦ୍ର ମହାନ୍ତ ଓ ସାମ୍ବାଦିକ ରବିନାରାୟଣ କର, ଲମ୍ବୋଦର ଦଳବେହେରା, ଅସିତ କୁମାର ମହାନ୍ତ ଓ ଦୟାନିଧି ମହାନ୍ତ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ପ୍ରମାଣପତ୍ରରେ ତ୍ରୁଟି ଅଭିଯୋଗ

**ବାଲିଚନ୍ଦ୍ରପୁର, ୭।୧୧(ସମିସ):** ବଡ଼ଚଣା ବ୍ଲକ ନଳିପୁର ପଞ୍ଚାୟତ ନଳିପୁର ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ବଳଙ୍କ ସାନପୁଅ ଉମେଶ ଚନ୍ଦ୍ର ବଳ (୪୦)। ସେ ଜନ୍ମରୁ ଭିନ୍ନକ୍ଷମ। ୨୦୦୧ରେ ଜିଲ୍ଲା ମେଡ଼ିକାଲ ପକ୍ଷରୁ ତାଙ୍କୁ ଶତକଡ଼ା ଶହେ ପ୍ରତିଶତ ଅକ୍ଷମତା ପ୍ରମାଣପତ୍ର ମିଳିଥିଲା। ତେବେ ଗତ ଜାନୁଆରୀ ମାସରେ ଧାନମଣ୍ଡଳରେ ଆୟୋଜିତ ଶିବିରରେ ଉମେଶଙ୍କୁ ଶତକଡ଼ା ୬୦ ଭାଗ ଅକ୍ଷମତା ଦର୍ଶାଯାଇ ପ୍ରମାଣପତ୍ର ମିଳିଥିଲା। ଏହା କିଭଳି ସମ୍ଭବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଭଳି ପରୀକ୍ଷା କରି ବିଭାଗୀୟ ଅଧିକାରୀ ତାଙ୍କୁ ୬୦ ଭାଗ ଅକ୍ଷମତା ଦର୍ଶାଇ ପ୍ରମାଣପତ୍ର ଦେଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ ୭୫ ବର୍ଷୀୟ ବୃଦ୍ଧା ମାଆ ଏ ସଂକ୍ରାନ୍ତରେ କିଛି ଜାଣିପାରିନାହାନ୍ତି। ଏ ସମ୍ପର୍କରେ ସୂଚନା ପାଇ ଆମ 'ସକାଳ' ପ୍ରତିନିଧି ଦିବ୍ୟାଙ୍ଗ ଉମେଶଙ୍କ ବାସଭବନରେ ପହଞ୍ଚି ଉମେଶଙ୍କ ବାସ୍ତବ ଚିତ୍ରକୁ ଆଖିରେ ଦେଖିଥିଲେ। ଉମେଶଙ୍କ ଅବସ୍ଥାକୁ ଯିଏ ଦେଖିବ, ସିଏ ଅନୁଭବ କରିପାରିବ ଉମେଶ ବାସ୍ତବରେ କେତେ ପ୍ରତିଶତ ଭିନ୍ନକ୍ଷମ। ୩୦/୪୦ ପ୍ରତିଶତ ଅକ୍ଷମତା ଥିବା ଦିବ୍ୟାଙ୍ଗଙ୍କୁ ବିଭିନ୍ନ କୌଶଳ କରି ଅଧିକ ପ୍ରତିଶତ ଅକ୍ଷମତା ପ୍ରମାଣପତ୍ର ହାସଲ କରାଯାଉଛି। ଅଥଚ ବାସ୍ତବ କ୍ଷେତ୍ରରେ ଉମେଶ ଶତକଡ଼ା ଶହେ ପ୍ରତିଶତ ଅକ୍ଷମତା ଥାଇ ସୁଦ୍ଧା ତାଙ୍କୁ କାହିଁକି ୬୦ ପ୍ରତିଶତ ପ୍ରମାଣପତ୍ର ପ୍ରଦାନ କରାଗଲା, ତାହା ବିସ୍ମୟକର କଥା ବୋଲି ଆଲୋଚନା ହେଉଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରି ଉମେଶଙ୍କୁ ନ୍ୟାୟ ଦେବାକୁ ତା'ର ବୃଦ୍ଧା ମାଆ ନିବେଦନ କରିଛନ୍ତି। ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ସୁଭାଶିଷ ମହାରଣାଙ୍କୁ ଯୋଗାଯୋଗ କରିବାରୁ ଯଦି ପ୍ରମାଣପତ୍ର ଭୁଲ ଅଛି ବୋଲି ଉମେଶ ଅନୁଭବ କରୁଛନ୍ତି, ତେବେ ଜିଲ୍ଲା ଚିକିତ୍ସାଳୟ ଆସି ରାଜ୍ୟ ଦିବ୍ୟାଙ୍ଗ ବୋର୍ଡ଼ ନିକଟରେ ଅଭିଯୋଗ କଲେ ସୁଫଳ ମିଳିବ ବୋଲି କହିଛନ୍ତି।

## ସରକାରୀ ପ୍ରକଳ୍ପ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



**ଦାନଗଦି, ୭ ।୧୧(ସମିସ):** ଦାନଗଦିସ୍ଥ ଓଲଳ ଗ୍ରାମରେ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଓଲଳ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଦ୍ୱାରା ନିର୍ମିତ ନୂତନ ଶ୍ରେଣୀ ଗୃହକୁ ଏନ୍‌ଆଇଏନ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର କୁମାର ମେହେଟ୍ଟା ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ଓଲଳ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ଥାନୀୟ କମ୍ୟୁନିଟି ସଦସ୍ୟ ଓ ବିଦ୍ୟାଳୟ ପରିଚାଳନା ସମିତି (ଏସ୍‌ଏମ୍‌ସି) ସଦସ୍ୟ ଉପସ୍ଥିତ ଥିଲେ। ଏନଆଇଏନଏଲ କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଫୁଟ୍‌ବଲ, ଫ୍ଲାଇଂଡିଶ, ଦଉଡି ଡିଆଁ ଓ ବ୍ୟାଟ୍ ଭଳି ବିଭିନ୍ନ କ୍ରୀଡ଼ା ଉପକରଣ ପ୍ରଦାନ କରିଥିଲେ। ୧୬୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ଶ୍ରେଣୀଗୃହ ପ୍ଲାଣ୍ଟର ଆଖପାଖ ଗ୍ରାମାଞ୍ଚଳ ଓ ଆଦିବାସୀ ସମ୍ପ୍ରଦାୟର ପିଲାଙ୍କ ପାଇଁ ସକାରାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବ। ଏନ୍‌ଆଇଏନ୍‌ଏଲ୍ ସହଯୋଗରେ ଏହା ହୋଇପାରିଛି। ଏହା ଆଖପାଖ ଗାଁର ପ୍ରାୟ ୧୯୦ ଜଣ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶୈକ୍ଷିକ ବାତାବରଣ ପ୍ରଦାନ କରିବ। ସୁଧୀର କୁମାର ମେହେଟ୍ଟା କହିଛନ୍ତି, କଳିଙ୍ଗନଗରବାସୀଙ୍କ ପାଇଁ ତୃଣମୂଳ ସ୍ତରରେ ଶିକ୍ଷାର ସଶକ୍ତୀକରଣ ପାଇଁ ଆମର ମିଳିତ ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଏହି ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇଛି। ଏହା ଏକ ସୁରକ୍ଷିତ ଓ ଶୈକ୍ଷିକ ବାତାବରଣ ପ୍ରଦାନ କରି ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବ। ପ୍ରତ୍ୟେକ ପିଲାଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବ। ଏହି ନୂତନ ଶ୍ରେଣୀଗୃହ ଛାତ୍ରଛାତ୍ରଙ୍କ ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟକ ହେବ। ପିଲାଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ ପାଇଁ ପଥ ପ୍ରଦର୍ଶନ କରିବ ବୋଲି କହିଥିଲେ।

## ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**କବାଟବନ୍ଧ, ୭।୧୧ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛଦା ପଞ୍ଚାୟତ ଅଧୀନ ସିଧାପାଳ ଖେଳ ପଡ଼ିଆରେ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଡ଼ିଓ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଧର୍ମଶାଳା ବିଧାୟକଙ୍କ ମାଆ ସମାଜସେବୀ ମିନତୀ ସାହୁ ଓ ଭାଇ ସୀତାଂଶୁ ସାହୁ ଯୋଗଦେଇ ରୋଗୀଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ନିର୍ବାଚନମଣ୍ଡଳୀର ସମସ୍ତ ୫୪ଟି ପଞ୍ଚାୟତରେ ଏହି ଶିବିର ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ନର୍ସିଂ ଅଫିସରଙ୍କୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଦୁର୍ବ୍ୟବହାର ଅଭିଯୋଗ

**ମଙ୍ଗଳପୁର, ୭।୧୧ (ସମିସ):** ଦଶରଥପୁର ବ୍ଲକର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦଶରଥପୁର, ବିଂଝାରପୁର, ଆଳି, କେନ୍ଦ୍ରାପଡ଼ା ଓ ଭଦ୍ରକ ଆଦି ଅଞ୍ଚଳର ଜନସାଧାରଣ ନିର୍ଭର କରୁଥବାବେଳେ ବିଭିନ୍ନ ସମୟରେ ଡାକ୍ତର, ନର୍ସ, ସୁରକ୍ଷା କର୍ମୀ ବିଭିନ୍ନ ଆକ୍ରମଣର ଶିକାର ହୋଇଥା'ନ୍ତି। ଆଜି ଏମିତି ଏକ ଘଟଣା ଦେଖିବାକୁ ମିଳିଛି। ଆଜି ନର୍ସିଂ ଅଫିସର ପୁଷ୍ପଲତା ପୃଷ୍ଟିଙ୍କୁ ୬ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ ଇଞ୍ଜେକ୍ସନ ଦେବାକୁ କହିଥିଲେ। କାର୍ଯ୍ୟରତ ନର୍ସ ତାଙ୍କୁ ରେଜିଷ୍ଟରରେ ନାମ ଏଣ୍ଟ୍ରି କରିବାକୁ କହିଥିଲେ। ଏହି ସାମାନ୍ୟ କଥାରେ ମାମିନା ମଲ୍ଲିକ ନିଜର ପାୱାର ଦେଖାଇ ମୁଁ କିଏ ମୋତେ ଚିହ୍ନିନା। ଏବେ ଚାହିଁଲେ ତୋ ଚାକିରି ଖାଇଦେବି କହିବା ସହ ନର୍ସିଂ ଅଫିସର ଜଣକୁ ଦୁର୍ବ୍ୟବହାର କରିବା ସହ ନର୍ସିଂ ଅଫିସରଙ୍କ ଉପରକୁ ପାନ ଛେପ ପକାଇଥିବା ନେଇ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

## ଲକ୍ଷ୍ମୀନାରାୟଣ ପୂଜା କମିଟି ସାଂସ୍କୃତିକ କାର୍ଯ୍ୟକ୍ରମ

# 'ଆଧ୍ୟାତ୍ମିକ ଚେତନା ହିଁ ଓଡ଼ିଆ ସଂସ୍କୃତିର ମୂଳଦୁଆ'



**ବିଞ୍ଝାରପୁର, ୭ ।୧୧(ସମିସ):** ଓଡ଼ିଶା ବିଧାନସଭାର ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ବିଞ୍ଝାରପୁର ଟ୍ରେଜେରୀ ଛକରେ ଲକ୍ଷ୍ମୀନାରାୟଣ ପୂଜା ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଆଧ୍ୟାତ୍ମିକ ଚେତନା ହିଁ ଓଡ଼ିଆ ସଂସ୍କୃତିର ମୂଳଦୂଆ ଓ ସମାଜରେ ସମସ୍ତେ ଆଧ୍ୟାତ୍ମିକବାଦୀ ହେବା ଜରୁରି ବୋଲି ମତବ୍ୟକ୍ତ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୀଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟତମ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଏହି କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଦେବା ସହ କହିଥିଲେ, ଆଜିର ଦୁନିଆରେ ଏଭଳି କିଛି ଆୟୋଜକଙ୍କୁ ଓଡିଆ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଈଶ୍ୱର ଆଶୀର୍ବାଦ କରନ୍ତୁ। ଏହି କାର୍ଯ୍ୟକ୍ରମ ଅବସରରେ ଶିବ କୁମାର ଦାଶ ଓ ତାଙ୍କ ସାଥି ଭଜନ ପରିବେଷଣ କରିଥିଲେ। ଗାୟକ ଶିବ କୁମାରଙ୍କ ମନଛୁଆଁ ଭଜନ ଉପସ୍ଥିତ ଶ୍ରୋତାଙ୍କ ମନ ଜିଣିଥିଲା। ଶେଷରେ ସୁଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୀଳମଣି ଦାସ, ସୁଶୀଲ ଦାସ, ଅଜୟ କାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସୁକିନ୍ଦାରୋଡ୍ ରେଲୱେ ସାଇଡିଂକୁ ପ୍ରଦୂଷଣ ବିଭାଗର ନୋଟିସ୍

**ଦାନଗଦି, ୭।୧୧(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦାରୋଡ ମାନପୁର ରେଲୱେ ସାଇଡିଂ ଯୋଗୁଁ ଜଳ ଓ ବାୟୁ ପ୍ରଦୂଷିତ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିଦ ଭାଙ୍ଗିଛି। ବିଭାଗ ପକ୍ଷରୁ ଏକ ଟିମ ଗତକାଲି ସାଇଡିଂକୁ ଭିଜିଟରେ ଯାଇଥିଲା। ସାଇଡରେ ଲୋଡିଂ ଓ ଅନଲୋଡିଂ କାମ ଚାଲିଥିବାବେଳେ ପ୍ରଦୂଷଣ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ପାଇଥିଲେ। ଫଳରେ ଆଜି ସୁକିନ୍ଦାରୋଡ ରେଲୱେ ସୁପରିଟେଣ୍ଡେଣ୍ଟଙ୍କୁ ପତ୍ର ସଂଖ୍ୟା ୩୩୩୭/ବିଏସ୍‌ୱାଇ୧୯ ରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିରେ ନିୟମାନୁଯାୟୀ ଜଳ ସିଞ୍ଚନ କରିବା, ବୃକ୍ଷରୋପଣ, ପାଚେରି ନିର୍ମାଣ ସହିତ ଏନଏଚରୁ ସାଇଡିଂ ରାସ୍ତା ମରାମତି କରିବା ଆଦି ଉଲ୍ଲେଖ କରାଯାଇଛି। ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ସାଇଡିଂକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବ ବୋଲି କୁହାଯାଇଛି।

## ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀଙ୍କ ଉଦୟଗିରି ପରିଦର୍ଶନ

**ବାଲିଚନ୍ଦ୍ରପୁର, ୭।୧୧(ସମିସ):** ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଆରମ୍ଭ ହେଲାଣି। ଆଜି ମହାରାଷ୍ଟ୍ରରୁ ୨ଟି ବସ୍ ଯୋଗେ ପର୍ଯ୍ୟଟକ ଆସିଥିବାବେଳେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ, ଯାଜପୁର ଜିଲ୍ଲା ପରିଷଦ ଡେଭେଲପମେଣ୍ଟ ଅଧିକାରୀ ଉଭୟ ମାଧପୁର ବୌଦ୍ଧ ମହାବିହାର ଓ ସିଂହପ୍ରସ୍ଥ ବୌଦ୍ଧ ମହାବିହାର ବୁଲି ଦେଖିଛନ୍ତି। ସେମାନଙ୍କୁ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏ ଅବସରରେ ସେଠାରେ ମ୍ୟୁଜିୟମ ପ୍ରତିଷ୍ଠା ପାଇଁ ବିଳମ୍ବ ହେଉଥିବାରୁ ପ୍ରତିନିଧି ଦଳଙ୍କୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ସେମାନେ ଓଟିଡିସି ପକ୍ଷରୁ ନବୀକରଣ କରାଯାଉଥିବା ଅତିଥି ଅଭ୍ୟର୍ଥନା କେନ୍ଦ୍ର କାର୍ଯ୍ୟର ତଦାରଖ କରିଥିଲେ।

## ବାଘୁଆ ଛକରୁ ବାଇକ୍ ଚୋରି

**କବାଟବନ୍ଧ, ୭।୧୧ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଭେଜିଗୋଠ ଗ୍ରାମର ହଗୁରି ପରିଡ଼ାଙ୍କ ପୁଅ ଯଦୁମଣି ପରିଡ଼ାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଛି। ଯଦୁମଣି ଜଣେ ଶ୍ରମିକ। ୫୩ ନଂ ଜାତୀୟ ରାଜପଥ କାମ କରୁଥିବା ଠିକା ସଂସ୍ଥା ଅଧୀନରେ ସେ କାମ କରନ୍ତି। ଗୁରୁବାର ସକାଳୁ ଯଦୁମଣି ବାଘୁଆ ଛକକୁ କାମ କରିବାକୁ ଯାଇଥିଲେ। ସେଠାରେ ପୋଲ ତଳେ ବାଇକ୍ ରଖି କାମ କରୁଥିଲେ। ଅପରାହ୍ନରେ ଖାଇବା ସମୟରେ ଉକ୍ତ ସ୍ଥାନରେ ବାଇକ ଥିବା ଦେଖିଥିଲେ। କାମ ସାରି ଫେରିବା ବେଳକୁ ତାଙ୍କ ବାଇକ୍ ସେଠାରେ ପାଇ ନ ଥିଲେ। ଖୋଜାଖୋଜି କରି ନ ପାଇବାରୁ ସେ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଜେନାପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କବାଟବନ୍ଧ, ୭।୧୧(ସମିସ):** ଦଶମାଣପାଟଣା ସପ୍ତସଖା ବିଦ୍ୟାପୀଠର ୨୦୦୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ସ୍ଥାନୀୟ କଳାଣ୍ଡ ଦଦରା ମଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଅତୀତରେ ସ୍କୁଲ ଦିନକୁ ମନେ ପକାଇ ଥିଲେ।

## ଅବହେଳିତ ପୁରାତନ ବିଦ୍ୟାଳୟ

# ୫ଟି ଶ୍ରେଣୀକୁ ଦୁଇ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

**ଯଖପୁରା, ୭।୧୧ (ସମିସ)**




ଶିକ୍ଷା ହିଁ ସମ୍ପଦ। ଶିକ୍ଷା ବିନା ଜୀବନର କିଛି ମାନେ ନାହିଁ। ଯେଉଁ ଦେଶ ଓ ରାଜ୍ୟର ଲୋକେ ଯେତେ ଶିକ୍ଷିତ, ସେ ଦେଶ ଓ ରାଜ୍ୟ ସେତେ ଉନ୍ନତି କରିଥାଏ। ତେଣୁ ଶିକ୍ଷା ପାଇଁ ସରକାରଙ୍କ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସରକାର ବଜେଟରେ ପ୍ରଚୁର ଅର୍ଥ ମଞ୍ଜୁର କରୁଛନ୍ତି। ଗ୍ରାମାଞ୍ଚଳରେ ନୂତନ ସରକାରୀ ବିଦ୍ୟାଳୟ ଖୋଲା ଯାଉଥିବାବେଳେ ପୁରୁଣା ବିଦ୍ୟାଳୟର ଉନ୍ନତିକରଣ କରାଯାଉଛି। ତେବେ ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ପଙ୍କପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ଏହି ପୁରାତନ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଦୁଇଜଣ ଶିକ୍ଷକ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

୧୮୮୮ରେ ପ୍ରତିଷ୍ଠା ହୋଇଥିବା ପଙ୍କପାଳ ବିଦ୍ୟାଳୟ ଏବେ ଅବହେଳିତ ଅବସ୍ଥାରେ ରହିଛି। ୧୩୭ ବର୍ଷର ଏହି ବିଦ୍ୟାଳୟ ଆଜି ଅସହାୟ ଅବସ୍ଥାରେ। ଏବେ ବିଦ୍ୟାଳୟରେ ପାଞ୍ଚୋଟି ଶ୍ରେଣୀ ଥିବାବେଳେ ମାତ୍ର ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଅନ୍ୟ ଦୁଇଜଣ ବେସରକାରୀ ଭାବେ ଶିକ୍ଷାଦାନ କରୁଛନ୍ତି। ସରକାରଙ୍କ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଛି ଯେ ଜଣେ ଶିକ୍ଷକଙ୍କ କେବଳ ବିଦ୍ୟାଳୟର କାଗଜ ପତ୍ରରେ ଦିନ ବିତିଯାଉଛି। ସେଥିରୁ ବାହାରି ଶିକ୍ଷାଦାନ କରିବା ସମ୍ଭବ ହେଉନାହିଁ। ଫଳରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କିପରିଭାବେ ଶିକ୍ଷାଦାନ ଦିଆଯାଉଥିବ। ବିଦ୍ୟାଳୟର ୫ଟି ଶ୍ରେଣୀରେ ୪୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟର ସୀମିତ ପରିସର ଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ଖେଳକୁଦ ଓ ମନୋରଞ୍ଜନ ପାଇଁ କୌଣସି ବ୍ୟବସ୍ଥା କରାଯାଇପାରୁନାହିଁ। କୋମଳମତି ଶିଶୁଙ୍କ ମଧ୍ୟରେ ଶିକ୍ଷା ପାଇଁ ଆଗ୍ରହ ଦେଖାଯାଉନାହିଁ।

ଉକ୍ତ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ଓ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ଖେଳକୁଦ ଓ ମନୋରଞ୍ଜନର ବ୍ୟବସ୍ଥା ନ ଥିବାରୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ବେସରକାରୀ ବିଦ୍ୟାଳୟକୁ ପଠାଇବାକୁ ଆଗ୍ରହ ଦେଖାଉଛନ୍ତି। ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି। ଶିକ୍ଷା ବିଭାଗ ଏହି ବହୁ ପୂରାତନ ଶିକ୍ଷାନୁଷ୍ଠାନକୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଇଲେ, ଉକ୍ତ ଶିକ୍ଷାନୁଷ୍ଠାନ ତା'ର ପୂର୍ବ ଗୌରବ ଫେରି ପାଇବ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ନିଜର ଅସ୍ତିତ୍ୱ ହରାଉଥିବା ଏହି ପୁରାତନ ବିଦ୍ୟାଳୟକୁ ପୁନର୍ବାର ଗୌରବନ୍ୱିତ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଯଜ୍ଞେଶ୍ୱର କହଲସିଂହ
ସାହିତ୍ୟିକ ଓ ଶିକ୍ଷାବିତ
ଲୋକିପୁର, ଗଡ଼ମାଣିତିର, ଖୋର୍ଦ୍ଧା
ଆବିର୍ଭାବ- ୧୮.୦୮.୧୯୪୭
ତିରୋଧାନ - ୧୯.୧୧.୨୦୨୩

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅବୋହୂ -ରତିକାନ୍ତ, ମିନାକ୍ଷୀ, ନିଶିକାନ୍ତ, ସ୍ୱପ୍ନପ୍ରଭା, ଶୁଭକାନ୍ତ, ଶୁଭଶ୍ରୀ, ସୀତାକାନ୍ତ, ଲିପି, ଶଶିକାନ୍ତ, ରୁନୁ, ସୌମ୍ୟକାନ୍ତ, ସ୍ନେହା, ନାତୁଣୀନାତି -ଲିଟି, ଶିକି ସ୍ମିତି, ପ୍ରୀତୀ, ଟୁଟୁନା, ଟିଟି, ବିଲୁ ଓ ପ୍ରଭୁ ପରିବାରବର୍ଗ



ବନ ବିଭାଗର ଉଦାସୀନତା

# ୮ ମାସରେ ଉଜୁଡ଼ିଗଲାଣି ଦଶ କୋଟିର ଔଷଧୀୟ ଉଦ୍ୟାନ





**କାଳିଆପାଣି, ୭।୧୧(ସମିସ)**

୧୦ କୋଟି ଟଙ୍କାର ଔଷଧୀୟ ଉଦ୍ୟାନ ଉଦ୍‌ଘାଟନର ମାତ୍ର ୮ ମାସ ମଧ୍ୟରେ ଉଜୁଡ଼ିଗଲାଣି। ବନ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଏବେ ଏହି ଉଦ୍ୟାନ ଅବହେଳିତ ଅବସ୍ଥାରେ ପଡ଼ିଛି। ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ମରିବାକୁ ବସିଲାଣି ଔଷଧୀୟ ବୃକ୍ଷ। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୁକିନ୍ଦା ବନାଞ୍ଚଳ ଓ କଟକ ବନଖଣ୍ଡ ବିଭାଗ ପକ୍ଷରୁ କଲରଙ୍ଗୀଅଟା ଶିବ ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ଔଷଧୀୟ ଉଦ୍ୟାନକୁ ଗତ ଫେବୃଆରୀ ୨୯ ତାରିଖରେ ତତ୍କାଳୀନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରିଥିଲେ। ତେବେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ମାତ୍ର କିଛିମାସ ମଧ୍ୟରେ ଅବହେଳିତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। କୋଟି କୋଟି ଟଙ୍କାରେ ନିର୍ମିତ ଏହି ଔଷଧୀୟ ଉଦ୍ୟାନରେ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ଖଣି ଅଞ୍ଚଳର ଅନେକ ଲୋକ ଏଠାକୁ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ନିମନ୍ତେ ଆସିଥା'ନ୍ତି। ବିଭିନ୍ନ ପ୍ରକାର ସୁଗନ୍ଧିତ ଫୁଲ ଓ ବୃକ୍ଷ ଏଠାକାର ପରିବେଶକୁ ମନଲୋଭା କରୁଥିଲା। ପରିତାପର ବିଷୟ ଯେ, ଏହି ଉଦ୍ୟାନକୁ ବର୍ତ୍ତମାନ ରକ୍ଷଣାବେକ୍ଷଣ କରିବାକୁ ବନ ବିଭାଗର ଉଦାସୀନତା ଦେଖାଦେଇଛି। ବର୍ତ୍ତମାନ ଏହାମଧ୍ୟରେ ଥିବା ବିଭିନ୍ନ ପ୍ରକାର ଗଛ ମରିବାକୁ ବସିଲାଣି। ତୁଳସୀ ଉଦ୍ୟାନରେ ତୁଳସୀ ଗଛର ଶୁଖିଲା ଡାଙ୍ଗ କେବଳ ରହିଛି। ଲୋକଙ୍କ ଚାଲିବା ରାସ୍ତା ଉପରେ ମାଟି, ବାଲି ଓ ପତ୍ର ପଡ଼ି ପୂରିରହିଛି। ଘାସଲତାରେ ଜଙ୍ଗଲ ପରି ଏଣେତେଣେ ମାଡ଼ିଥିବା ଦେଖିବାକୁ ମିଳୁଛି। ପାଦଚଲା ରାସ୍ତା ଏତେ ଅପରିଷ୍କାର ହୋଇଛି ଯେ ସକାଳେ କିମ୍ବା ସନ୍ଧ୍ୟାରେ ଏହା ଉପରେ ଚାଲିଲେ ସରୀସୃପଙ୍କ ଭୟ ରହିଛି। ଏତେବଡ ଉଦ୍ୟାନକୁ ରକ୍ଷଣାବେକ୍ଷଣ କରିବାକୁ ମାତ୍ର ଦୁଇଜଣ ଲୋକ ନିୟୋଜିତ ଥିଲେ ସୁଦ୍ଧା ଏହାର ଅବସ୍ଥା ଏବେ ଅତିଶୋଚନୀୟ। ଏହା ମଧ୍ୟରେ ଥିବା ଶୌଚାଳୟର ଅବସ୍ଥା ଦେଖିଲେ ଲାଗୁଛି ଯେମିତି କି ଏହା ଦୀର୍ଘବର୍ଷଠାରୁ ଭାଙ୍ଗି ପଡ଼ିରହିଛି। ଏହାର ଚତୁପାର୍ଶ୍ୱରେ ପାଚେରି ଥିଲେ ସୁଦ୍ଧା ପାର୍କରେ କୁକୁର ବୁଲୁଥିବା ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟର ବିଷୟ, ସାଧାରଣ ଜନତାଙ୍କ କୋଟି କୋଟି ଟଙ୍କାରେ ନିର୍ମିତ ଏହି ଉଦ୍ୟାନକୁ କେବଳ ନିର୍ମାଣ କରି ଜନତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଚୁପଚାପ ବସିଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଯଦି ଏହାକୁ ବନ ବିଭାଗ ନିୟମିତ ରକ୍ଷଣାବେକ୍ଷଣ ନ କରନ୍ତି, ତେବେ ଏହା ଆଉ ମାତ୍ର କିଛିଦିନ ମଧ୍ୟରେ ଜଙ୍ଗଲରେ ପରିଣତ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

**ଯାଜପୁର, ୭।୧୧(ସମିସ):** ଆଜି ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି ହୋଇଛି। ୨୦୨୧ ମାର୍ଚ୍ଚ ୬ ତାରିଖରେ ଯଖପୁରା ଥାନା ଅଞ୍ଚଳରେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି ସ୍ୱତନ୍ତ୍ର ପକ୍ସୋ କୋର୍ଟ। ୨୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ପକ୍ସୋ କୋର୍ଟ ଜର୍ଜ ଅଭିଜିତ ପଲାଇ ଏହି ରାୟ ଶୁଣାଇଛନ୍ତି। ଏଥିସହ ୨୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟରେ ଅଢେଇ ମାସ ଅଧିକ କାରାଦଣ୍ଡାଦେଶ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସ୍ୱତନ୍ତ୍ର ପକ୍ସୋ ଜର୍ଜ ଅଭିଜିତ ପଲାଇ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ମୁତାବକ, ଗାଁରେ ଅଷ୍ଟପ୍ରହର ଚାଲିଥିବାବେଳେ ମାଆ ସହିତ ନାବାଳିକା ଏଠାକୁ ଆସିଥିଲେ। ମାଆ ସହିତ ଚାଲିଚାଲି ନାବାଳିକା ଘରକୁ ଫେରୁଥିବା ସମୟରେ ଅଧାବାଟରେ ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ନାବାଳିକାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଏକ ନାଳ ନିକଟରୁ ଉଦ୍ଧାର କରାଯାଇଥିଲା। ନାବାଳିକାଙ୍କଠାରୁ ସମସ୍ତ କଥା ଶୁଣି ପରିବାର ଲୋକେ



ଯଖପୁରା ଥାନାରେ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତ ସଞ୍ଜୟ ଦଳାଇକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ସରକାରୀ ଓକିଲ ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ମାନଗୋବିନ୍ଦପୁରରେ ବଜରଙ୍ଗ ଦଳ ବୈଠକ

**ଦାନଗଦି, ୭।୧୧(ସମିସ):** ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଗାଁରେ ବଜରଙ୍ଗ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସାମୂହିକ ବ୍ରହ୍ମନାଦ, ଏକାତ୍ମକ ସ୍ତୋତ୍ର, ବିଜୟ ମହାମନ୍ତ୍ର ଗାନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଓ ମାର୍ଗଦର୍ଶକ ସୁବାସ ଚନ୍ଦ୍ର ନନ୍ଦ ଓ ଜିଲ୍ଲା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀକାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ହିନ୍ଦୁ ଯୁବକ ଏକତ୍ରିତ ହୋଇ ମାତୃଭୂମି, ଗୋମାତା, ଧର୍ମ ଓ ମଠ ମନ୍ଦିରର ସୁରକ୍ଷା ଦେବାକୁ ଆଗେଇ ଆସିବା ପାଇଁ ବଜରଙ୍ଗ ଦଳ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ ମାର୍ଗଦର୍ଶକ ସୁବାସ ଚନ୍ଦ୍ର ନନ୍ଦ କହିଥିଲେ। ବଜରଙ୍ଗ ଦଳ ଯାଜପୁର ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ର ଆଗାମୀ ଦିନରେ ପ୍ରତି ଗ୍ରାମ ଓ ପଞ୍ଚାୟତରେ ହିନ୍ଦୁ ଯୁବକ ନିଜକୁ ସଂସ୍କାରିତ କରି ରାଷ୍ଟ୍ର ଧର୍ମ ସୁରକ୍ଷା ପାଇଁ ଶପଥ ନେଇ ଆଗେଇ ନ ଆସିଲେ ଆଗାମୀ ଭବିଷ୍ୟତରେ ହିନ୍ଦୁ ସମାଜ ବିପଦରେ ନିଶ୍ଚୟ ପଡ଼ିବ ବୋଲି ମତ ଦେଇଥିଲେ। ଜିଲ୍ଲା ବଜରଙ୍ଗ ଦଳ ସହସଂଯୋଜକ ସାରଦା ପ୍ରସନ୍ନ ବଳ ପଞ୍ଚାୟତରେ ନୂତନ ଭାବେ ଦାୟିତ୍ୱ ପାଇଥିବା ଯୁବକ ଭାଇଙ୍କୁ ନିଜର ଦାୟିତ୍ୱବୋଧ, ରାଷ୍ଟ୍ର ପାଇଁ କର୍ତ୍ତବ୍ୟ କ'ଣ ବୁଝାଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ସୁରକ୍ଷା ପ୍ରମୁଖ ଅସିତ ଦାସ, ମାନସ ରଣା ଯୋଗ ଦେଇଥିଲେ। ଧୂଳିଗଡ଼ ପଞ୍ଚାୟତର ସଂଯୋଜକ ଭାବେ ସୁନୀଲ ପୃଷ୍ଟି, ସହସଂଯୋଜକ ଭାବେ ସୋମନାଥ ରଣା, ସଞ୍ଜୟ କୁମାର ସାହୁ, ଗୋ-ରକ୍ଷା ପ୍ରମୁଖ ଭାବେ ରୁଦ୍ରନାରାୟଣ ରଣା, ସୁରକ୍ଷା ପ୍ରମୁଖ ଭାବେ ବିଜୟ କୁମାର ସାହୁ, ବିଦ୍ୟାଳୟ ପ୍ରମୁଖ ଭାବେ ସନ୍ତୋଷ କୁମାର ସାହୁ, ଆଖଡ଼ା ପ୍ରମୁଖ ଭାବେ ପ୍ରଭୁ ସହର, ସାପ୍ତାହିକ ମିଳନ ପ୍ରମୁଖ ଭାବେ ରାକେଶ ରଣା, କୋଷାଧ୍ୟକ୍ଷ ଭାବେ ଶୈଳେନ୍ଦ୍ର ରଣା ଓ ଗ୍ରାମ ସଂଯୋଜକ ଭାବେ ପ୍ରକାଶ ପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ମେଡିକାଲ କଲେଜ ଡାକ୍ତରଙ୍କ ନୃତ୍ୟ ସୋସିଆଲ ମିଡିଆରେ ଭାଇରାଲ



**ଯାଜପୁର, ୭।୧୧(ସମିସ):** ଯାଜପୁର ପ୍ରାଚୀନ ଉତ୍କଳର ରାଜଧାନୀ ଥିଲା। ରାଜା ଯଯାତିକେଶରୀଙ୍କ ସମୟରେ ଏହା ଯଜ୍ଞପୁର ଭାବେ ପରିଚିତ ଥିଲା। କ୍ରମଶଃ ଏହା ଯାଜପୁରରେ ପରିଣତ ହୋଇଥିଲା। ସେହି ଐତିହାସିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରାଜା ଯଯାତିକେଶରୀଙ୍କ ନାଁରେ ଯାଜପୁରର ମେଡିକାଲ କଲେଜ ଓ ହସ୍ପିଟାଲ ନାମିତ କରାଯାଇଛି। ଇତିମଧ୍ୟରେ ଏହି କଲେଜର ପ୍ରଥମ ବ୍ୟାଚର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯଯାତିକେଶରୀଙ୍କ ଅବଦାନକୁ ସ୍ମରଣ କରି ମେଡିକାଲ କଲେଜର କାର୍ଯ୍ୟରତ ମହିଳା ଡାକ୍ତରଙ୍କ ଦ୍ୱାରା ପ୍ରସ୍ତୁତ ଏକ ଓଡିଶୀ ନୃତ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହା ଏବେ ବେଶ ଚର୍ଚ୍ଚା ସାଉଁଟୁଛି। ସମସ୍ତେ ଜଣେ ଜଣେ ଅଭିଜ୍ଞ ଡାକ୍ତର ହୋଇଥିଲେ ହେଁ ସମସ୍ତଙ୍କ ଭିତରେ ଏଭଳି ନିଖୁଣ ନୃତ୍ୟ ଶିଳ୍ପୀର କଳା ଲୁଚି ରହିଛି, ତାହା ସେହି ନୃତ୍ୟ ଦେଖିଲେ ଜଣାପଡୁଛି। ସ୍ୱାଭିମାନ ଓଡ଼ିଆ କଥାବସ୍ତୁରେ ପର୍ଯ୍ୟବେସିତ ପ୍ରାୟ ୫ ମିନିଟ୍ ଧରି ଅନୁଷ୍ଠିତ ନୃତ୍ୟ କାର୍ଯ୍ୟକ୍ରମରେ ପ୍ରଫେସର ଡା. ଶୋଭାମାଳିନୀ, ଡା. ଉପାସନା ଦାସ, ଡା. ସୀମା ପରିଜା, ଡା. ସ୍ମୃତିରେଖା ବେହେରା, ଡା. ସୋନମ ଶିଳ୍ପା ମହାରଣା, ଡା. ଡଲି ମେହେର, ଡା. ମେଘପୁଷ୍ପା ସାମଲ ଓ ଅନିନ୍ଦିତା ପଟ୍ଟନାୟକ ପ୍ରମୁଖ ସାମିଲ ହୋଇ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଡା. ପ୍ରଜ୍ଞା ଆହେ ନୀଳ ଶୈଳ ଗୀତରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଣ୍ଟିଥିଲେ। ଏବେ ଏହି ନୃତ୍ୟ ମୋବାଇଲରୁ ମୋବାଇଲ ଘୁରି ବୁଲିବା ସହିତ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

# ଶ୍ରୀବିରଜା ସେବା ସମିତିର ସାଧାରଣ ବୈଠକ



**ଯାଜପୁର ଟାଉନ, ୭।୧୧ (ସମିସ):** ବିରଜା ସେବା ସମିତିର ସାଧାରଣ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକ ସମିତିର ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା' ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ସଭାପତି ମା'ଙ୍କ ସ୍ତୋତ୍ରପାଠ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଓ କୋଷାଧ୍ୟକ୍ଷ ହରିହର ବେହେରା ମା'ଙ୍କ ରଥଯାତ୍ରାର ଧାରା ବିବରଣୀ, ଭଜନ ସମାରୋହ ଓ କାନିକ ପ୍ରସାଦ ବଣ୍ଟନ ସମ୍ପର୍କୀୟ ଆୟବ୍ୟୟ ବୁଝାଇ ଏହା ବରାବର ହୋଇଥିଲା ବୋଲି ଜଣାଇଥିଲେ। ଉକ୍ତ ଆୟବ୍ୟୟର ହିସାବକୁ ସଦସ୍ୟମାନେ ଅନୁମୋଦନ କରିଥିଲେ। ମା'ବିରଜାଙ୍କ ଜନ୍ମୋତ୍ସବ (ତ୍ରିବେଣୀ ଅମାବାସ୍ୟା) ଜାନୁଆରୀ ୨୦୨୫ ବୁଧବାର ୨୯ ତାରିଖରେ ପଡୁଥିବାରୁ ସେବା ସମିତି ଯାଜପୁରର ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ଓ ମା'ଙ୍କ ପ୍ରଚାର ଓ ପ୍ରସାର ପାଇଁ ଉତ୍ସର୍ଗୀକୃତ ଜଣେ ଭକ୍ତଙ୍କୁ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ନୃସିଂହ ଚରଣ ମହାପାତ୍ର, ବୃନ୍ଦାବନ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ହରିହର ବେହେରା, ନୃସିଂହ ଚରଣ ଜେନା, ଗଦାଧର ରାଉତ, କୈଳାସ ଚନ୍ଦ୍ର ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ବୃନ୍ଦାବନ ସ୍ୱାଇଁ, ଶ୍ରୀନାଥ ମହାନ୍ତି, ସଞ୍ଜୟ ସାହୁ, ଅଶୋକ କୁମାର ପାଣିଗ୍ରାହୀ, ଜଗତ ନାୟକ, ସୂର୍ଯ୍ୟମଣି ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ ମଧୁସୂଦନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶାନ୍ତି କମିଟି ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା



**ବ୍ୟାସନଗର, ୭।୧୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ମା' ଶ୍ୟାମାକାଳୀ ପୂଜା ଶାନ୍ତି କମିଟି ଗଠନ କରାଯାଇ ସହରରେ ପର୍ଯ୍ୟାୟକ୍ରମେ ୧୭ଟି ପୂଜା ମଣ୍ଡପ ପରିଦର୍ଶନ କରାଯାଉଛି। ଗୋପବନ୍ଧୁ ଛକଠାରେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କୁ ଶାନ୍ତିକମିଟି କାର୍ଯ୍ୟାଳୟରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଥମେ ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି ଜିଲ୍ଲା ପ୍ରଶାସନର ସହଯୋଗଙ୍କୁ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଓ ଏସ୍‌ପି ବ୍ୟାସନଗର ସହରରେ ଆୟୋଜିତ ଜନଗହଳି ଓ ଶୃଙ୍ଖଳିତ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ୧୦ ତାରିଖ ଭସାଣି ଉତ୍ସବ ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଅତିରିକ୍ତ ଏସପି ଶ୍ରୀ ଟପୋ, ତହସିଲଦାର ଦେବାଶିଷ ରାଉତ, କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ମୋଦି, ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଯାଜପୁର ଥାନା ଆରକ୍ଷୀ ନିରୀକ୍ଷକ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିକମିଟି ପକ୍ଷରୁ ବିବେକାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଶାନ୍ତି କମିଟି ସଭ୍ୟଙ୍କ ସହଯୋଗରେ ବ୍ୟାଙ୍କଷ୍ଟ୍ରିଟ ଓ ଆରିୟାନ କ୍ଲବ ପୂଜା ମଣ୍ଡପକୁ ଜିଲ୍ଲାପାଳ ଓ ଏସପି ପରିଦର୍ଶନ କରିଥିଲେ। ସେଠାରେ ମଧ୍ୟ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଆଇନ ସଚେତନତା ଶିବିର




**ଯାଜପୁର, ୭।୧୧(ସମିସ):** ଜିଲ୍ଲା ଓ ଦୈରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଆଇନ ସଚେତନତା ଶିବିର ସ୍ଥାନୀୟ ବିରଜା ଆଇନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ତତ୍ତ୍ୱାବଧାରିକା ଶ୍ରୀମତୀ ମିନତୀ ବିଶ୍ୱାଳ, ମହାବିଦ୍ୟାଳୟର ଅଧ୍ୟାପକ ସୁଦର୍ଶନ ବେହେରା ଓ ଶ୍ରୀମତୀ ମହାଶ?ବେତା ଉପାଧ୍ୟାୟ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାଧିକରଣର ସଚିବ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୀଡ଼ିତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା କ୍ଷତିପୂରଣ ଯୋଜନା ଓ କର୍ମ କ୍ଷେତ୍ରରେ ମହିଳା କର୍ମଚାରୀ କିପରି ଯୌନ ଶୋଷଣର ଶିକାର ନ ହେବେ ଓ ଶିକାର ହେଲେ କ'ଣ କରିବେ, ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲ ଫ୍ରି ନଂର ଉପଯୋଗିତା ବିଷୟରେ ମଧ୍ୟ କହିଥିଲେ। ଏହି କାର୍ଯକ୍ରମରେ ମହାବିଦ୍ୟାଳୟ ଓ ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

# ମୁକୁନ୍ଦପାତ୍ର କଲେଜରେ ଦୁର୍ନୀତି ନିବାରଣ ସଚେତନତା



**କବାଟବନ୍ଧ, ୭।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହେମନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଅରୁଣ କୁମାର ନାୟକ ଯୋଗଦେଇ ବର୍ତ୍ତମାନ ସମାଜରେ ଦୁର୍ନୀତି କିଭଳି ଭାବେ ଦଣ୍ଡାୟମାନ ହୋଇଛି, ତାହା ଉପରେ ଆଲୋକପାତ କରିଥିଲେ। ଏହି ଦୁର୍ନୀତି ମହାଦ୍ରୁମକୁ ମୂଳୋତ୍ପାଟନ କରିବା ପାଇଁ ସଚେତନ ହେବା ସହିତ ମାନସିକତା ହିଁ ମହୋଷଧି ଭଳି କାର୍ଯ୍ୟ କରିବ ବୋଲି ମତ ଦେଇଥିଲେ। ଛାତ୍ରଛାତ୍ରୀ ସତ୍ ପଥ, ସତ୍ କର୍ମରେ ଓ ଈଶ୍ୱରଙ୍କ ନିକଟରେ ସମର୍ପଣ ଭାବ ରଖିଲେ ଏକ ସୁସ୍ଥ ଦୁର୍ନୀତି ମୁକ୍ତ ସମାଜ ଗଠନ କରାଯାଇପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ଦାସ ମତ ରଖିଥିଲେ। ଅଧ୍ୟାପିକା ଡଃ ସ୍ୱର୍ଣ୍ଣପ୍ରଭା ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ଡେମୋନଷ୍ଟ୍ରେଟର ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ମହାଲକ୍ଷ୍ମୀଙ୍କ ସହସ୍ର ନାମଯଜ୍ଞ ଉତ୍ସବ

**ବାଲିଚନ୍ଦ୍ରପୁର, ୭।୧୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ଲକ୍ଷ୍ମୀ ମଣ୍ଡପରେ ମା' ଲକ୍ଷ୍ମୀଙ୍କ ସହସ୍ର ନାମଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି ଓ ତାଙ୍କ ଧର୍ମପତ୍ନୀ ମିନୁଲତା ଯୋଗ ଦେଇଥିବାବେଳେ ପଣ୍ଡିତ ଗଗନ ବିହାରୀ ମିଶ୍ର ଓ ସହଯୋଗୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ମା' ଲକ୍ଷ୍ମୀଙ୍କ ଆଶିଷ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ଧଳ, ପୂର୍ବତନ ସରପଞ୍ଚ ବିଳାସ ବାରିକ, ଅନୀଲ ପରିଡ଼ା, କଳିଙ୍ଗ ଭାରତୀ ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ ପରିଡ଼ା, ଯୁବନେତା ଅମୀୟ ସାହାଣୀ, ଅନୀଲ ସାହୁ ଓ ମଥୁରୀ ଚରଣ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। କମିଟି ସମ୍ପାଦକ ପ୍ରବାସ ଦାଶ, ଅକ୍ଷୟ ପରିଡ଼ା, ରାଜେନ୍ଦ୍ର ସାହୁ, ରଞ୍ଜନ ବଳ, ଅନିରୁଦ୍ଧ ସାହୁ ଓ ବିଶ୍ୱନାଥ ସେଠୀଙ୍କ ସମେତ କମିଟି କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜରାଜୀର୍ଣ୍ଣ ଅବସ୍ଥାରେ ଦଶରଥପୁର ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

# ଛାତରୁ ଝରୁଛି ପାଣି; ମରାମତି ଦାବି

**ଯାଜପୁର, ୭।୧୧(ସମିସ)**

ସରକାର ପ୍ରାଥମିକ ଶିକ୍ଷାର ବିକାଶ କରିବାକୁ ଯୋଜନା କରୁଥିବାବେଳେ ବାସ୍ତବ କ୍ଷେତ୍ରରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳୁଛି। କେତେକ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ତ ଆଉ କେଉଁଠି ପାଚେରି ନାହିଁ। ଅନେକ ବିଦ୍ୟାଳୟରେ ଏବେବି ପିଇବା ପାଣିର ସମସ୍ୟା ସାଙ୍ଗକୁ ଶୌଚାଳୟର ଅଭାବ ରହିଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥଳେ ଦଶରଥପୁର ବ୍ଲକରେ ପ୍ରାଥମିକ ଶିକ୍ଷାର ବିକାଶ ହେଉଥିବା ପ୍ରଶାସନିକ ସ୍ତରରେ କୁହାଯାଉଥିବାବେଳେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଲକ୍ଷ୍ୟ କଲେ, ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ କେତେ ତତ୍ପର ତାହା ସହଜେ ଅନୁମେୟ। ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଛାତରେ ଫାଟ ସୃଷ୍ଟି ହେବା ସହ ପାଣି ଝରୁଛି। ଏହାର ମରାମତି କରାଯିବାକୁ ଦାବି ହେଉଛି।




ସୂଚନା ମୁତାବକ, ଦଶରଥପୁର ବ୍ଲକ ଠିକ ପଛପଟେ ଥିବା ବିଲଡିଂରେ ବର୍ତ୍ତମାନ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚାଲୁଛି। ସେହି କୋଠାଟି ପ୍ରକୃତରେ ଶିକ୍ଷା ବିଭାଗର ନୁହେଁ। ପଞ୍ଚାୟତବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରତି ପଞ୍ଚାୟତରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନାମରେ ଏକ ଘର ନିର୍ମାଣ କରିଥିଲେ। ଦଶରଥପୁର ପଞ୍ଚାୟତବାସୀଙ୍କ ପାଇଁ ମଧ୍ୟ ଏହି ଘରଟି ୨୦୧୦ରେ ନିର୍ମାଣ କରାଯାଇଥିଲା। ପଞ୍ଚାୟତର ଲୋକଙ୍କ ଆଶା ଥିଲା ଘର ନିର୍ମାଣ ଶେଷ ହେଲେ ଦରକାରରେ ଆସିବ। ତେବେ ଉକ୍ତ କୋଠାରେ ସେବେଠାରୁ ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚାଲିଆସୁଛି। ଘର ନିର୍ମାଣକୁ ଏବେ ୧୪ ବର୍ଷ ପୂରିଥିବାବେଳେ ଏବେ ଏହି ଘରଟି ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଘରର ଛାତରୁ ପାଣି ଖସୁଥିବାବେଳେ ଅଧିକାଂଶ ସ୍ଥାନରେ ଛାତ, ତାଜା ଫାଟିବା, ପ୍ଲାଷ୍ଟର ଝଡ଼ିବା ଭଳି ଘଟଣା ଦେଖିବାକୁ ମିଳିଛି।

ସେହିପରି ବର୍ଷା ହେଲେ କମ୍ପ୍ୟୁଟର ରୁମରେ ପାଣି ପଶିବା ସହ ଛାତରୁ ପାଣି ଝରିବା ଦ୍ୱାରା ବିଦ୍ୟାଳୟ ପାଇଁ ଆସୁଥିବା ବହି ଓ ଅନ୍ୟାନ୍ୟ ସାମଗ୍ରୀ ପାଣିରେ ନଷ୍ଟ ହେଉଛି। ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଇଁ ବ୍ୟବହାର ହେଉଥିବା ସମସ୍ତ ଗୃହରେ ବର୍ଷା ପାଣି ପଶିବା ଦ୍ୱାରା ଅଧିକାରୀଙ୍କୁ କାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସାଧାରଣ ଭାବେ ଗୋଟିଏ ଘର ନିର୍ମାଣ ହେବା ପରେ ତାହା ୧୦୦ ବର୍ଷ ପାଇଁ ବ୍ୟବହାର କରାଯାଇଥାଏ। ମାତ୍ର ଉକ୍ତ ଘର ନିର୍ମାଣକୁ ୧୪ ବର୍ଷ ପୂରି ନ ଥିବାବେଳେ ବର୍ତ୍ତମାନ ଉକ୍ତ ଘରର ଅଧିକାଂଶ ସ୍ଥାନ ଭାଙ୍ଗିରୁଜି ଯିବା ସହ ଛାତରୁ ପାଣି ଝରିବା ଘଟଣାକୁ ନେଇ ଏବେ ଘର ନିର୍ମାଣ ସଂସ୍ଥାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୃହ ନିର୍ମାଣ ନ ହୋଇ ଟଙ୍କା ପଡ଼ିରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ କାହିଁକି ଆନ୍ତରିକତା ପ୍ରକାଶ କରୁନାହାଁନ୍ତି, ତାହାକୁ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଏହି ଅଫିସକୁ ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ବିଭିନ୍ନ କାର୍ଯ୍ୟରେ ଆସୁଥିବାବେଳେ ଅଫିସରେ ରହୁଥିବା କାଗଜ ପତ୍ର ସୁରକ୍ଷିତ ନୁହେଁ ବୋଲି ଏବେ ଶିକ୍ଷକଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଛି। ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିର୍ମାଣ କରାଯିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ବନ୍ଧୁକ ମୁନରେ ୯୦ ହଜାର ଲୁଟ୍

**ଖଇରା, ୭।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ନନ୍ଦପୁର ଛକ ନିକଟରେ ବନ୍ଧୁକ ଓ ଭୁଜାଲି ଦେଖାଇ ଜଣେ ଫାଇନାନ୍ସ କର୍ମଚାରୀଙ୍କ ନିକଟରୁ ୯୦ ହଜାର ଟଙ୍କା ଲୁଟ ହୋଇଛି । ଏ ସଂପର୍କରେ ଖଇରା ଥାନାରେ ଅଭିଯୋଗ ହୋଇଛି । ଖବର ପାଇ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି । ଜିଓ ଫାଇନାନ୍ସର କର୍ମଚାରୀ ବିଶ୍ୱନାଥ ରାଉତ ବିଭିନ୍ନ ସ୍ଥାନରୁ ଫାଇନାନ୍ସ ବାବଦ ଅର୍ଥ ଆଦାୟ କରି ଖଇରା କାର୍ଯ୍ୟାଳୟକୁ ଫେରୁଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା । ୩ଜଣ ଦୁର୍ବୃତ୍ତ ଏକ କଳା ପଲସର୍‌ରେ ତାଙ୍କୁ ପିଛା କରି ନିଛାଟିଆ ରାସ୍ତାରେ ଅଟକାଇଥିଲେ । ପରେ ତାଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ୯୦ ହଜାର ଟଙ୍କା ଲୁଟି ନେଇଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**ବାଲେଶ୍ୱର, ୭।୧୧(ସମିସ):** ବାଲେଶ୍ୱର ବିଚାର ବିଭାଗର ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ରଞ୍ଜନ କୁମାର ସୂତାର ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ମନୋରଞ୍ଜନ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୨ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ୧୫ଜଣ ସାକ୍ଷୀ ଓ ୧୭ଟି ଦଲିଲ ଦସ୍ତାବିଜ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି । ଏହାସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀ ମନୋରଞ୍ଜନ ପୀଡ଼ିତାର ସାବତ ବାପା ବୋଲି ଜଣାଯାଇଛି । ଗତ ୨ ଏପ୍ରିଲ୨୦୧୯ରେ ଏଭଳି ସଙ୍ଗୀନ ଅଭିଯୋଗ ପୀଡ଼ିତାଙ୍କ ମା' ଜଳେଶ୍ୱର ଥାନାରେ କରିଥିଲେ । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ ପଣ୍ଡା ପରିଚାଳନା କରିଥିଲେ ।

■ ଆସିବ ଦ୍ୱିତୀୟ ବାଘୁଣୀ

# ମହାରାଷ୍ଟ୍ରରେ ଶିମିଳିପାଳ ଟିମ୍

**ବାରିପଦା, ୭ ।୧୧(ସମିସ):** ଯମୁନାର ସଫଳ ସ୍ଥାନାନ୍ତର ପରେ ଶିମିଳିପାଳ ଅଭୟାରଣ୍ୟକୁ ଖୁବ୍‌ଶୀଘ୍ର ଦ୍ୱିତୀୟ ବାଘୁଣୀ ଆସିବ । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏସିଏଫ ପ୍ରଦୀପ ଦେ'ଙ୍କ ନେତୃତ୍ୱରେ ପ୍ରାଣୀ ଚିକିତ୍ସକ ଅଭିଲାଷ ଆଚାର୍ଯ୍ୟ, ଅତିରିକ୍ତ ରେଞ୍ଜର ଦୀପ୍ତିମାନ ପଣ୍ଡାଙ୍କୁ ମିଶାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୧୦ ଜଣିଆ ଏକ ଟିମ୍ ମହାରାଷ୍ଟ୍ରରେ ପହଞ୍ଚି ତଡ଼ବା ଜଙ୍ଗଲ ନିକଟରେ ଡେରା ପକାଇଛନ୍ତି । ସେମାନେ ଉକ୍ତ ବାଘୁଣୀକୁ ଠାବ କରିବା ସହ ତା'ର ଗତିବିଧି ଉପରେ ଲଗାତାର ନଜର ରଖିଛନ୍ତି । ଆସନ୍ତା ୨-୩ ଦିନ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗିନେନି ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରି ଅଣାଯିବାକୁ ଯୋଜନା ରହିଛି । ବାଘୁଣୀଟିକୁ ପ୍ରଥମେ ଯମୁନାଘାଟି କୋର୍ ଅଞ୍ଚଳର ସଫ୍ଟ ଏନକ୍ଲୋଜରରେ ରଖାଯିବ ବୋଲି ସ୍ଥିର କରାଯାଇଛି ।

# ରବିବାରରୁ ଖୋଲିବ ଶିମିଳିପାଳ ପିଠାବଟା ଫାଟକ

**ବାରିପଦା, ୭ ।୧୧(ସମିସ):** ପର୍ଯ୍ୟଟକମାନଙ୍କ ପାଇଁ ନଭେମ୍ବର ୧୦ ତାରିଖ ରବିବାରଠାରୁ ଶିମିଳିପାଳ ଅଭୟାରଣ୍ୟର ପିଠାବଟା (ବାରିପଦା ପାର୍ଶ୍ୱ) ତନଖି ଫାଟକ ଖୋଲିବ । ସକାଳୁ ପର୍ଯ୍ୟଟକମାନେ ଉକ୍ତ ଫାଟକ ଦେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବେ । ଏକ ପ୍ରେସ୍ ବିଜ୍ଞପ୍ତିରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ଏହି ସୂଚନା ଦେଇଛନ୍ତି । ବାତ୍ୟା 'ଦାନା' ପ୍ରଭାବରେ ଅତ୍ୟଧିକ ବର୍ଷା ଓ ବନ୍ୟା ପାଇଁ ଗତ ଅକ୍ଟୋବର ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥିଲା ।




■ ମୁକୁଳା ଡ୍ରେନ୍‌ରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣା

# ପରିବାର ଲୋକଙ୍କୁ ମିଳିଲା ୪ଲକ୍ଷ ଟଙ୍କା କ୍ଷତିପୂରଣ

**ଭୁବନେଶ୍ୱର,୭ ।୧୧(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ୭ ନମ୍ବର ୱାର୍ଡ ଗୌଡ଼ସାହିର ମୁକୁଳା ଡ୍ରେନ୍‌ରେ ପଡି ମୂର୍ତ୍ତି ରାଓଙ୍କ ନାମକ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଏହି ମାମଲା ଏନ୍‌ଏଚ୍‌ଆରସି(ଜାତୀୟ ମାନବାଧିକାର ଆୟୋଗ)ଙ୍କ ନିକଟରେ ପହଞ୍ଚିବା ପରେ ଆୟୋଗ ପରିବାର ଲୋକଙ୍କ ୪ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଆୟୋଗଙ୍କ ନିର୍ଦ୍ଦେଶ ଆଧାରରେ ପରିବାର ଲୋକଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ ଦୁଇ ବର୍ଷ ତଳେ ଏକ ଦୁର୍ଘଟଣାରେ ମୂର୍ତ୍ତିଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଥିଲା । ସେ ଠିକ୍ ସେ ଚଲାବୁଲା କରିପାରୁ ନ ଥିଲେ । ଗତ ଫେବୃୟାରୀ ୧୬ ତାରିଖ ଭୋର ୪ଟା ସମୟରେ ସେ ଫୁଲ ତୋଳିବାକୁ ଯାଇ ଡ୍ରେନ୍‌ରେ ପଡ଼ି ଯାଇଥିଲେ । ପରିବାର ଲୋକ ଅନେକ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ପାଇ ନ ଥିଲେ । ହେଲେ ପିଲାମାନେ କ୍ରିକେଟ୍ ବଲ୍ ଖୋଜିବା ସମୟରେ ଡ୍ରେନ୍‌ରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ । ଖବର ପାଇ ଆନନ୍ଦପୁର ପୁଲିସ ଶବ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ । ଦୀର୍ଘ ଦିନ ହେବ ଉକ୍ତ ଡ୍ରେନ୍‌ଟି ପଙ୍କାଦୁଅରେ ଭର୍ତ୍ତି ହୋଇଛି । ଯେଉଁଥିପାଇଁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଘର ଭିତରେ ପଶୁଛି । ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିଲା । ତାଙ୍କ ମୃତ୍ୟୁ ଘଟଣା ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ବୋଲି ଅଭିଯୋଗ କରି ଉପଯୁକ୍ତ କ୍ଷତିପୂରଣ ଦାବିରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନ୍‌ଏଚ୍‌ଆର୍‌ସିରେ ଏକ ଆବେଦନ କରିଥିଲେ ।

■ ଟ୍ରେନ୍ ଧକ୍କାରେ ହାତୀ ଆହତ ଘଟଣା

# ଟ୍ରାଙ୍କୁଲାଇଜ୍ କରି ଧରିବା ଉଦ୍ୟମ ବିଫଳ

ଢେଙ୍କାନାଳ ୭।୧୧(ସମିସ): ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଅନ୍ତର୍ଗତ ମେରାମଣ୍ଡଳୀ ସେକ୍ସନର ଚିନ୍ତାପୋଖରୀ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଗତ ୧ ତାରିଖ ଦିନ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ହାତୀ ଗୁରୁତର ଆହତ ହୋଇଥିଲା । ଏହି ଆହତ ହୋଇଥିବା ହାତୀକୁ କାବୁ କରି ଚିକିତ୍ସା କରିବାରେ ବନ ବିଭାଗ ବିଫଳ ହୋଇଛି । ଏବେ ମଧ୍ୟ ବନ ବିଭାଗ ହାତୀକୁ ଖୋଜିବାରେ ଲାଗିଛି । ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟା ୧୫ରେ ସଦର ରେଞ୍ଜ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଚିନ୍ତାପୋଖରୀ ନିକଟରେ ୪୯ ଘରିଆ ଏକ ହାତୀପଲ ରେଳ ଧାରଣା ଅତିକ୍ରମ କରୁଥିଲେ । ଏହି ସମୟରେ ଆସୁଥିବା ଏକ ଟ୍ରେନ୍ ଗୋଟିଏ ଦନ୍ତାହାତୀକୁ ଧକ୍କା ଦେଇ ୩୦ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଫଳରେ ଉକ୍ତ ଦନ୍ତାହାତୀର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଗୋଟିଏ ହାତୀ ଗୁରୁତର ଆହତ ହୋଇ ଜଙ୍ଗଲକୁ ଚାଲିଯାଇଥିଲା । ହାତୀଟି ମେରାମଣ୍ଡଳୀ ଜଙ୍ଗଲରେ ରହୁଥିବା ବେଳେ ହାତୀକୁ ଠାବ କରି ଚିକିତ୍ସା କରିବାରେ ବନ ବିଭାଗ ବିଫଳ ହୋଇଛି । ବନବିଭାଗ ତରଫରୁ ରାପିଡ୍ ଆକ୍ସନ୍ ଟିମ୍ ଦୁଇ ଦୁଇ ଥର ଟ୍ରାଙ୍କୁଲାଇଜ୍ କରିବା ପରେ ମଧ୍ୟ ହାତୀକୁ କାବୁ କରାଯାଇପାରିନାହିଁ । ହାତୀର ଗୋଡ଼ରେ ଆଘାତ ଲାଗିଥିବା ବେଳେ ତାକୁ ଚିକିତ୍ସା କରାନଗଲେ ତାର ଜୀବନ ପ୍ରତି ବିପଦ ରହିଥିବାର ବନ ବିଭାଗ ପ୍ରକାଶ କରିଛି ।

**ବନବିଭାଗ ନାକେଦମ**



ଛଟ୍ ପର୍ବ : ଗୁରୁବାର ଅସ୍ତଗାମୀ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ମହିଳାମାନଙ୍କ ପୂଜା ଅର୍ଘ୍ୟ ପ୍ରଦାନ

**ଆମ୍ବ ଟାକୁଆ ଖାଇ ମୃତ୍ୟୁ ଘଟଣା**

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ଏଚ୍‌ଆର୍‌ଏଫ୍‌ଆଇ

**ଫୁଲବାଣୀ, ୭।୧୧(ସମିସ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ମାଣ୍ଡିପଙ୍କାରେ ଘଟିଥିବା ଅଭାବନୀୟ ଘଟଣା ପାଇଁ ସରକାରୀ ବ୍ୟବସ୍ଥା ଦାୟୀ । ଏହି ଘଟଣାର ବିଚାର ବିଚାର ବିଭାଗୀୟ ତଦନ୍ତ ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜାତୀୟ ମାନବାଧିକାର ଫୋରମ୍ (ଏଚ୍‌ଆର୍‌ଏଫ୍‌ଆଇ) ସଦସ୍ୟ ବ୍ରଜକିଶୋର ତ୍ରିପାଠୀ । ବୁଧବାର ମାଣ୍ଡିପଙ୍କା



ଗ୍ରାମକୁ ଯାଇଥିବା ଜାତୀୟ ମାନବାଧିକାର ଫୋରମ୍ ତଥ୍ୟ ଅନୁସନ୍ଧାନକାରୀ ଦଳ(ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍)ରେ ସାମିଲ ଥିବା ବ୍ରଜକିଶୋର ଗୁରୁବାର ସ୍ଥାନୀୟ ସର୍କିଟ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ।

ସେ କହିଛନ୍ତି ଯେ ମାଣ୍ଡିପଙ୍କାରେ ଲୋକମାନଙ୍କ ପାଖରେ ଖାଦ୍ୟ ନଥିବାରୁ ସେମାନେ ବିକଳ୍ପ ଭାବେ ଆମ୍ବଟାକୁଆ ଜାଉ ଖାଇ ପ୍ରାଣ ହରାଉଛନ୍ତି । ମାସିକ ୫ କେଜି ଚାଉଳ ସେମାନଙ୍କୁ ଯଥେଷ୍ଟ ହେଉନାହିଁ । ତେଣୁ ଏହି ଗରିବ ଆଦିବାସୀଙ୍କୁ ଅନ୍ତୋଦ୍ୟ ଯୋଜନା ଅନ୍ତର୍ଭୁକ୍ତ କରିବାକୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିଭଳି ଏହି ଗାଁରେ କେହି ହେଲେ 'ସୁଭଦ୍ରା' ଯୋଜନାରେ ଟଙ୍କା ପାଇ ନଥିବା ସେ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିବା ମାତ୍ର ୧୨ଜଣ ଲୋକଙ୍କ ପାଇଁ ମଧ୍ୟ କାମ ନାହିଁ ବୋଲି ସେ କହିଛନ୍ତି । ତେଣୁ ଆର୍‌ଡିସି ତଦନ୍ତ ବଦଳରେ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ହେବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି ।

ସେହିଭଳି ଜାତୀୟ ମାନବାଧିକାର ଆୟୋଗର କୋର୍ କମିଟି ସଦସ୍ୟ ତଥା ଏଚ୍‌ଆର୍‌ଏଫ୍‌ଆଇର ଅଧ୍ୟକ୍ଷ ମନୋଜ ଜେନା ଓ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ସାମନ୍ତରାୟ ଏହି ଘଟଣା ଏକ ଚିନ୍ତାର ବିଷୟ ବୋଲି କହିଛନ୍ତି । ତିନି ମାସ ଧରି ଚାଉଳ ମିଳିନଥିବା ଯୋଗୁଁ ଏହି ଦୁଃଖଦ ଘଟଣା ଘଟିଲା । ତେଣୁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଜିଲ୍ଲା ଓ ବ୍ଲକ ପ୍ରଶାସନର ଅବହେଳା ବିରୋଧରେ ମାମଲା ରୁଜୁ କରାଯାଇଛି ବୋଲି ପ୍ରତିନିଧିମାନେ ସୂଚନା ଦେଇଛନ୍ତି ।

# ଖାଦ୍ୟ ଓ ଯୋଗାଣମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସର ଏତଲା

**ଫୁଲବାଣୀ, ୭।୧୧(ସମିସ):** ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଖାଇ ଦୁଇ ଜଣଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ଅସୁସ୍ଥ ହେବା ଘଟଣାରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଛି । ଦାରିଙ୍ଗବାଡ଼ି ବ୍ଲକ୍ କଂଗ୍ରେସ ସଭାପତି ସନ୍ତୋଷ ପ୍ରଧାନ ବ୍ରହ୍ମଣୀ ଗାଁ ଥାନାରେ ଏହି ଏତଲା ଦେଇଛନ୍ତି । ଅକ୍ଟୋବର ମାସର ପିଡିଏସ୍ ଚାଉଳ ହିତାଧିକାରୀଙ୍କୁ ଠିକ୍ ସମୟରେ ନ ମିଳିବା କାରଣରୁ ଲୋକେ ବାଧ ହୋଇ ଅଖାଦ୍ୟ ଖାଇଲେ ଏବଂ ଏଭଳି ଅଘଟଣ ଘଟିଲା ବୋଲି ଏତଲାରେ ଦର୍ଶାଯାଇଛି । ଏହି ଘଟଣା ପାଇଁ ଯୋଗାଣ ମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କଂଗ୍ରେସ ନେତା ଶ୍ରୀ ପ୍ରଧାନ ଓ ଅନ୍ୟମାନେ ।

■ ସାବାସ୍ ଦୀପୁ !

# କୁମ୍ଭୀର ସହ ଲଢ଼ି ମରଣମୁହଁରୁ ଫେରିଆସିଲେ

**ମହାକାଳପଡ଼ା, ୭।୧୧(ସମିସ):** କୁମ୍ଭୀର ସହ ଲଢ଼ି ମରଣମୁହଁରୁ ଫେରି ଆସିଲେ ଯୁବକ । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍‌ରେ ଆଜି ଏଭଳି ଏକ ଘଟଣା



ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି । ଯୁବକଜଣଙ୍କ ହେଲେ, ଲୁଣିମାଠିଆ ଗ୍ରାମର ଦୀପୁ ଆହାଡି (୨୮) । ତେବେ କୁମ୍ଭୀର ଆକ୍ରମଣରେ ସେ ଗୁରୁତର ଆହତ ହୋଇଛନ୍ତି । ତାଙ୍କ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଚିକିତ୍ସା ଲାଗି ତାଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କ ଗୋଡ଼ରେ ପ୍ରାୟ ୨୦ଟି ଷ୍ଟିଚ୍ ପଡ଼ିଥିବା ଜଣାଯାଇଛି ।

ସୂଚନାନୁଯାୟୀ, ଦୀପୁ ଆଜି ସକାଳେ ଲୁଣିମାଠିଆ ନିକଟରେ ରାମଚଣ୍ଡୀ ଗଳିଆ ନଦୀରେ ଗାଧୋଉଥିବା ବେଳେ ଏହି ଘଟଣା ଘଟିଥିଲା । ନଦୀରେ ଲୁଚିଥିବା ଏକ କୁମ୍ଭୀର ତାଙ୍କ ଜଙ୍ଘକୁ କାମୁଡ଼ି ଗଭୀର ପାଣିକୁ ଟାଣି ନେଇଥିଲା । କିନ୍ତୁ ଏଥିରେ ଦୀପୁ ଡରି ଯାଇନଥିଲେ । ସାହସର ସହ ସେ କୁମ୍ଭୀର ସହ ଲଢ଼େଇ କରିଥିଲେ । ଫଳରେ କୁମ୍ଭୀରଟି ତାଙ୍କୁ ଛାଡ଼ି ଦେଇଥିଲା । ତେବେ କୁମ୍ଭୀରଟି ତାଙ୍କ ଜଙ୍ଘକୁ କାମୁଡ଼ି ମାଂସ ଛିଣ୍ଡାଇ ନେଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ।

# ଲଣ୍ଡନରେ ପ୍ରଦର୍ଶିତ ହେବ ଓଡ଼ିଶା ହସ୍ତତନ୍ତ

**ଭୁବନେଶ୍ୱର,୭।୧୧(ସମିସ):** ଚଳିତ ମାସ ୧୬ ତାରିଖରେ ଲଣ୍ଡନରେ ଅନୁଷ୍ଠିତ ହେବାକୁ ଥିବା 'ଇଣ୍ଡିଆ ଫ୍ୟାଶନ୍ ୱିକ୍'ରେ ପ୍ରଦର୍ଶିତ ହେବ ଓଡ଼ିଶାର ହସ୍ତତନ୍ତ । ଭୁବନେଶ୍ୱର ଫ୍ୟାଶନ୍ ଡିଜାଇନର୍ ରେମଲି ମହାନ୍ତି ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ଥିମ୍ ସହିତ ବିଭିନ୍ନ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ କରିବେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଭାରତୀୟ ଡିଜାଇନର୍ ଅଂଶଗ୍ରହଣ କରି ନିଜର ସାମଗ୍ରୀ ପ୍ରଦର୍ଶନ କରିବେ । ଦୀର୍ଘଦିନ ଧରି ଫ୍ୟାଶନ୍ କ୍ଷେତ୍ରରେ ରେମଲି ହ୍ୟାଣ୍ଡଲୁମ୍ ଉପରେ କାର୍ଯ୍ୟ କରୁଥିବାରୁ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଇଥିବା ସେ କହିଛନ୍ତି । ତେବେ ଏହି କାର୍ଯ୍ୟକ୍ରମରେ ସେ ଯେଉଁ ପ୍ରଦର୍ଶନ କରିବେ, ତାହା ନୀଳ ରଙ୍ଗର ହୋଇଥିବା ବେଳେ ଏହାର ନାମ ହେଉଛି "ନୀଳ-ଏ ଆଜ୍ୟୁର୍ ଚାର୍ମ' । ଭାରତୀୟ ସଂସ୍କୃତିରେ ନୀଳ ରଙ୍ଗର ଏକ ବିଶେଷ ମହତ୍ୱ ରହିଛି । ଆକାଶ ଓ ମହାସାଗର ରଙ୍ଗ ନୀଳ । ସୃଷ୍ଟିକର୍ତ୍ତା ଭଗବାନ ବିଷ୍ଣୁଙ୍କ ରଙ୍ଗ ନୀଳ ଏବଂ ନୀଳକଣ୍ଠ ଶିବ ଚିରସ୍ଥାୟୀ ବ୍ରହ୍ମାଣ୍ଡ ମଧ୍ୟରେ ଅସୀମ, ଅନନ୍ତ ଏବଂ ପରିବର୍ତ୍ତନଶୀଳ ବାସ୍ତବତାର ପ୍ରତିନିଧିତ୍ୱ କରନ୍ତି । ଏହିପରି ଭାବରେ ଏହା ଆକାଶ ଏବଂ ସମୁଦ୍ରର ଏକ ପ୍ରତିନିଧିତ୍ୱ, ଯାହା ଶିବଙ୍କ (ହିନ୍ଦୁ ଧର୍ମ) ସର୍ବଶକ୍ତି ଏବଂ ସର୍ବଶକ୍ତିର ପ୍ରତୀକ । ତେଣୁ ସେ ତାଙ୍କର ଏହି କାର୍ଯ୍ୟକ୍ରମର ନାମ ଏପରି ରଖିଥିବା ରେମ୍‌ଲି କହିଛନ୍ତି ।

# ପର୍ଯ୍ୟଟନରେ ପୁଞ୍ଜିନିବେଶ ପାଇଁ ବିଦେଶୀ ଉଦ୍ୟୋଗୀ ଆଗ୍ରହୀ

**ଭୁବନେଶ୍ୱର,୭।୧୧(ସମିସ):** ଲଣ୍ଡନଠାରେ ଚାଲିଥିବା ୱାର୍ଲଡ ଟ୍ରାଭେଲ ମାର୍କେଟରେ ଓଡ଼ିଶା ସରକାରଙ୍କର ପ୍ରତିନିଧିମଣ୍ଡଳୀଙ୍କ ପକ୍ଷରୁ ଉତ୍କର୍ଷ ପ୍ରଦର୍ଶନ ବିଭିନ୍ନ ମହଲରେ ବେଶ୍ ଆଦୃତ ହୋଇପାରିଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଡିନ୍‌ବର୍ଗସ୍ଥିତ କନ୍‌ସୁଲେଟ୍ ଜେନେରାଲ ଏବଂ ପ୍ରବାସୀ ଭାରତୀୟ ସମାଜ ତଥା ପର୍ଯ୍ୟଟନରେ ପୁଞ୍ଜିନିବେଶ ନିମନ୍ତେ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ସାକ୍ଷାତ କରି କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା



କ୍ଷେତ୍ରରେ ସମନ୍ୱୟ ରକ୍ଷା ପୂର୍ବକ ଅଗ୍ରଗତି ନିମନ୍ତେ ବିଭିନ୍ନ ବିଶ୍ୱବିଦ୍ୟାଳୟ ସହ ଆଲୋଚନା କରିଛନ୍ତି । ବରିଷ୍ଠ ଅଧିକାରୀଙ୍କୁ ନେଇ ଅନ୍ୟ ଏକ ପ୍ରତିନିଧିମଣ୍ଡଳୀ ଷ୍ଟୋନ୍‌ହେଞ୍ଜସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳ ପରିଦର୍ଶନ କରିବା ସହ ସେଠାରେ ଐତିହ୍ୟସମ୍ପନ୍ନ କୀର୍ତ୍ତିରାଜିର ସଂରକ୍ଷଣ ତଥା ଅଭିଲେଖ କାର୍ଯ୍ୟକାରିତାର ପଦ୍ଧତି ସମ୍ପର୍କରେ ମତ ବିନିମୟ କରିଥିଲେ । ସେହିପରି ଓଡ଼ିଶା ପାଭିଲିୟନରେ 'ବିଜିନେସ୍ ଟୁ ଗଭର୍ଣ୍ଣମେଣ୍ଟ ଓ ବିଜିନେସ୍ ଟୁ ବିଜିନେସ୍'ର ଲକ୍ଷ୍ୟଭୁକ୍ତ ସହଭାଗୀ, ବିଶିଷ୍ଟ ଡେଷ୍ଟିନେସନ ମ୍ୟାନେଜମେଣ୍ଟ କମ୍ପାନୀ ଓ ଖ୍ୟାତିସମ୍ପନ୍ନ ଟୁର୍ ଅପରେଟରମାନଙ୍କ ସହିତ ରାଜ୍ୟରେ ପର୍ଯ୍ୟଟନର ବିଭିନ୍ନ ଭବିଷ୍ୟତ ଦିଗଗୁଡ଼ିକ ଉପରେ ଆଲୋଚନା ହୋଇଥିଲା । ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିଶେଷତ୍ୱ ଓ ସମ୍ପଦ ନେଇ ରାଜ୍ୟ ପର୍ଯ୍ୟଟନର ଭବିଷ୍ୟତ ସମ୍ପର୍କରେ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ବିଚାରବିମର୍ଶ କରାଯାଇଥିଲା । ସେହିପରି ଦ୍ୱିତୀୟ ଦିବସର ଶେଷ କାର୍ଯ୍ୟକ୍ରମ ଐତିହାସିକ କଟ୍ଟି ସାର୍କଠାରେ ଅନୁଷ୍ଠିତ ହୋଇଥିଲା । ପ୍ରତିନିଧିମାନେ ବିଭିନ୍ନ ଶିକ୍ଷାନୁଷ୍ଠାନର ନେତୃମଣ୍ଡଳୀଙ୍କ ସହିତ ନେଟ୍‌ୱାର୍କିଂରେ ମିଳିତ ହୋଇଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଓ କେନ୍ଦ୍ର ପର୍ଯ୍ୟଟନ ସଚିବ ମୁଗ୍ଧା ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅଂଶଗ୍ରହଣ ଫଳରେ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କ ନିମନ୍ତେ ଆମ ରାଜ୍ୟ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ଉପସ୍ଥାପିତ କରିପାରିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

■ ଏଡିନ୍‌ବର୍ଗରେ କନ୍‌ସୁଲେଟ୍ ଜେନେରାଲ ଓ ପ୍ରବାସୀ ଭାରତୀୟଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
■ ୱାର୍ଲଡ ଟ୍ରାଭେଲ ମାର୍କେଟରେ ପ୍ରତିନିଧିମଣ୍ଡଳୀଙ୍କ ଉତ୍କର୍ଷ ପ୍ରଦର୍ଶନ

■ 'କଳିଙ୍ଗ ସାହିତ୍ୟ ମହୋତ୍ସବ'ରେ ଆଲୋଚନା ଚକ୍ର

# ସମ୍ବଲପୁରୀ ଇକତ୍ ଏକ ନିପୁଣ କାରିଗରୀ




ଭୁବନେଶ୍ୱର,୭।୧୧(ସମିସ): ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟର କଳାଭୂମି ଠାରେ 'କଳିଙ୍ଗ ସାହିତ୍ୟ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ସମ୍ବଲପୁରୀ ଇକତସ୍: ଦି ମାଷ୍ଟରପିସ୍' ପୁସ୍ତକର ଲେଖିକା ସରିତା ମିଶ୍ରଙ୍କ ସହିତ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରୀ ଇକତସ୍ ଏକ ନିପୁଣ କାରିଗରର ଉନ୍ନତ ଚିନ୍ତାଧାରାର ଏକ ଅନନ୍ୟ କଳାକୃତି ବୋଲି ମତପ୍ରକାଶ ପାଇଛି । ଲେଖିକା ସରିତା ମିଶ୍ର କହିଛନ୍ତି, ସମ୍ବଲପୁରୀ ଇକତସ୍‌ର ବାନ୍ଧ ପ୍ରକ୍ରିୟା ଅତ୍ୟନ୍ତ ସମୟ ଏବଂ ଶ୍ରମସାପେକ୍ଷ । ଏହି ଅନନ୍ୟ କୃତିକୁ ପ୍ରସ୍ତୁତ କରିବା ପାଇଁ ନିପୁଣ କୌଶଳ ଏବଂ ଚମତ୍କାର କାରୁକାର୍ଯ୍ୟର ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମକୁ ମଧୁଛନ୍ଦା ବଳ ସଂଯୋଜନା କରିଥିଲେ ।

# କ୍ଲାଉଡ୍‌ରେ ଯୋଡ଼ିହେବ ସାଢ଼େ ଚାରି ଲକ୍ଷ ଲିଖିତ ଓଡ଼ିଆ ଶବ୍ଦ

**ଭୁବନେଶ୍ୱର,୭।୧୧(ସମିସ):** ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ପରିଭାଷା ବଦଳିବା ସହିତ ଓଡ଼ିଆ ଭାଷାର ବ୍ୟବହାରକୁ ନେଇ ଆଗାମୀ ଦିନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ହେବ । ଓଡ଼ିଆ ଭାଷା ସୂଚନା ପ୍ରଯୁକ୍ତିକୁ ବ୍ୟବହାର କରି ଶୀର୍ଷସ୍ତରରେ ପହଞ୍ଚିବ । ଭାରତରେ ମାତ୍ର ୧୦ ପ୍ରତିଶତ ଲୋକ ଇଂରାଜୀ ଭାଷାରେ ଯୋଗାଯୋଗ କ୍ଷମତା ରଖୁଥିବା ବେଳେ ଓଡ଼ିଆ ଭାଷାରେ ଜ୍ଞାନ ଆହରଣରେ ଅନେକ ପ୍ରତିବନ୍ଧକ ସୃଷ୍ଟି ହେବା ସହ ଇଂରାଜୀ ଭାଷାରେ ଅଧିକ ନିର୍ଭରଶୀଳତା ଓଡ଼ିଆ ଭାଷାକୁ ସଂକୁଚିତ କରୁଛି । ତେଣୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଆଞ୍ଚଳିକ ଭାଷାକୁ ଅଧିକ ପରିବ୍ୟାପ୍ତ କରିବାକୁ ଯୋଜନା କରୁଛି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ । ଅନ୍‌ଲାଇନ୍ ଦୁନିଆରେ କ୍ରମାଗତ ଭାବେ ଭାଷାର ବ୍ୟବଧାନ ପରିଲକ୍ଷିତ ହେଉଥିବାରୁ ଇଣ୍ଟରନେଟ୍‌ରେ ଓଡ଼ିଆ ତଥ୍ୟର ଅନୁପସ୍ଥିତି ପରିଲକ୍ଷିତ ହେଉଛି । ତେଣୁ ଓଡ଼ିଆ ଭାଷାର ବିକାଶ ପାଇଁ ଏଣିକି କ୍ଲାଉଡ୍‌ରେ ଯୋଡ଼ିହେବ ପ୍ରାୟ ସାଢ଼େ ୪ଲକ୍ଷ ଓଡ଼ିଆ ଲିଖିତ ଶବ୍ଦ ।

ଦିନକୁ ଦିନ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଓ ବ୍ୟବହାର ବୃଦ୍ଧି ପାଉଛି । ବିଶେଷ କରି ବିଭିନ୍ନ କ୍ଷେତ୍ରରେ ଏଆଇ ବା କୃତ୍ରିମ ବୁଦ୍ଧିମତାକୁ ବ୍ୟବହାର କରି ସୁଗମ କରାଯାଉଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏଆଇ ବଙ୍ଗଳା, ଗୁଜରାଟୀ, ଅହମୀୟା ଭାଷାରେ ଲେଖାଯାଉଥିବା ପ୍ରଶ୍ନର ଉତ୍ତର ଦେଉଥିବା ବେଳେ ଓଡ଼ିଆ ଭାଷାକୁ ଗ୍ରହଣ କରୁନାହିଁ; ଯାହାକି ପ୍ରତ୍ୟେକ ଓଡ଼ିଆ ଏବଂ ଓଡ଼ିଆ ଭାଷା ପାଇଁ ଏକ ଦୁର୍ଭାଗ୍ୟ ବୋଲି ମନେ ହେଉଛି । ତେଣୁ ମେଟା ଦ୍ୱାରା ପରିଚାଳିତ ଏଆଇ ଆଗକୁ ଓଡ଼ିଆ ଭାଷାରେ ଲେଖିଲେ ଯେକୌଣସି ତଥ୍ୟ ପ୍ରଦାନ କରିବ, ସେଥିପାଇଁ ଖୁବ୍‌ଶୀଘ୍ର କ୍ଲାଉଡ୍‌ରେ ଯୋଡ଼ିହେବ ଓଡ଼ିଆ ଲିଖିତ ଶବ୍ଦ । ଏଥିପାଇଁ ଖୁବ୍‌ଶୀଘ୍ର ଡାଟାବେସ୍ ପ୍ରସ୍ତୁତ କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟ ଆରମ୍ଭ ହେବ । ଏହାଦ୍ୱାରା ଇଂରାଜୀ ଭାଷା ଭଳି ସମସ୍ତ କ୍ଷେତ୍ରରେ ତଥ୍ୟ ବା ସୂଚନା ପାଇଁ ଏଆଇ ଓଡ଼ିଆ ଭାଷାରେ ସୂଚନା ପ୍ରଦାନ କରିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ଯେକୌଣସି ସ୍ଥାନରେ ରହି ଓଡ଼ିଆ ପଢ଼ିବା ଲେଖିବା ଏବଂ ଓଡ଼ିଆ ଭାଷାରେ ସୂଚନା ପାଇବେ । ଫଳରେ ଦେଶ ବାହାରେ ରହୁଥିଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଆନ୍ତରିକତା ବଢ଼ିବ ବୋଲି ସେ କହିଛନ୍ତି ।

**'ଏଆଇ'ରେ ମିଳିବ ଓଡ଼ିଆରେ ସମସ୍ତ ସୂଚନା**

ସୂଚନା ଅନୁସାରେ, ଅନ୍ୟ ଭାଷା ପରି ଓଡ଼ିଆ ଭାଷା ମଧ୍ୟ ବିଭିନ୍ନ ଶୈଳୀ(ଫଣ୍ଟ)ରେ ଉପଲବ୍ଧ କରାଯିବାକୁ ବିଜେଡି ସରକାର ଓଡ଼ିଆ ଭାଷା ସମ୍ମିଳନୀରେ ଘୋଷଣା କରିଥିଲେ । ଏଥିପାଇଁ ଡାଟାବେସ୍ ମଧ୍ୟ ପ୍ରସ୍ତୁତ ହୋଇଥିଲା, ଯାହା ବିଭିନ୍ନ ଆକାର ଓ ପ୍ରକାରର ଓଡ଼ିଆ ଲିପି ବ୍ୟବହାର କରିବାକୁ ଆଗାମୀ ପିଢ଼ିକୁ ଉତ୍ସାହିତ କରିବ । ପ୍ରଥମ ଥର ପାଇଁ ଓଡ଼ିଆ ଲିପିର ୧୦ଟି ନୂତନ ଶୈଳୀକୁ ସାମିଲ କରାଯିବା ସହ ଓଡ଼ିଆ ଲିପିର ପରିବର୍ତ୍ତିତ ରୂପକୁ ଅଧିକ ସ୍ମରଣୀୟ କରିବା ପାଇଁ ଏହା 'ମହାପ୍ରଭୁ' ନାମରୁ ଆରମ୍ଭ ହେବାକୁ ଇଂରାଜୀରେ 'ମହାପ୍ରଭୁ' ଲେଖିବାବେଳେ ବ୍ୟବହୃତ ୧୦ଟି ଅକ୍ଷର 'ଏମ୍‌ଏଏଚ୍‌ଏପିଆର୍‌ଏବିଏଚ୍‌ୟୁ' ଅନୁଯାୟୀ ଏହାର ନାମକରଣ କରାଯାଇଥିଲା । ମାଧବ, ଆଦିମ, ହଳଧର, ଅବତାର, ପ୍ରଥମ, ରାଘବ, ଅଚ୍ୟୁତ, ବଳଭଦ୍ର, ହରିହର ଓ ଉତ୍କଳ ଆଦି ନାମରେ ବିଭିନ୍ନ ଶୈଳୀ ପ୍ରସ୍ତୁତ ହୋଇଥିଲା । ଓଡ଼ିଆ ଲିପିର କୌଣସି ଆକର୍ଷଣୀୟ ରୂପ ସମ୍ପର୍କରେ ସମସ୍ତେ ଅବଗତ ନ ଥିବାରୁ ଓଡ଼ିଆ ଅକ୍ଷରକୁ ଯେନତେନ ପ୍ରକାରେ ଲେଖିବା ସହ ବ୍ୟାନର୍ ଓ ଫ୍ଲେକ୍ସରେ ଭିନ୍ନ ଭିନ୍ନ ଶୈଳୀରେ ଲେଖା ଯାଉଛି । ତେଣୁ ଏହାକୁ ସରକାରୀ ଭାବେ ସାମିଲ କରି ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ପୂର୍ବ ସରକାର ଯୋଜନା କରିଥିଲେ । ୟୁନିକୋଡ୍ ଫର୍ମାଟ ସବୁ କ୍ଷେତ୍ରରେ ଲାଗୁ କରାଯିବା ସାଙ୍ଗକୁ ମୋବାଇଲ, ଲାପ୍‌ଟପ୍, କମ୍ପ୍ୟୁଟର ଆଦିରେ ସହଜରେ ଏହାକୁ ବ୍ୟବହାର ଏବଂ କୃତ୍ରିମ ବୁଦ୍ଧିମତା ଯୁଗରେ ଭାଷାକୁ ମଧ୍ୟ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଆଞ୍ଚଳିକ ଭାଷାରୁ ବୈଶ୍ୱିକ ଭାଷାରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଅତି ସରଳ, ଆମେ ହିଁ ତା'କୁ ଜଟିଳ କରୁଛେ।
-କନ୍‌ଫୁସିୟସ୍

## ମହଙ୍ଗା ମାରିଦେଲା

ଦାରିଙ୍ଗବାଡ଼ିର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆରୁ ପ୍ରସ୍ତୁତ ଜାଉ ଖାଇ ଦୁଇଜଣ ପ୍ରାଣ ହରାଇଥିବା ଘଟଣାକୁ ନେଇ ରାଜନୀତି ଉଷ୍ମ ହେବାରେ ଲାଗିଛି। ଅଭ୍ୟାସବଶତଃ ପାରମ୍ପରିକ ଖାଦ୍ୟର ପରିଣାମ ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ସରକାର କହୁଥିଲେ ମଧ୍ୟ କେଉଁଠି ନା କେଉଁଠି ଯେ ବ୍ୟବସ୍ଥାଗତ ତ୍ରୁଟି ରହିଛି ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଘଟଣାର ଆରଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ସରକାରଙ୍କ ଆଶଙ୍କାକୁ ଆହୁରି ସ୍ପଷ୍ଟ କରୁଛି। ଅପରପକ୍ଷରେ ଖାଦ୍ୟ ସୁରକ୍ଷା ଯୋଜନାରେ ଦିଆଯାଉଥିବା ରାସନ୍ ସାମଗ୍ରୀକୁ ଇ-କେୱାଇସି ଆଳରେ ମାସ ମାସ ଧରି ଅଟକାଇବା ଯୋଗୁଁ ମୃତକଙ୍କ ପରିବାର ଆମ୍ବ ଟାକୁଆରୁ ପ୍ରସ୍ତୁତ ଜାଉ ଖାଇବାକୁ ବାଧ୍ୟ ହେଲେ ବୋଲି ଅଭିଯୋଗ ଆସୁଛି। ରାସନ୍ ସାମଗ୍ରୀ ଠିକ୍ ସମୟରେ ମିଳିଥିଲେ ମଧ୍ୟ ବର୍ତ୍ତମାନର ବଜାର ଦର ଯାହା ସେଥିରେ ଗରିବ ପରିବାରର ଲୋକଟିଏ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ତେଣୁ ଆଗାମୀ ଦିନରେ ଏଭଳି ଅନେକ ଅସ୍ୱାଭାବିକ ଓ ଅଭାବନୀୟ ଘଟଣାର ପୁନରାବୃତ୍ତି ହେବାର ଆଶଙ୍କା ଧୀରେ ଧୀରେ ବଢ଼ିବାରେ ଲାଗିଛି। ସରକାର ବାହାଦୂର ଜାଣି ରଖିବା ଦରକାର ଯେ ଖାଦ୍ୟ ଥାଳିରେ ଶସ୍ୟ ବା ଚାଉଳ ଓ ଗହମର ଦରଦାମର ଅବଦାନ ମାତ୍ର ୧୦%। ଜଣେ ବ୍ୟକ୍ତି କେବଳ ଭାତ ବା ରୁଟି ଖାଇ ପୁଷ୍ଟ, ସୁସ୍ଥସବଳ ହେବା ଦୂରେ ଥାଉ ଅଧିକ ଦିନ ସ୍ୱାଭାବିକ ଭାବେ ଜୀବନଧାରଣ କରିପାରିବ ନାହିଁ। ଆମେ ନିତିଦିନ ଖାଉଥିବା ଖାଦ୍ୟ ଥାଳିରେ ଭାତ ଓ ରୁଟି ସହିତ ପନିପରିବା, ତେଲ, ମସଲା ଓ ଡାଲି ଭଳି ଅତ୍ୟାବଶ୍ୟକ ଆନୁଷଙ୍ଗିକ ଖାଦ୍ୟ ସାମଗ୍ରୀର ବଜାର ଦର ଏତେ ବଢ଼ିଯାଇଛି ଯେ ଗରିବ ଲୋକଟିଏ ପାଇଁ ତାହା ଏବେ ସ୍ୱପ୍ନ ପାଲଟିଯାଇଛି।

କେବଳ ଗତ ମାସର ବଜାର ଦର ଉପରେ ଦୃଷ୍ଟି ଦିଆଯାଉ। ଆନ୍ତର୍ଜାତିକ ରେଟିଂ ସଂସ୍ଥା କ୍ରିସିଲ୍‌ର ତଥ୍ୟ ଅନୁଯାୟୀ ଭାରତରେ ଗତ ଅକ୍ଟୋବର ମାସରେ ହୋଟେଲ୍ କଥା ଛାଡ଼ି ଦିଅନ୍ତୁ, ଘରେ ରୋଷେଇ ହେଉଥିବା ନିରାମିଷ ଖାଦ୍ୟ ଥାଳି ପିଛା ଦର ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଶାକାହାରୀ ଭୋଜନରେ ପନିପରିବା ଦରର ଯୋଗଦାନ ୪୦% ଥିବାରୁ ସ୍ୱାଭାବିକ ଭାବେ ଖାଇବା ଥାଳି ମହଙ୍ଗା ହୋଇଛି। କେବଳ ଓଡ଼ିଶା ନୁହେଁ ଜାତୀୟ ସ୍ତରରେ ଆଳୁ ଦର ହାରାହାରି ୪୬% ଓ ପିଆଜ ଦର ହାରାହାରି ୫୧% ବଢ଼ିଛି। ବର୍ଷାର ପ୍ରଭାବ ଓ ଅମଳ ହ୍ରାସ ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଥିଲେ ହେଁ ଅନ୍ୟାନ୍ୟ ଖାଦ୍ୟ ଶସ୍ୟର ଆକାଶ ଛୁଆଁ ଦରବୃଦ୍ଧିକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। କ୍ରିସିଲ୍‌ର ଅନୁସନ୍ଧାନ ତଥ୍ୟ ଅନୁଯାୟୀ ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ବର୍ଷାର ପ୍ରାବଲ୍ୟ ଯୋଗୁଁ ପିଆଜ ଅମଳ ବିଳମ୍ବିତ ହୋଇଛି। ରବି ଋତୁରେ ଅମଳ ହୋଇଥିବା ଆଳୁର ମହଜୁଦ ପରିମାଣ ହ୍ରାସ ପାଇବାରୁ ଆଳୁ ଦର ବଢ଼ିଛି। ସାଧାରଣତଃ ଭାରତରେ ବାର୍ଷିକ ଆଳୁ ଉତ୍ପାଦନର ୯୫% ରବି ଋତୁରେ ହେଉଥିବା ବେଳେ ଚଳିତ ବର୍ଷ ବର୍ଷାର ଅସ୍ୱାଭାବିକତା ଯୋଗୁଁ ଉତ୍ପାଦନ ବ୍ୟାହତ ହୋଇ ମହଜୁଦ ପରିମାଣ କମିଛି। ତେଣୁ ବର୍ତ୍ତମାନର ସ୍ଥିତିରେ ସୁଧାର ଆସିବା ପାଇଁ ଆସନ୍ତା ଡିସେମ୍ବର-ଜାନୁଆରୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ଏବଂ ସେ ପର୍ଯ୍ୟନ୍ତ ବଜାରରେ ଆଳୁ ଓ ପିଆଜ ଦରରୁ ଖାଉଟିଙ୍କୁ ମୁକ୍ତି ମିଳିବାର ସମ୍ଭାବନା ନାହିଁ। ସେହିପରି ଟମାଟୋ ଦର ଗତ ବର୍ଷ ତୁଳନାରେ ଅକ୍ଟୋବର ମାସରେ ଦୁଇଗୁଣା ବୃଦ୍ଧି ପାଇଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶରେ ବର୍ଷାର ପ୍ରାବଲ୍ୟ ଓ ଚାହିଦା ବୃଦ୍ଧି ଭଳି କାରକ ଟମାଟୋ ଦରକୁ ପ୍ରଭାବିତ କରିଥିବା କୁହାଯାଉଛି। ଖାଦ୍ୟ ଥାଳିରେ ୯% ଅବଦାନ ରଖୁଥିବା ଡାଲିଜାତୀୟ ଶସ୍ୟର ମୂଲ୍ୟ ଇତିମଧ୍ୟରେ ୧୧% ପର୍ଯ୍ୟନ୍ତ ବଢ଼ିଛି। ଡିସେମ୍ବର ଶେଷ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳିବାର ସମ୍ଭାବନା ମଧ୍ୟ ନାହିଁ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିଥିବାରୁ ଖାଉଟି ବଜାରରେ ତାହାର ପ୍ରଭାବ ପଡ଼ିଛି ଏବଂ ୧୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ତେବେ ଆଶ୍ୱସ୍ତିର ବିଷୟ ହେଉଛି ଇତିମଧ୍ୟରେ ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ ଖାଇବା ଥାଳିକୁ ଅଧିକ ମହଙ୍ଗା ହେବାରୁ କିଛିଟା ସୁରକ୍ଷା ଦେଇଛି। ନଚେତ୍ ଆମ ଖାଇବା ଖର୍ଚ୍ଚ ଆହୁରି ବଢ଼ିଯାଇଥା'ନ୍ତା।

କେବଳ ଅସ୍ୱାଭାବିକ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରକୋପକୁ ଦାୟୀ କରି ସରକାର ଦରବୃଦ୍ଧି ଜନିତ ଅପବାଦରୁ ବର୍ତ୍ତି ପାରିବେ ନାହିଁ। ଏକପକ୍ଷରେ ଖାଉଟିମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧିରେ ଅତିଷ୍ଠ ହୋଇପଡ଼ିଥିବା ବେଳେ ଗତାନୁଗତିକ ଢଙ୍ଗରେ ସରକାରଙ୍କ ପକ୍ଷରୁ ଏହା ପଛରେ ଯୋଗାଣ-ଚାହିଦା ଅମେଳର କାରଣ ଦର୍ଶାଇ ନିଜ ଉପରୁ ଦୋଷ ଛଡ଼ାଇବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ବାସ୍ତବତା ହେଉଛି ଯେତେ ଯାହା କହିଲେ ବି ଶାସନ-ପ୍ରଶାସନ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ଯେ ବିଫଳ ଏହା ଅନସ୍ୱୀକାର୍ଯ୍ୟ। ବଜାର ଉପରେ ସତର୍କ ଦୃଷ୍ଟି ରଖିବାକୁ ସରକାରୀ କଳ ଯେଉଁମାନଙ୍କୁ ଦାୟିତ୍ୱ ଦେଇଛି, ସେମାନେ ଯଦି ସ୍ୱଚ୍ଛ, ନିଷ୍ଠାବାନ ଓ ସଚ୍ଚୋଟ ହୁଅନ୍ତେ ତେବେ ଏଭଳି ସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ବାବୁ-ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ପ୍ରଶାସନ ଦେଖି ନ ଦେଖିବା ପରି ରହିଯାଏ ଏବଂ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଖାଉଟିଙ୍କୁ ଲୁଟିଚାଲନ୍ତି। ଏହି ଅସାଧୁ ମେଣ୍ଟର କାରସାଦୀ ରାସନ୍ ସାମଗ୍ରୀଠାରୁ ଆରମ୍ଭ କରି ଔଷଧ ବଜାର ପର୍ଯ୍ୟନ୍ତ ପରିବ୍ୟାପ୍ତ।

ବର୍ତ୍ତମାନର ମହଙ୍ଗା ଖାଉଟି ବଜାର ଓ ଅତିଷ୍ଠ ଜୀବନଧାରଣର ସ୍ଥିତିକୁ ଆହୁରି ସରଳ ଭାବେ ବୁଝାଇବା ପାଇଁ ବିଗତ ଶତାବ୍ଦୀର ସତୁରୀ ଦଶକରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'ବଳିଦାନ' ଓ ହିନ୍ଦୀ ଚଳଚ୍ଚିତ୍ର 'ରୋଟି କପଡ଼ା ଔର ମକାନ୍'ର ଦୁଇଟି ଗୀତର କେତୋଟି ଧାଡ଼ି ଉଦ୍ଧୃତି ଅଧିକ ପ୍ରାସଙ୍ଗିକ ହେବ। ସେହି ଦୁଇ ଚଳଚ୍ଚିତ୍ରରେ ଥିବା ଦୁଇଟି ସଙ୍ଗୀତରେ (ଭାତ ମହଙ୍ଗା ଏଠି ରୁଟି ମହଙ୍ଗା, ଘର ମହଙ୍ଗା ଏଠି ଲୁଗା ମହଙ୍ଗା, ଆଜି ଏ ଦେଶେ ସବୁ ମହଙ୍ଗା ମହଙ୍ଗା -ବଳିଦାନ / ସକର ମେ ୟେ ଆଟେ କି ମିଲାଇ ମାରଗେୟି, ରାସନ୍ ୱାଲି ଲାଇନ୍ କି ଲମ୍ବାଇ ମାରଗେୟି, ବାକି କୁଛ ବଚେ ୟା ମେହେଙ୍ଗାଇ ମାରଗେଇ - ରୋଟି କପଡ଼ା ଔର ମକାନ୍) ସାଧାରଣ ଜୀବନଧାରଣରେ ମହଙ୍ଗାର ପ୍ରଭାବକୁ ଯେପରି ଶାଣିତ ଓ ବ୍ୟଙ୍ଗାତ୍ମକ ବ୍ୟାଖ୍ୟା କରାଯାଇଛି ତାହା ସର୍ବକାଳୀନ ଗୁରୁତ୍ୱ ରଖେ। ତେଣୁ ଏବେ ସାଧାରଣ ଲୋକଟିଏ ମୃତ୍ୟୁ ପଛରେ ଦୁର୍ଘଟଣା ଅପେକ୍ଷା ମହଙ୍ଗା ସ୍ଥିତିକୁ ଅଧିକ ଦାୟୀ କରାଗଲେ ଅତିଶୟୋକ୍ତି ହେବ ନାହିଁ। ଖାଉଟି ବଜାରଠୁ ବଳି ଗଲାଣି ଚିକିତ୍ସା ଖର୍ଚ୍ଚ। ତେଣୁ ହୁଏତ ଏପରି ଦିନ ଆସିବା ଡେରି ନୁହେଁ, ଯେତେବେଳେ ଯଦି କେହି କାହାର ମୃତ୍ୟୁର କାରଣ ପଚାରେ ଉତ୍ତର ଆସିବ 'ମହଙ୍ଗା ମାରିଦେଲା'।

## ପ୍ରଭୁତ୍ୱବାଦର ପରାଜୟ



ଶ୍ରୀକାନ୍ତ ସାହୁ

ଟ୍ରମ୍ପ ନା କମଳା ହାରିସ୍? ବିଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଆଲୋଚନାର ଅବସାନ ଘଟିଛି। ବୁଧବାର ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ଘୋଷିତ ହେବା ସହ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ନିଶ୍ଚିତ ହୋଇଛି। କିନ୍ତୁ ଆଲୋଚନା ଏଇଠି ଶେଷ ହୋଇ ନାହିଁ, ବରଂ ବଢ଼ିଛି। ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏବେ ବୈଶ୍ୱିକ ଗତି କ'ଣ ହେବ ତାହାକୁ ନେଇ ଆନ୍ତର୍ଜାତିକ ମହଲରେ ପୁଣି ତର୍ଜମା ଆରମ୍ଭ ହୋଇଛି।

ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ୟୁକ୍ରେନ-ରୁଷିଆ ଏବଂ ଇରାନ-ଇସ୍ରାଏଲ ଯୁଦ୍ଧ ପର୍ଯ୍ୟନ୍ତ ଆମେରିକାର କୂଟନୀତି ଓ ରଣନୀତି ଯେ ବୈଶ୍ୱିକ ଅର୍ଥନୀତି, ଭୂ-ରାଜନୀତି, ବୈଦେଶିକ ନୀତି, ସାମରିକ, ଭୌତିକ ଏବଂ ବୈଷୟିକ କ୍ଷେତ୍ର ଯାଏଁ ପ୍ରଭାବଶାଳୀ କରିଆସିଛି ତାହା ସମସ୍ତଙ୍କୁ ଊଣାଅଧିକେ ଜଣା। ଏହିକ୍ରମରେ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ହେବା ଏବଂ ତାଙ୍କ ନେତୃତ୍ୱାଧୀନ ସରକାରକୁ ନେଇ ବୈଶ୍ୱିକ ଭବିଷ୍ୟତ ସମ୍ପର୍କରେ ଆଲୋଚନା କିମ୍ବା ତର୍ଜମା କରିବାର ଅବକାଶ ଅଯୌକ୍ତିକ ହେବ ନାହିଁ। କେବଳ ଆନ୍ତର୍ଜାତିକ କ୍ଷେତ୍ର ନୁହେଁ, ଭାରତ ଭଳି ଏକ କ୍ରମବର୍ଦ୍ଧନଶୀଳ ଅର୍ଥନୀତିର ଗତି ଓ ଶକ୍ତି ମଧ୍ୟ ଟ୍ରମ୍ପ ସରକାରଙ୍କ ଆଭିମୁଖ୍ୟ ଉପରେ ଅନେକ ସ୍ତରରେ ନିର୍ଭର କରିବ।

ଆମେରିକାର ଶାସନ କ୍ଷମତାରେ କେବଳ ଦୁଇ ପ୍ରମୁଖ ଦଳ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ ର ନିରଙ୍କୁଶ ପ୍ରଭାବ ରହି ଆସିଛି। ଚଳିତ ନିର୍ବାଚନରେ ମଧ୍ୟ ଏହି ଦୁଇ ଦଳର ନେତା କମଳା ହାରିସ୍ ଓ ଡୋନାଲ୍ଡ ଟ୍ରମ୍ପ ଅବତୀର୍ଣ୍ଣ ହୋଇଥିଲେ। ତେବେ ଆମେରିକା ନିର୍ବାଚନ ଇତିହାସରେ ଚଳିତ ଥରର ନିର୍ବାଚନ ସବୁଠୁ ତୀବ୍ର ଓ ଉତ୍କଣ୍ଠାପୂର୍ଣ୍ଣ ଭାବେ ଅଭିହିତ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ କମଳା ହାରିସ୍‌ଙ୍କ ବିଜୟ ନିଶ୍ଚିତ ବୋଲି ଆକଳନ କରାଯାଇଥିଲା ବେଳେ ଆମେରିକାରେ 'ଓବାମା ୪.୦' ସରକାର ପ୍ରତିଷ୍ଠା ଲାଭ କରିବ ବୋଲି ଡେମୋକ୍ରାଟ୍ ଦଳ ସମେତ ଏହାର ପ୍ରମୁଖ ନେତା ଜୋ ବାଇଡେନ୍, ବାରାକ୍ ଓବାମା, ବିଲ୍ କ୍ଲିଣ୍ଟନ, ହିଲାରୀ କ୍ଲିଣ୍ଟନ, 'କାଉନ୍ସିଲ ଅଫ୍ ଫରେରନ ରିଲେସନ' ମଞ୍ଚ, ୱାଲ ଷ୍ଟ୍ରିଟ୍ ଥିଙ୍କ ଟ୍ୟାଙ୍କ, ପ୍ରତିରକ୍ଷା ଓ ଶିଳ୍ପ କ୍ଷେତ୍ର ଖୁସି ହୋଇଯାଇଥିଲେ। କିନ୍ତୁ ସବୁ କଳ୍ପନାଜଳ୍ପନାକୁ ଭୁଲ୍ ପ୍ରମାଣିତ କରି ଟ୍ରମ୍ପ ବିଜୟୀ ହେଲେ। ଶାସକ ଦଳ ଭାବେ ଡେମୋକ୍ରାଟ୍ ଦଳର ପ୍ରଭାବ ସତ୍ତ୍ୱେ ଟ୍ରମ୍ପ କିପରି ବିଜୟ ହାସଲ କଲେ ତାହାକୁ ବୁଝିବାକୁ ହେଲେ ଆମେରିକାର ଶାସନ ବ୍ୟବସ୍ଥା ଏବଂ ସେମାନଙ୍କର ଦଳୀୟ ଆଭିମୁଖ୍ୟ, ନୈତିକ ଆଦର୍ଶ ଓ ବିଚାରଧାରାକୁ ବୁଝିବାକୁ ପଡ଼ିବ। ଡେମୋକ୍ରାଟ୍ ଦଳ ପ୍ରାୟତଃ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଆସିଥିଲେ ହେଁ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରକୁ ଗୁରୁତ୍ୱ, ବିଭାଜନ ରାଜନୀତି, ଆନ୍ତର୍ଜାତିକ ସ୍ତରରେ ଦମନମୂଳକ ପ୍ରଭାବ ବିସ୍ତାରକୁ ପ୍ରାଧାନ୍ୟ ଦେଇ ଆସିଛି। ତେଣୁ ଏହି ଦଳ ଆମେରିକାର 'ଡିପ୍‌ଷ୍ଟେଟ୍'(ପ୍ରଭୁତ୍ୱବାଦ)ର ପ୍ରତୀକ ଭାବେ ବିଦିତ। ଅନ୍ୟପକ୍ଷରେ ରିପବ୍ଲିକାନ ଦଳ ଜାତୀୟ ସ୍ୱାର୍ଥ ଓ ରାଷ୍ଟ୍ରୀୟ ଭାବନାକୁ ଅଗ୍ରାଧିକାର ଦେଇଆସିଛି।

ଡୋନାଲ୍ଡ ଟ୍ରମ୍ପ ମୂଳତଃ ଜଣେ ବ୍ୟବସାୟୀ। ସେ ସଦାସର୍ବଦା 'ଡିଲ ଆଣ୍ଡ ପ୍ରସପରିଟି'(ମୂଲଚାଲ ଓ ସମୃଦ୍ଧି) ଉପରେ ବିଶ୍ୱାସ କରନ୍ତି। ସେ 'ଡିପ୍‌ଷ୍ଟେଟ' ଦ୍ୱାରା ପରିଚାଳିତ ନୁହନ୍ତି। ନିଜ ଦେଶର ସ୍ୱାର୍ଥରକ୍ଷା ସହ ଯଦି କୌଣସି ରାଷ୍ଟ୍ର ସହ ମୂଲଚାଲ କରିବାକୁ ପଡ଼େ ତେବେ ଟ୍ରମ୍ପ ପଛଘୁଞ୍ଚା ଦିଅନ୍ତି ନାହିଁ। ଅପରପକ୍ଷରେ 'ଡିପ୍‌ଷ୍ଟେଟ' ପ୍ରରୋଚନାରେ କୌଣସି ରାଷ୍ଟ୍ରକୁ ବିଭାଜିତ କରିବାର ମାନସିକତା ରଖନ୍ତି ନାହିଁ। ଟ୍ରମ୍ପଙ୍କ ଏହି ମାନସିକତାର ପ୍ରମାଣ ଚଳିତ ନିର୍ବାଚନ ପ୍ରଚାର ବେଳେ ଦେଖିବାକୁ ମିଳିଛି, ଯାହାକି ତାଙ୍କ ବିଜୟପଛର ମୁଖ୍ୟ କାରଣ ବୋଲି କୁହାଯାଉଛି। ଚଳିତ ନିର୍ବାଚନରେ ଆମେରିକାର ଅର୍ଥ ବ୍ୟବସ୍ଥା, ବୈଦେଶିକ ନୀତି, ବେଆଇନ ଅନୁପ୍ରବେଶ ଉପରେ କଟକଣା, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ବାଣିଜ୍ୟ ବ୍ୟବସାୟ ଓ ଶୁଳ୍କ ଏବଂ ଆବରସନ(ଗର୍ଭପାତ) ଆଦି ବିଷୟ ମୁଖ୍ୟ ପ୍ରସଙ୍ଗ ହୋଇଥିଲା। ଆମେରିକାର ବିପଥଗାମୀ ଅର୍ଥନୀତିରେ ସୁଧାର ଆଣିବା ଲାଗି ଟ୍ରମ୍ପ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହିତ ସହଯୋଗୀ ରାଷ୍ଟ୍ରମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାମୂଳକ ବାଣିଜ୍ୟିକ ଶୁଳ୍କ(ମୂଲ୍ୟସୂଚୀ) ନିର୍ଦ୍ଧାରଣ କରିବାକୁ କହିଛନ୍ତି। ସେହିପରି ବେଆଇନ ଅନୁପ୍ରବେଶ(ଇମିଗ୍ରେସନ)କୁ ନିୟନ୍ତ୍ରଣ କରିବା ପାଇଁ ବହିରାଗତଙ୍କ ଉପରେ କଟକଣା ଜାରି କରିବାକୁ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କେବଳ ସେତିକି ନୁହେଁ, ବାମପନ୍ଥୀ ଏବଂ କଠୋରବାଦ ଚିନ୍ତାଧାରାର ବିସ୍ତାର ପାଇଁ ଆମେରିକାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏବଂ ଥିଙ୍କଟ୍ୟାଙ୍କଗୁଡ଼ିକୁ ସରକାରୀ ରାଜକୋଷରୁ ଯେଉଁଭଳି ବିପୁଳ ଅର୍ଥ ସହାୟତା ଦିଆଯାଉଛି ତାହାକୁ ମଧ୍ୟ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାଦ୍ୱାରା ପ୍ରବାସୀଙ୍କ ଦ୍ୱାରା ଦିନକୁ ଦିନ ବିପନ୍ନ ହୋଇପଡୁଥିବା ଆମେରିକୀୟ ସମାଜ ସୁରକ୍ଷିତ ହେବା ସହିତ ଆମେରିକାରୁ ସହାୟତା ପାଉଥିବା ବାମପନ୍ଥୀ ଏବଂ କଠୋରବାଦୀଙ୍କୁ ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର ପାଇଁ ସୁଯୋଗ ମିଳିବ ନାହିଁ। ଏହାର ସାମୂହିକ ପ୍ରଭାବ ଆନ୍ତର୍ଜାତିକ ସ୍ତରରେ ସୁପ୍ରଭାବ ଆଣିବ ବୋଲି ବିବେଚନା କରାଯାଉଛି।

ଅନ୍ୟପକ୍ଷରେ ଟ୍ରମ୍ପ ଯୁଦ୍ଧ ବିରୋଧୀ ମାନସିକତା ରଖିଥିବାରୁ ଆଗାମୀ ଦିନରେ ରୁଷ-ୟୁକ୍ରେନ ଏବଂ ଇସ୍ରାଏଲ-ଇରାନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହେବାର ଆଶା କରାଯାଉଛି। ମାତ୍ର ୨୪ ଘଣ୍ଟାରେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ଏହା ଯଦି ସମ୍ଭବ ହୁଏ ତେବେ ବିଶ୍ୱସମାଜରେ ସ୍ଥିତି ସ୍ୱାଭାବିକ ହୋଇ ଶାନ୍ତି ଫେରିବା ସହିତ ପରୋକ୍ଷରେ ବିଶ୍ୱ ଅର୍ଥନୀତି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ ବୋଲି କୁହାଯାଉଛି। ଆଗାମୀ ୪ ବର୍ଷ ପାଇଁ ବିଶ୍ୱ ଯୁଦ୍ଧ ପରିସ୍ଥିତିକୁ ସାମ୍ନା ନ କରିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। କାରଣ ବିଶ୍ୱର ଯେତିକି ଭାଗରେ ବିବାଦ ଏବଂ ଯୁଦ୍ଧ ପାଇଁ ବାଟ ସୃଷ୍ଟି ହୋଇଛି ତାହା ମୁଖ୍ୟତଃ ଡେମୋକ୍ରାଟ୍ ନେତାଙ୍କ ପାଇଁ ସୃଷ୍ଟି ହୋଇଛି।

ଏବେ ଆସନ୍ତୁ ଭାରତ କଥା ଚିନ୍ତା କରିବା। ଟ୍ରମ୍ପଙ୍କ ବିଜୟ ଆମ ଦେଶ ପାଇଁ କିଭଳି ପ୍ରଭାବ ପକାଇବ ତାହା ଆମ ପାଇଁ ବଡ଼ ପ୍ରସଙ୍ଗ। ଟ୍ରମ୍ପଙ୍କ ବିଜୟ ପାଇଁ ଭାରତରେ ସାଧୁ, ସନ୍ଥମାନେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ କରିଥିବା ଦେଖାଯାଇଥିଲା ବେଳେ ସେ ବିଜୟୀ ଘୋଷିତ ହେବା ପରେ ଖୁସିର ମହୋତ୍ସବ ଦେଖାଯାଇଛି। କିନ୍ତୁ ଏଠାକାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ମଧ୍ୟରେ ଏଭଳି ନୈରାଶ୍ୟ ଖେଳିଯାଇଛି, ଯାହାକି ଆମେରିକାରେ କମଳା ହାରିସଙ୍କ ପରାଜୟକୁ ନେଇ ଡେମୋକ୍ରାଟ୍, ଡିପଷ୍ଟେଟ ମଧ୍ୟରେ ଦେଖାଯାଇ ନାହିଁ। କାରଣ ଟ୍ରମ୍ପଙ୍କ ବିଜୟ ପରେ ଆମେରିକାର ଡିପ୍‌ଷ୍ଟେଟ୍‌ର ପ୍ରଭାବ କମିବ ଏବଂ ଭାରତ ବିରୋଧୀ ଶକ୍ତିମାନଙ୍କ ପ୍ରଭାବ ହ୍ରାସ ପାଇବା ସହିତ ଭାରତର ଏକତା, ସଂହତି, ସୁରକ୍ଷା, ସୀମା ଏବଂ ରାଜନୈତିକ ସ୍ଥିରତା ପାଇଁ ବାଟ ଖୋଲିବ ବୋଲି କୁହାଯାଉଛି। ଭାରତର ଏମିତି କୌଣସି ପଡ଼ୋଶୀ ରାଷ୍ଟ୍ର ନାହିଁ, ଯେଉଁଠି ଆମେରିକାର ଡିପ୍‌ଷ୍ଟେଟ ପ୍ରଭାବରେ କ୍ଷମତାରେ ପରିବର୍ତ୍ତନ ହୋଇନାହିଁ। ଏହାର ସଦ୍ୟତମ ଉଦାହରଣ ଭାବେ ବାଂଲାଦେଶକୁ ନିଆଯାଇପାରେ। କେବଳ ସେତିକି ନୁହେଁ, ଜମ୍ମୁ-କାଶ୍ମୀରରେ ଧାରା ୩୭୦ ପ୍ରତ୍ୟାହାରକୁ ନେଇ ଉପରାଷ୍ଟ୍ରପତି କମଳା ହାରିସ୍ ଯାହା କହିଥିଲେ ତାହାକୁ ସ୍ମରଣ କରାଯାଇପାରେ। 'ଜମ୍ମୁ-କାଶ୍ମୀରବାସୀ ଏକୁଟିଆ ନୁହନ୍ତି, ଆମେରିକା ସେମାନଙ୍କ ସହ ରହିଛି' ବୋଲି କମଳା ଅତୀତରେ ଟିପ୍ପଣୀ କରିଥିଲେ। ଏଥିରୁ ଆମେରିକାର ଡିପ୍‌ଷ୍ଟେଟର ଆଭିମୁଖ୍ୟର ସ୍ପଷ୍ଟ ସୂଚନା ମିଳୁଛି। ଯଦି କମଳା ହାରିସ୍ ବିଜୟୀ ହୋଇଥା'ନ୍ତେ ତେବେ ଆମେରିକାରେ ଓବାମା.୪.୦ ସରକାର 'ଇକୋସିଷ୍ଟମ' ଚାଲୁ ରହିବା ସହିତ ଭାରତରେ ମଧ୍ୟ ପ୍ରଗତି ବିରୋଧୀଙ୍କ ଶକ୍ତି ବୃଦ୍ଧି ପାଇଥା'ନ୍ତା। ଭାରତରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ସହିତ ଦେଶର ପ୍ରଗତି, ଅଭିବୃଦ୍ଧି ରୋକାକିବାକୁ ଏହି ସବୁ ଶକ୍ତିମାନଙ୍କୁ ପର୍ଯ୍ୟାପ୍ତ ଅର୍ଥ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳିଥା'ନ୍ତା। କିନ୍ତୁ ଟ୍ରମ୍ପଙ୍କ ବିଜୟ ପରେ ଅନ୍ତତଃ ଏହି ବାଟ ବନ୍ଦ ହୋଇଯିବ ବୋଲି ଆଶା କରାଯାଉଛି। ବିଶେଷକରି ହିନ୍ଦୁ ସମାଜର ସୁରକ୍ଷା ଲାଗି ଟ୍ରମ୍ପଙ୍କ ପ୍ରତିଶ୍ରୁତି ବିଶ୍ୱକୁ ଏକ ଭିନ୍ନ ଦୃଷ୍ଟିକୋଣରେ ବିଚାର କରିବାକୁ ଅବକାଶ ସୃଷ୍ଟି କରିବ।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ବ୍ୟାବସାୟିକ ଆଭିମୁଖ୍ୟକୁ ନେଇ ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଭାରତ ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। କିନ୍ତୁ ଆମେ ଯଦି ଆମ ରାଷ୍ଟ୍ରୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦେଉଛୁ ସେଠି ଟ୍ରମ୍ପଙ୍କ ଜାତୀୟ ସ୍ୱାର୍ଥାଭିମୁଖୀ ମାନସିକତାକୁ ବିରୋଧ କରିବାର ଆବଶ୍ୟକ ନାହିଁ। ବ୍ୟବସାୟ, ବାଣିଜ୍ୟ, ପ୍ରତିରକ୍ଷା, ବୈଷୟିକ କ୍ଷେତ୍ରରେ ଭାରତ ଏବଂ ଆମେରିକାର ସ୍ୱାର୍ଥନିହିତ ବୁଝାମଣାକୁ ଗୁରୁତ୍ୱ ଦେଇ ଉଭୟ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ବଜାୟ ରହିଲେ କ୍ଷତି କିଛି ନାହିଁ।

ଅନ୍ତତଃ ରାଜନୈତିକ ସ୍ଥିରତା ଏବଂ ସୁରକ୍ଷା ଦିଗରୁ ଯଦି ଭାରତ ଚିନ୍ତାମୁକ୍ତ ରହିବ, ଅନ୍ୟାନ୍ୟ ଦିଗରେ ବୁଝାମଣା ପାଇଁ କ୍ଷେତ୍ର ପ୍ରସ୍ତୁତ ହେବାରେ ଅସୁବିଧା ହେବ ନାହିଁ ବୋଲି ରାଜନୈତିକ ବିଶାରଦମାନେ ମତ ଦେଉଛନ୍ତି। ବିଶେଷକରି ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭଳି ଦୁଇ ରାଷ୍ଟ୍ରବାଦୀ ନେତାଙ୍କ ମାନସିକତା କେବଳ ଭାରତ ଏବଂ ଆମେରିକା ନୁହେଁ, ବରଂ ବିଶ୍ୱସମାଜରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି।

ଭୁବନେଶ୍ୱର
journalistsrikant@gmail.com

## ନ୍ୟୁରୋପ୍ଲାଷ୍ଟିସିଟିର ନାଡ଼ିନକ୍ଷତ୍ର



ଡ. ନିତ୍ୟାନନ୍ଦ ସ୍ୱାଇଁ

ନୂଆ କିଛି କରିବା ପାଇଁ କାହାକୁ ଅବା ଭଲ ନ ଲାଗେ? ଆମେ ଯେତେବେଳେ ନୂଆ କିଛି ଦେଖୁ, ନୂଆ କିଛି ଶୁଣୁ କି ଶିଖୁ, ସେତେବେଳେ ତାହା ମସ୍ତିଷ୍କରେ ଗୁନ୍ଥି ହୋଇଯାଏ ବା ମସ୍ତିଷ୍କରେ ଲିପିବଦ୍ଧ ହୋଇଯାଏ। ଏହି ଶିକ୍ଷାର ମାଧ୍ୟମରେ ହିଁ ମସ୍ତିଷ୍କ ଆମକୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରେ। ଏହି କାର୍ଯ୍ୟର ପରିସର ମଧ୍ୟରେ ଆସି ଅନ୍ତର୍ଭୁକ୍ତ ହୋଇଥାଏ ସୃଜନଶୀଳ ନାନା କଥା, ଦୈନନ୍ଦିନର ଯାବତୀୟ ଅଭ୍ୟାସ। ଏହିସବୁ କାର୍ଯ୍ୟରେ ଭୂମିକା ରହିଛି ନ୍ୟୁରୋପ୍ଲାଷ୍ଟିସିଟିର। 'ନ୍ୟୁରୋ' ଶବ୍ଦଟିର ଅର୍ଥ 'ସ୍ନାୟୁ' ଏବଂ 'ପ୍ଲାଷ୍ଟିସିଟି'ର ଅର୍ଥ ନମନୀୟତା। ସୁତରାଂ 'ନ୍ୟୁରୋପ୍ଲାଷ୍ଟିସିଟି' ହେଉଛି 'ସ୍ନାୟୁ ନମନୀୟତା'।

ନୂଆ କିଛି ଶିଖିବା ସମୟରେ କିମ୍ବା ମସ୍ତିଷ୍କରେ କ୍ଷତ ହେଲେ କି ଆଘାତ ଲାଗିବା ଯୋଗୁଁ ମସ୍ତିଷ୍କର କୋଷଗୁଡ଼ିକ କ୍ଷତିଗ୍ରସ୍ତ ହେଲେ, ମସ୍ତିଷ୍କ ସହ ଖାପ ଖୁଆଇବାର ପ୍ରକ୍ରିୟା କାର୍ଯ୍ୟ କରିବା ଆରମ୍ଭ ହୋଇଯାଏ। ଏହାକୁ ହିଁ କୁହାଯାଏ 'ନ୍ୟୁରୋପ୍ଲାଷ୍ଟିସିଟି'। ମସ୍ତିଷ୍କରେ ରହିଛି ଦଶହଜାର କୋଟି ସଂଖ୍ୟକ ସ୍ନାୟୁକୋଷ। ସ୍ନାୟୁକୋଷଗୁଡ଼ିକ ମଧ୍ୟରେ ରହିଛି ସ୍ନାୟୁ ସଂଯୋଗ। ସ୍ନାୟୁକୋଷକୁ ବିଜ୍ଞାନର ଭାଷାରେ 'ନ୍ୟୁରୋନ୍' ବୋଲି କୁହାଯାଏ। ଆମର ଚିନ୍ତା, ଆଚରଣ ଓ କାର୍ଯ୍ୟ ଅନୁସାରେ ମସ୍ତିଷ୍କ ସ୍ଥିତ ନ୍ୟୁରୋନ୍‌ଗୁଡ଼ିକ ସେମାନଙ୍କ ପରିବେଶ ଓ ସଂଯୋଗକୁ କାର୍ଯ୍ୟକାରୀ ରୂପରେ ଏବଂ ଶାରୀରିକ ରୂପରେ ପୁନର୍ଗଠନ କରିଥାଏ। ନ୍ୟୁରୋନର ଏହି କ୍ଷମତାକୁ ମଧ୍ୟ 'ନ୍ୟୁରୋପ୍ଲାଷ୍ଟିସିଟି' କୁହାଯାଏ। ଏହା ମାଧ୍ୟମରେ ମସ୍ତିଷ୍କ କୋଷମାନ ନିରବଚ୍ଛିନ୍ନ ଭାବରେ ନିଜ ନିଜ ମଧ୍ୟରେ ନୂତନ ସ୍ନାୟୁ ସଂଯୋଗ ସୃଷ୍ଟି କରି ନିଜକୁ ସଂଶୋଧିତ କରିଥା'ନ୍ତି। ଏହା ନିଜକୁ ସଂରଚନାରେ ଓ କାର୍ଯ୍ୟ ପ୍ରଣାଳୀ ଉଭୟରେ ରୂପାନ୍ତରିତ କରିପାରେ। ମସ୍ତିଷ୍କର ନ୍ୟୁରୋପ୍ଲାଷ୍ଟିସିଟି ସାମର୍ଥ୍ୟ ଯୋଗୁଁ ଆମେ ନୂଆ ନୂଆ ବିଷୟ ଶିଖିପାରୁଛେ, ବିକାଶ କରିପାରୁଛେ, ମନେ ରଖିପାରୁଛେ ଇତ୍ୟାଦି।

ପ୍ରକୃତରେ ନୂଆ କିଛି ଶିଖିଲେ କି ପୁରୁଣା କୌଣସି କାର୍ଯ୍ୟକୁ ନୂଆ ଭାବରେ କରିବାକୁ ଗଲେ ସେଥିରେ ଅଭ୍ୟସ୍ତ ହେବା ପାଇଁ ବେଶ୍ କିଛିଦିନ ସମୟ ଲାଗେ। ମସ୍ତିଷ୍କରେ ମାଡ଼ ବାଜିଲେ, ଷ୍ଟୋକ୍ କି ବ୍ରେନ୍ ଟ୍ୟୁମର ହେଲେ କିମ୍ବା ମସ୍ତିଷ୍କରେ ସଂକ୍ରମଣ ଭଳି ଗୁରୁତର ସମସ୍ୟା ଉପୁଜିଲେ, ମସ୍ତିଷ୍କର କୋଷ ନଷ୍ଟ ହୋଇଯାଇପାରେ। ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ ଶରୀର ଓ ମନ ଉପରେ। ମସ୍ତିଷ୍କ କୋଷର ନିଜସ୍ୱ ବିଭାଜନ କ୍ଷମତା ନଥିବାରୁ କମିଯାଇପାରେ ମସ୍ତିଷ୍କର କର୍ମ କ୍ଷମତା। କେତେକ ପରିସ୍ଥିତିରେ ଚଲାବୁଲା କରିବା ବା କଥା କହିପାରିବା ଭଳି ଦୈନନ୍ଦିନ ଅଭ୍ୟାସଗୁଡ଼ିକ ଉପରେ ମଧ୍ୟ ପ୍ରଭାବ ପଡ଼େ।

ତେବେ ଏ କ୍ଷେତ୍ରରେ ଆଶାର ଆଲୋକ ଦେଖେଇପାରେ ନ୍ୟୁରୋପ୍ଲାଷ୍ଟିସିଟି। ମସ୍ତିଷ୍କରେ ଆଘାତ ଲାଗିବା ପରେ ପ୍ଲାଷ୍ଟିସିଟି ବଢ଼େଇବା ନିମିତ୍ତ ନାନା ପ୍ରକାରର ଚିକିତ୍ସା ପଦ୍ଧତି ରହିଛି। ସେଗୁଡ଼ିକର ଉଦ୍ଦେଶ୍ୟ ହେଉଛି ପୂର୍ବରୁ ଚିହ୍ନାଜଣା କାର୍ଯ୍ୟଗୁଡ଼ିକୁ ନୂତନ କରି ପୁନର୍ବାର ମନେ ପକେଇବା ଏବଂ ଏହାରି ମାଧ୍ୟମରେ କର୍ମକ୍ଷମତା ବୃଦ୍ଧି କରେଇବା। ଏହା ଏହିପରି ଏକ ପଦ୍ଧତି, ଯାହା ଗୋଟିଏ କାର୍ଯ୍ୟକୁ ବାରମ୍ବାର କରାଏ(କନ୍‌ଷ୍ଟାଣ୍ଟ ଇଣ୍ଡ୍ୟୁସଡ୍ ମୁଭ୍‌ମେଣ୍ଟ ଥେରାପି)। ମସ୍ତିଷ୍କାଘାତ ରୋଗୀମାନଙ୍କ ପାଇଁ ଏହା ଖୁବ୍ ଉପକାରୀ। ଧରାଯାଉ ଷ୍ଟ୍ରୋକ୍ ଫଳରେ ବାଁ ହାତରେ କୌଣସି ନିୟନ୍ତ୍ରଣ ନାହିଁ। କିନ୍ତୁ ଶରୀରର ଡାହାଣ ପଟେ ସେପରି କିଛି ପ୍ରଭାବ ପଡ଼ିନି। ଏ କ୍ଷେତ୍ରରେ ଡାହାଣ ହାତଟିକୁ ବେଶୀ ବ୍ୟବହାର କରିବା ପାଇଁ ନ ଦେଇ ବାଁ ହାତକୁ ବ୍ୟବହାର କରିବା ଉପରେ ଜୋର୍ ଦେବାକୁ ପଡ଼ିବ। ଏହା ବ୍ୟତୀତ ଫିଜିଓଥେରାପୀ, ମ୍ୟୁଜିକ୍ ଥେରାପି ଭଳି କିଛି ଚିକିତ୍ସା ପଦ୍ଧତି ମଧ୍ୟ ବେଶ୍ ଉପଯୋଗୀ। ଏହି ସବୁ କ୍ଷେତ୍ରରେ ଅତି ଜଣାଶୁଣା କାର୍ଯ୍ୟ ପରିବେଶ, ଅନୁଭୂତିଗୁଡ଼ିକର କଥା ମସ୍ତିଷ୍କକୁ ମନେ ପକେଇ ଦେବାର ଚେଷ୍ଟା କରାଯାଏ।

ପୁନଶ୍ଚ ନୂଆ ନୂଆ ଜାଗାକୁ ଗଲେ ମନ ଓ ମସ୍ତିଷ୍କ ଯେପରି ମତୁଆଲା ହୋଇପଡ଼େ, ସେହିପରି ତାହା ମସ୍ତିଷ୍କର ପ୍ଲାଷ୍ଟିସିଟି ବଢ଼େଇବାରେ ମଧ୍ୟ ସହାୟକ ହୋଇଥାଏ। ଏହାଛଡ଼ା ବହି ପଢ଼ିବା, ନୂଆ କୌଣସି ବାଦ୍ୟଯନ୍ତ୍ର ବଜେଇ ଶିଖିବା କି ହାତର ବ୍ୟାୟାମ କଲେ ମଧ୍ୟ ମସ୍ତିଷ୍କର ସୁସ୍ଥତା ବା ଫିଟିନେସ୍ ବଢ଼ିଥାଏ। ଶିଶୁମାନଙ୍କଠାରେ ମସ୍ତିଷ୍କର ପ୍ଲାଷ୍ଟିସିଟି ବେଶୀ। ତେଣୁ କିଛି ଶିଖିବା ନିମିତ୍ତ ସେମାନଙ୍କୁ କମ୍ ସମୟ ଲାଗେ। ମସ୍ତିଷ୍କରେ ଆଘାତ ଲାଗିଲେ ବି ଅପେକ୍ଷାକୃତ କମ୍ ସମୟରେ ତା'ର ଉପଶମ ହୋଇଯାଏ। ବୟସ ବୃଦ୍ଧି ସହିତ ମସ୍ତିଷ୍କର କର୍ମ କ୍ଷମତା କିଛିଟା କମି ଆସେ। ତେଣୁ ପ୍ରାପ୍ତ ବୟସ୍କ, ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ଯଦି ଷ୍ଟ୍ରୋକ୍, ବ୍ରେନ୍ ଟ୍ୟୁମର ବା ମସ୍ତିଷ୍କ ସଂକ୍ରମଣ ଭଳି ଗୁରୁତର କୌଣସି ରୋଗରେ ଆକ୍ରାନ୍ତ ହୋଇପଡ଼ନ୍ତି, ସେମାନେ ଆରୋଗ୍ୟ ଲାଭ କରିବା ପାଇଁ ଅଧିକ ସମୟ ଲୋଡ଼ା ପଡ଼େ। କେତେକ କ୍ଷେତ୍ରରେ କୌଣସି ଉପଶମ ବି ପରିଲକ୍ଷିତ ହୋଇ ନଥାଏ।

ଯେକୌଣସି ସମସ୍ୟାରେ ଯେତେ ଦ୍ରୁତ ନ୍ୟୁରୋପ୍ଲାଷ୍ଟିସିଟି ବଢ଼େଇବାର ଚିକିତ୍ସା ପଦ୍ଧତି ଅନୁସରଣ କରାଯାଏ, ସେତେ ଶୀଘ୍ର ରୋଗୀ ଆରୋଗ୍ୟ ହୋଇଯିବାର ସମ୍ଭାବନା ଥାଏ। ତେବେ ସାବଧାନତା ଜରୁରୀ। ତାହା ନ ହେଲେ ହିତେ ବିପରୀତ ହୋଇପାରେ। ଯେପରିକି 'ଫ୍ୟାଣ୍ଟମ୍ ଲିମ୍ବ ପେନ୍'। ଧରାଯାଉ ଦୁର୍ଘଟଣାଗ୍ରସ୍ତ ହେବା କାରଣରୁ ଜଣକର ବାଁ ହାତଟିକୁ କାଟି ଦିଆଯାଇଛି। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ନ୍ୟୁରୋପ୍ଲାଷ୍ଟିସିଟି ବଢ଼େଇବାର ଥେରାପି କରାଯାଇଛି। ବ୍ୟାୟାମର ଅନୁକରଣ କରିବା ସମୟରେ ଡାହାଣ ହାତ ବଦଳରେ ମସ୍ତିଷ୍କ ଯଦି ବାଁ ହାତଟିକୁ ସଙ୍କେତ ପ୍ରେରଣ କରିବାର ଚେଷ୍ଟା କରେ, ତେବେ ଏକ ଅଦ୍ଭୁତ ବ୍ୟଥାର ଅନୁଭୂତି ହୋଇପାରେ ରୋଗୀର। ସମୟ ଓ ଅଭ୍ୟାସର ଦ୍ୱାରା ଅବଶ୍ୟ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ। ବିଶେଷଜ୍ଞମାନଙ୍କର ମତ ଯେ ଏହି ଧରଣର ରୋଗୀମାନଙ୍କ କ୍ଷେତ୍ରରେ ଏପରି ବ୍ୟଥା ମସ୍ତିଷ୍କର ପ୍ଲାଷ୍ଟିସିଟି ବଢ଼େଇବା ପାଇଁ ଚେଷ୍ଟାର ଫଳ।

ଦୁର୍ଘଟଣା କି ଆଘାତ ପରେ ନ୍ୟୁରୋପ୍ଲାଷ୍ଟିସିଟି ବୃଦ୍ଧି କରେଇବା ଏକ ଧରଣର କଠିନ ଅଭ୍ୟାସ ବୋଲି ଅନେକ ମନେ କରିଥା'ନ୍ତି। ଏହି କାରଣରୁ କେତେକ କ୍ଷେତ୍ରରେ ଥେରାପି ପ୍ରତି ରୋଗୀଠାରେ କୁଣ୍ଠାଭାବ ରହିଥାଏ। ଏହି ସମୟରେ ରୋଗୀର ମନୋବଳ ବଢ଼େଇବା ପାଇଁ ଉଦ୍ୟମ ହେବା ଜରୁରୀ। କେତେକ ରୋଗୀଙ୍କ ପାଇଁ ମନୋବିଜ୍ଞାନୀଙ୍କ ପରାମର୍ଶ ଆବଶ୍ୟକ ପଡ଼ିପାରେ। ପୁଣି ଅନ୍ୟମାନଙ୍କ ସହ ମିଳିମିଶି ବ୍ୟାୟାମ କରିବା ଫଳରେ ସୁଫଳ ପାଇବା ସୁଗମ ହୋଇଯାଏ।

କଟକ, ମୋ: ୯୪୩୭୭୬୬୧୧୭

## ମୁଁ ବୈତରଣୀ କହୁଛି...

ଜଗନ୍ନାଥ ପ୍ରସାଦ ସାହୁ

କାହିଁ କେଉଁ ଯୁଗରୁ ସମୟର ତାଳେ ତାଳେ ଗୋନାସିକା ପର୍ବତମାଳାର ଗର୍ଭରୁ ଜନ୍ମ ନେଇଛି ପୁଣ୍ୟତୋୟା ବୈତରଣୀ। ଜନ୍ମ ନେବା ପରେ ଦୁନିଆକୁ ଦେଖିଛି ଓ ଦୁନିଆ ତାକୁ ଦେଖିଛି। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇଛି। ବୈତରଣୀ ଅନେକ ସ୍ୱପ୍ନ ଦେଖିଛି। ତା'ର ଜୀବନଯାତ୍ରାକୁ କେନ୍ଦୁଝର, ଝାଡ଼ଖଣ୍ଡ(କିଛି ସ୍ଥାନ), ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ କଟାଇ ଦେଇଛି। କିନ୍ତୁ ଶେଷ ଜୀବନଯାତ୍ରାକୁ ଚାନ୍ଦବାଲିର ବଙ୍ଗୋପସାଗରଠାରେ ସମର୍ପଣ କରିଦେଇଛି। ତା'ର ଜୀବନଯାତ୍ରାର କୂଳେ କୂଳେ ଜନ୍ମ ନେଇଛନ୍ତି ମନୁଷ୍ୟ, ବୃକ୍ଷଲତା, ପଶୁପକ୍ଷୀ, ବୁଢ଼ା ଓ ମନ୍ତେଇ ନଦୀ ପରି ଅନେକ ସନ୍ତାନ।

ବୈତରଣୀ ତା'ର ସୌନ୍ଦର୍ଯ୍ୟ ବଳରେ ଅନେକ କବି ଓ ତା'ର ସନ୍ତାନମାନଙ୍କୁ ମୁଗ୍ଧ କରିଛି। କୁନିକୁନି ପିଲାଙ୍କ ଦ୍ୱାରା ନିର୍ମିତ ଘର, ମନ୍ଦିର, ଅଗଣା, ନାରୀମାନଙ୍କର ଗୁଣ୍ଡା ଓ ଘସିପରା, କୂଳେ କୂଳେ ଜନ୍ମ ନେଇଥିବା ବୃକ୍ଷଲତା ଓ କିଆବୁଦା, ବୁକୁ ଉପରେ କାଶତଣ୍ଡୀର ସାମ୍ରାଜ୍ୟ ବିସ୍ତାର ଓ ଗୋ-ପାଦ ଏବଂ ବିଭିନ୍ନ ପକ୍ଷୀମାନେ ତା'ର ଗର୍ଭରୁ ଜଳଜୀବମାନଙ୍କୁ ଖାଇ ସନ୍ଧ୍ୟା ହେଲେ ଏକାସାଙ୍ଗରେ ତାଙ୍କ ବସାକୁ ଉଡ଼ିଯିବା, ବୈତରଣୀର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଦେଉଥିଲା।

ଏହି ସୌନ୍ଦର୍ଯ୍ୟ ବଳରେ ସେ ତା'ର ସନ୍ତାନମାନଙ୍କୁ ଖୁସି ଦେଇପାରିବ ବୋଲି ଲକ୍ଷ୍ୟ ରଖି ବହୁମାତ୍ରାରେ ଖୁସି ହୋଇଯାଉଥିଲା। କିନ୍ତୁ ସମୟ ବଦଳିବା ସହିତ ମନୁଷ୍ୟର ଚିନ୍ତାଧାରାରେ ପରିବର୍ତ୍ତନ ଆସିଲା। ମଣିଷ ସ୍ୱାର୍ଥପର ହେଲା। ତା' ମନରେ ଜନ୍ମ ନେଲା ଧନର ଲୋଭ। ଏହାପରେ ସେ ବୃକ୍ଷ, ପଶୁ, ପକ୍ଷୀ, ମାଟି, ନଦୀ ସମସ୍ତଙ୍କୁ ହତ୍ୟା କରିଛି। ସେ ବୈତରଣୀର ବୁକୁ ଚିରି ତା'ର ଶରୀର (ବାଲି)କୁ ବିକିଛି। ବୁଢ଼ା ଓ ମନ୍ତେଇ ନଦୀ ପରି ସନ୍ତାନମାନେ ମାଆର ଏପରି ଦୁର୍ଦ୍ଦଶା ଦେଖି କାନ୍ଦୁଛନ୍ତି। ବୈତରଣୀ ଏବେ ଅନୁନୟ ହୋଇ କହୁଛି -

ହେ ମୋର ମନୁଷ୍ୟ ସନ୍ତାନମାନେ! ତୁମପରି ମୋର ବି ମଧ୍ୟ ଜୀବନ ଅଛି। ଯେଉଁ ହୃଦୟକୁ ତୁମେ ଆଜି ଚିରି ଦେଉଛ ତା' ଭିତରେ ମୁଁ ତୁମକୁ ରଖିଥିଲି। ସ୍ୱାର୍ଥ ଭୁଲି ତୁମମାନଙ୍କ ମୁହଁରେ ହସ ଫୁଟାଇ ଥିଲି। ତେଣୁ ମୋର ଜୀବନର ନିଦକୁ ନିଅନାହିଁ। ମୋର ବି ମଧ୍ୟ ସପନଟିଏ ଅଛି। ମୋର ଏହି ଶରୀରରେ ତୁମେମାନେ କେତେ ଲେଖୁଥିଲ, କେତେ ଚିତ୍ର ଆଙ୍କୁଥିଲ, ଛୋଟ ଛୋଟ ଗାତ କରି ଖେଳୁଥିଲ। ସେଥିରେ ତୁମମାନଙ୍କ ମୁହଁରେ ହସ ଦେଖି ମୁଁ ଆନନ୍ଦିତ ହେଉଥିଲି। ମୋର କୂଳେ କୂଳେ ଜନ୍ମ ନେଇଥିବା ବୃକ୍ଷଲତା ଓ ପଶୁପକ୍ଷୀ ଆଜି ଟିକେ ପାଣି ଦେଇ ପାରୁନାହିଁ। ତେଣୁ ମୁଁ ତୁମର କି ଅପରାଧ କଲି ମୋ ଦୁନିଆକୁ ନାରଖାର କରିଦେଲ?'

ବାସ୍ତବରେ ବୈତରଣୀର କିଛି କୁସନ୍ତାନ ତା'ର ବୁକୁ ଚିରି ଶ୍ରୀହୀନା କରିବା ପରେ ତାକୁ ଦେଖି ମୁହଁ ମୋଡ଼ି ଦେଇ ଚାଲିଯାଉଛନ୍ତି। ଏହାକୁ ଦେଖି ସେ ଅଧିକ କାନ୍ଦୁଛି। ଶେଷରେ ସେ ଅନେକଙ୍କ ନିକଟରେ ଗୁହାରୀ ହୋଇଛି। କିନ୍ତୁ କେହି ବି ତା' କଥା ଶୁଣୁ ନାହାନ୍ତି।

କୋରାଇ(ଯାଜପୁର)ମୋ: ୮୭୫୮୮୨୧୪୧୧

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମଥର ପାଇଁ ତାଲିବାନ ସହ ଭାରତର ଆଲୋଚନା

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ଏକ ପରିବର୍ତ୍ତିତ ଘଟଣାକ୍ରମରେ ଭାରତ ସରକାର ଆଫଗାନିସ୍ତାନର ତାଲିବାନ ସରକାରଙ୍କ ସହ ପ୍ରଥମଥର ପାଇଁ ଆଲୋଚନ କରିଛନ୍ତି। ଆଫଗାନିସ୍ତାନର ପୂର୍ବତନ ସର୍ବୋଚ୍ଚ ନେତାଙ୍କ ପୁଅ ତଥା ବର୍ତ୍ତମାନ ପ୍ରତିରକ୍ଷା ମନ୍ତ୍ରୀ ଥିବା ମହମ୍ମଦ ୟାକୁବ ମଜାହିଦଙ୍କ ସହ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଯୁଗ୍ମ ସଚିବ ଜେ ପି ସିଂ ଉଭୟ ପକ୍ଷ ମଧ୍ୟରେ ସମ୍ପର୍କ ବୃଦ୍ଧିକୁ ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଶ୍ରି ସିଂ ଗତକାଲି କାବୁଲ ଗସ୍ତରେ ଯାଇ ୟାକୁବଙ୍କୁ ଭେଟିଥିଲା ବେଳେ ଆଫଗାନିସ୍ତାନ-ଭାରତ ସମ୍ପର୍କ ଏବଂ ଇରାନ ଓ ପାକିସ୍ତାନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହାସହିତ ଭାରତୀୟ ପ୍ରତିନିଧିମାନେ ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ କର୍ଜାଇ ଏବଂ ବର୍ତ୍ତମାନର ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତାକିଙ୍କୁ ଭେଟି ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଥିବା ଜଣଶପଡ଼ିଛି।

## ପପୁ ଯାଦବଙ୍କୁ ପୁଣି ହତ୍ୟା ଧମକ

ପାଟନା,୭।୧୧(ଏଜେନ୍ସି): ପୂର୍ଣ୍ଣିୟା ଲୋକସଭା ସାଂସଦ ପପୁ ଯାଦବଙ୍କୁ ପୁଣିଥରେ ହତ୍ୟା ଧମକ ମିଳିଛି। ଏହି ଧମକ ଦେଇଥିବା ବ୍ୟକ୍ତି ଜଣକ ମଧ୍ୟ ନିଜକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ବୋଲି ଦାବି କରିଛି।




ଏହି ଧମକ ମିଳିବା ପରେ ପପୁ ଯାଦବଙ୍କ ବ୍ୟକ୍ତିଗତ ସହାୟକ ଥାନାରେ ଅଭିଯୋଗ କରିଛନ୍ତି। ହ୍ୱାଟସଆପରେ ଏହି ଧମକ ଦିଆଯାଇଥିବା ବେଳେ ପପୁ ଏହାର ସ୍କ୍ରିନସଟ୍ ମଧ୍ୟ ସେୟାର କରିଛନ୍ତି।ଧମକ ଦେଇଥିବା ବ୍ୟକ୍ତି ପପୁ ଯାଦବଙ୍କ ବ୍ୟକ୍ତିଗତ ସହାୟକଙ୍କୁ କହିଛନ୍ତି ଯେ, ପପୁ ଯାଦବ ଲରେନ୍ସ ଗ୍ୟାଙ୍ଗକୁ ଖତମ କରିବା ବିଷୟରେ କହୁଛନ୍ତି। ହେଲେ ବର୍ତ୍ତମାନ ସେ ନିଜର ଶେଷ ଦିନ ଗଣିବା ଆରମ୍ଭ କରି ଦିଅନ୍ତୁ। ତାଙ୍କୁ ହତ୍ୟା କରିବା ପାଇଁ ୬ ଜଣଙ୍କୁ ସୁପାରି ଦିଆଯାଇଛି ବୋଲି ଧମକ ଦେଇଥିବା ବ୍ୟକ୍ତି ଜଣକ କହିଛି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ଗତ ମାସ ୨୮ ତାରିଖରେ ପପୁଙ୍କୁ ପ୍ରଥମ ଧମକ ମିଳିଥିଲା।



ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ନିଜ ଶୁଭାକାଂକ୍ଷୀଙ୍କ ସହ ବିଜୟ ଉତ୍ସବ ମନାଉଛନ୍ତି ଟ୍ରମ୍ପ

### ଯୁଦ୍ଧ ବନ୍ଦ ପ୍ରତିଶ୍ରୁତି ରକ୍ଷାକରିବେ ଟ୍ରମ୍ପ


# ଶପଥ ପୂର୍ବରୁ ପୁଟିନଙ୍କୁ ଯିବ ପ୍ରଥମ କଲ୍



ୱାଶିଂଟନ୍,୭।୧୧(ଏଜେନ୍ସି): ଆମେରିକାର ୪୭ ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିର୍ବାଚିତ ହୋଇସାରିଛନ୍ତି। ଟ୍ରମ୍ପ ବିଜୟୀ ଘୋଷଣା ପରେ ବାଇଡେନ ପ୍ରଶାସନ ପକ୍ଷରୁ କ୍ଷମତା ହସ୍ତାନ୍ତର ଲାଗି ଟ୍ରମ୍ପଙ୍କୁ ଆମନ୍ତ୍ରଣ କରାଯାଇସାରିଛି। ଟ୍ରମ୍ପ ମଧ୍ୟ ନିଜ ସରକାର ପାଇଁ ଟିମ୍ ଗଠନ କରିବା ଲାଗି ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏହା ଭିତରେ ଟ୍ରମ୍ପଙ୍କ ନିର୍ବାଚନୀ ପ୍ରତିଶ୍ରୁତିକୁ ନେଇ ଆମେରିକାରେ ଆଲୋଚନା ଆରମ୍ଭ ହୋଇଯାଇଛି। ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ବିଭିନ୍ନ ମଞ୍ଚରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ କିଭଳି ପାଳନ କରିବାକୁ ଯାଉଛନ୍ତି ତାହାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷକରି ରାଷ୍ଟ୍ରପତି ହେବା ପରେ ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ-ରୁଷ ଯୁଦ୍ଧ ବନ୍ଦ କରିଦେବେ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଥିଲା ବେଳେ ଏହି ପ୍ରସଙ୍ଗକୁ ନେଇ ଏବେ ଆମେରିକାର ରାଜନୀତିକ ମହଲ ଉଷ୍ମ ହୋଇପଡ଼ିଛି। ତେବେ ରାଷ୍ଟ୍ରପତି ଭାବେ ଶପଥ ନେବା ପୂର୍ବରୁ ଟ୍ରମ୍ପଙ୍କ ପ୍ରଥମ ଟେଲିଫୋନ କଲ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିକଟକୁ ଯିବ ବୋଲି ଗୁରୁବାର ଆମେରିକାର ଜଣେ ବରିଷ୍ଠ କୂଟନୀତିଜ୍ଞ ସୂଚନା ଦେଇଛନ୍ତି। ୟୁକ୍ରେନ ବ୍ୟାପାର ପାଇଁ ପୂର୍ବରୁ ନିଯୁକ୍ତ ହୋଇଥିବା ଆମେରିକାର ସ୍ୱତନ୍ତ୍ର ପ୍ରତିନିଧି ଭାବେ କର୍ଟ ୱଲକର କହିଛନ୍ତି ଯେ, ଟ୍ରମ୍ପ ଖୁବଶୀଘ୍ର ରାଷ୍ଟ୍ରପତି ପୁଟିନଙ୍କୁ ଫୋନ କରିବା ସହିତ ତୁରନ୍ତ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଯାଉଛନ୍ତି। ବିଶେଷକରି ଟ୍ରମ୍ପ ରାଷ୍ଟ୍ରପତି ଭାବେ ଶପଥ ନେବା ପୂର୍ବରୁ ଯୁଦ୍ଧ ବନ୍ଦ କରିବାକୁ ମାନସିକ ପ୍ରସ୍ତୁତି ନେଇଥିବା ୱଲକର କହିଛନ୍ତି। ଏଭଳି ବିଷୟକୁ ରୁଷ ମଧ୍ୟ ଅଗ୍ରାହ୍ୟ କରିନାହିଁ। ଟ୍ରମ୍ପଙ୍କ ଶପଥ ଗ୍ରହଣ ପୂର୍ବରୁ ରାଷ୍ଟ୍ରପତି ପୁଟିନ ତାଙ୍କ ସହ ଫୋନ୍‌ରେ ଆଲୋଚନା କରିବେ ବୋଲି କ୍ରେମଲିନ ପ୍ରବକ୍ତା ଦିମିତ୍ରି ପେସକୋଭ୍ ଗୁରୁବାର କହିଛନ୍ତି। ତେବେ ଯୁଦ୍ଧ ବନ୍ଦ କରିବାକୁ ହେଲେ ରୁଷିଆ ପକ୍ଷରୁ କିଛି ସର୍ତ୍ତ ରଖାଯାଇପାରେ। ଏନେଇ ପରବର୍ତ୍ତୀ ସମୟରେ ଆଲୋଚନା କରିବାକୁ ଟ୍ରମ୍ପ ପ୍ରସ୍ତୁତ ରହିଛନ୍ତି ବୋଲି ଆମେରିକୀୟ କୂଟନୀତିଜ୍ଞ ୱଲକର କହିଛନ୍ତି।

### ବିଶ୍ୱସ୍ତ ଟିମ୍ ଗଠନ ପାଇଁ ଟ୍ରମ୍ପଙ୍କ ପ୍ରସ୍ତୁତି ଆରମ୍ଭ

# ସିଆଇଏ ମୁଖ୍ୟ ହୋଇପାରନ୍ତି କାଶ୍ ପଟେଲ



ୱାଶିଂଟନ୍,୭।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟକୁ ସମ୍ମାନ ଜଣାଇବା ସହିତ ନିଜ ପରାଜୟ ସ୍ୱୀକାର କରିଛନ୍ତି ଉପ ରାଷ୍ଟ୍ରପତି ତଥା ଡେମୋକ୍ରାଟ୍ ପ୍ରାର୍ଥୀ କମଳା ହାରିସ୍। ଗତକାଲି ଟ୍ରମ୍ପଙ୍କୁ ବିଜୟୀ ଘୋଷଣା କରାଯିବା ପରେ କମଳା ନିଜ ଦଳୀୟ କର୍ମୀ ଏବଂ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଭାବାବେଶ ବକ୍ତବ୍ୟ ରଖିବା ସହିତ ବିଜୟୀ ପ୍ରାର୍ଥୀ ଟ୍ରମ୍ପଙ୍କୁ କ୍ଷମତା ହସ୍ତାନ୍ତର କରିବା ନେଇ ସଙ୍କେତ ଦେଇଥିଲେ। ଏହାପରେ ରାଷ୍ଟ୍ରପତି ଜୋ ବାଇଡେନ ଟ୍ରମ୍ପଙ୍କୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିବାକୁ ଆମନ୍ତ୍ରଣ ଜଣାଇଥିବା ଜଣାପଡ଼ିଛି। ୱାଶିଂଟନ ପୋଷ୍ଟ ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ରିପୋର୍ଟ ଅନୁସାରେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହିତ ବିଭାଗ ବଣ୍ଟନ କରିବା ଲାଗି ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବିଶେଷକରି ଅର୍ଥ , ବୈଦେଶିକ ବ୍ୟାପାର , ପ୍ରତିରକ୍ଷା, ଗୁଇନ୍ଦା ଭଳି ପ୍ରମୁଖ ବିଭାଗଗୁଡିକର ଦାୟିତ୍ୱ ପାଇଁ ଟ୍ରମ୍ପ ତାଙ୍କର ବିଶ୍ୱସ୍ତ ଲୋକମାନଙ୍କ ତାଲିକା ପ୍ରସ୍ତୁତ କରୁଥିବା କୁହାଯାଉଛି। ଏହିକ୍ରମରେ ଆମେରିକାର ପ୍ରମୁଖ ଗୁଇନ୍ଦା ଏଜେନ୍ସି ସିଆଇଏର ମୁଖ୍ୟ ଭାବେ ଭାରତୀୟ ବଂଶୋଦ୍ଭବ କାଶ୍ ପଟେଲଙ୍କୁ ଟ୍ରମ୍ପ ଦାୟିତ୍ୱ ଦେଇପାରନ୍ତି ବୋଲି ଆଲୋଚନା ଆରମ୍ଭ ହୋଇଛି। କାଶ୍ ପଟେଲ ଟ୍ରମ୍ପଙ୍କ ଅତ୍ୟନ୍ତ ବିଶ୍ୱସ୍ତ ରହି ଆସିବା ସହିତ ଟ୍ରମ୍ପଙ୍କ ପୂର୍ବ ଶାସନ ଅବଧିରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି। ସେ ୨୦୧୬ ରୁ ୨୦୨୦ ମଧ୍ୟରେ ଟ୍ରମ୍ପଙ୍କ ଶାସନ କାଳରେ ପ୍ରତିରକ୍ଷା ଏବଂ ଜାତୀୟ ସୁରକ୍ଷା ବିଭାଗରେ ଅତ୍ୟନ୍ତ ନିଷ୍ଠା ଏବଂ ସ୍ୱଚ୍ଛତା ସହ କାର୍ଯ୍ୟ କରି ଟ୍ରମ୍ପଙ୍କ ବିଶ୍ୱସ୍ତ ଏବଂ ପ୍ରିୟଭାଜନ ହୋଇପାରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ କାଶଙ୍କୁ ସିଆଇଏର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦେବେ ବୋଲି କୁହାଯାଉଛି। ତେବେ ଏଥିପାଇଁ କାଶଙ୍କ ନାମ ଆମେରିକୀୟ ସିନେଟ୍‌ରେ ଅନୁମୋଦନ ଲାଭ କରିବା ଜରୁରୀ। ଯଦି ଏହା ସମ୍ଭବ ନ ହୁଏ ତେବେ କାଶଙ୍କୁ ଆମେରିକାର ଜାତୀୟ ସୁରକ୍ଷା ପରିଷଦରେ ସ୍ଥାନ ମିଳିବା ନିଶ୍ଚିତ ବୋଲି କୁହାଯାଉଛି। କାଶଙ୍କ ବ୍ୟତୀତ ଟ୍ରମ୍ପଙ୍କ କ୍ୟାବିନେଟ୍‌ରେ ରିପବ୍ଲିକାନ ଦଳର ଅନ୍ୟ କିଛି ପ୍ରମୁଖ ଭାରତୀୟ ବଂଶୋଦ୍ଭବ ନେତାଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି।

**ପରାଜୟ ସ୍ୱୀକାର କଲେ କମଳା ହାରିସ୍**

### କାନାଡା ଯୋଗାଇଲାନି ସୁରକ୍ଷା

# ଭାରତ ବନ୍ଦକଲା କନ୍‌ସୁଲାର୍ କ୍ୟାମ୍ପ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ଭାରତ ଏବଂ କାନାଡା ମଧ୍ୟରେ ଦିନୁ ଦିନ ବିବାଦ ବଢିବା ସହିତ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଫଳରେ କୂଟନୈତିକ ସ୍ତରରେ ବିଭିନ୍ନ ସମୟରେ ଯାହା କରାଯିବା କଥା ତାହା ହୋଇପାରୁ ନାହିଁ। କାନାଡାର ସୁରକ୍ଷା ଏଜେନ୍ସି ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ମନା କରିବାରୁ ଏଠାକାର ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। କାନାଡାରେ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ କିଛି କନସୁଲାର କ୍ୟାମ୍ପ ଯୋଜନାକୁ ବନ୍ଦ କରି ଦିଆଯାଇଛି। ଗତ ୨ ଓ ୩ ତାରିଖରେ ଏଠାକାର ବ୍ରାମ୍ପଟନ ଓ ସୁରେ ସହରରେ ଦୁଇଟି କନସୁଲାର କ୍ୟାମ୍ପ ଉପରେ ଖଲିସ୍ତାନୀମାନେ ଆକ୍ରମଣ କରିଥିଲେ। ଏହାସ।ତ୍ତ୍ୱେ ଏଠାକାର ସୁରକ୍ଷା ଏଜେନ୍ସି କୌଣସି ପଦକ୍ଷେପ ଗ୍ରହଣ କରି ନଥିଲା। କାନାଡା ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଭାରତ ସରକାର କନସୁଲାର



କ୍ୟାମ୍ପ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କମ୍ୟୁନିଟି କ୍ୟାମ୍ପ ଅର୍ଗାନାଇଜରଙ୍କୁ କାନାଡା ସୁରକ୍ଷା ଏଜେନ୍ସି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାରେ ନିଜର ଅକ୍ଷମତା ପ୍ରକାଶ କରିଛି ବୋଲି ଟରୋଣ୍ଟୋସ୍ଥିତ ଭାରତୀୟ କନସ୍ୟୁଲେଟ ଜେନେରାଲ ଏକ୍ସରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଖଲିସ୍ତାନୀ ସମର୍ଥକମାନେ ବ୍ରାମ୍ପଟନରେ ଥିବା ହିନ୍ଦୁ ସଭା ମନ୍ଦିରରେ ଆକ୍ରମଣ କରିବା ସହ ଶ୍ରଦ୍ଧାଳୁମାନଙ୍କୁ ମାଡ଼ ମାରିଥିଲେ। ଏହି ମନ୍ଦିର କନସୁଲାର କ୍ୟାମ୍ପର ଆୟୋଜନ କରୁଥିଲା। କିନ୍ତୁ ଆକ୍ରମଣକୁ ପୁଲିସ ଜାଣିଶୁଣି ରୋକି ନଥିଲା ଓ ଖଲିସ୍ତାନୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା।

### ଦିଲ୍ଲୀ ପ୍ରଦୂଷଣ ରୋକିବାକୁ ପଦକ୍ଷେପ

# ନଡ଼ା ଜାଳିଲେ ଦୁଇଗୁଣା ଅର୍ଥଦଣ୍ଡ

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ପ୍ରଦୂଷଣକୁ ନେଇ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ବାୟୁସ୍ତର ସ୍ଥିତି ଦିନକୁ ଦିନ ଗମ୍ଭୀର ହୋଇ ଚାଲିଥିଲା ବେଳେ ଏହାକୁ ନେଇ ବିଭିନ୍ନ ସ୍ତରରେ ଉଦବେଗ ବଢିବାରେ ଲାଗିଛି। ପ୍ରଦୂଷଣ ବୃଦ୍ଧି ପାଇଁ ଦିଲ୍ଲୀ ପଡୋଶୀ ରାଜ୍ୟଗୁଡିକୁ ଦାୟୀ କରାଯାଇଛି। ହରିୟାଣା ସମେତ ପଞ୍ଜାବ ଏବଂ ଉତ୍ତରପ୍ରଦେଶର କିଛି ଅଞ୍ଚଳରେ ଚାଷୀ ନଡ଼ା ଜାଳିବାରୁ ଦିଲ୍ଲୀ ବାୟୁସ୍ତର ଅଧିକରୁ ଅଧିକ ପ୍ରଦୂଷିତ ହେବା ସହିତ ବିଷମୟ ହୋଇପଡୁଛି। ତେବେ ନଡ଼ା ଜାଳିବା ବନ୍ଦ କରିବାକୁ ନେଇ ସୁପ୍ରିମକୋର୍ଟଙ୍କ ତାଗିଦ ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥର ନଡ଼ା ଜାଳିଲେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଦୁଇଗୁଣ ଅର୍ଥଦଣ୍ଡ ମିଳିବ



ବୋଲି ନିୟମ ଲାଗୁ କରାଯାଇଛି। କେନ୍ଦ୍ର ସରକାର ନଡ଼ା ଜାଳିବା ଉପରେ ଜରିମାନା ବୃଦ୍ଧି କରିଛନ୍ତି। ବର୍ତ୍ତମାନ ୫ ଏକରରୁ ଅଧିକ ଜମି ଥିବା କୃଷକ ନଡ଼ା ଜାଳିଲେ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ। ସେହିପରି ୨ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଜରିମାନା ୫ ହଜାର ଟଙ୍କା ଏବଂ ୨ ରୁ ୫ ଏକର ମଧ୍ୟରେ ଜମି ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ସୁପ୍ରିମକୋର୍ଟ ନଡ଼ା ଜାଳିବାକୁ ନେଇ ରାଜ୍ୟ ସରକାରଙ୍କୁ ତାଗିଦ କରିଥିଲେ। ଏହା ପରେ ହିଁ କେନ୍ଦ୍ର ସରକାର କଡା ଆଭିମୁଖ୍ୟ ଗ୍ରହଣ କରି ଜରିମାନା ଆଦାୟ ଦ୍ୱିଗୁଣିତ କରିଛନ୍ତି।

### ଚିନ୍ତା ବଢାଉଛି ବଲିଉଡ୍ ତାରକାଙ୍କୁ ଧମକ

## ସଲମନଙ୍କ ପରେ ଶାହରୁଖଙ୍କୁ ହତ୍ୟା ଧମକ

ମୁମ୍ବଇ,୭।୧୧(ଏଜେନ୍ସି): ବଲିଉଡ ତାରକାମାନଙ୍କୁ ଧମକ ମଳିବା ପ୍ରସଙ୍ଗ ଏବେ ଚିନ୍ତା ବଢାଇଛି। ସୁପରଷ୍ଟାର ସଲମାନ ଖାନଙ୍କ ପରେ କିଙ୍ଗ୍ ଖାନ୍ ଶାହାରୁଖଙ୍କୁ ଏବେ ହତ୍ୟା ଧମକ ମିଳିଥିବା ଖବର ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ୫୦ ଲକ୍ଷ ଟଙ୍କା ନ ଦେଲେ ଶାହାରୁଖଙ୍କୁ ହତ୍ୟା କରାଯିବ ବୋଲି ବାନ୍ଦ୍ରା ଥାନାକୁ ଏକ ଧମକ ମିଳିବା ପରେ ବାନ୍ଦ୍ରା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ଆସିଥିବା କଲକୁ ଟ୍ରାକ କରିବା ପରେ ଏହା ରାୟପୁରରୁ ଆସିଥିବା ଜଣାପଡ଼ିଥିଲା। ଏହାପରେ ପୁଲିସ ଟିମ ତୁରନ୍ତ ରାୟପୁରରେ ପହଞ୍ଚି ଯାଞ୍ଚ କରିଥିଲା। ତେବେ ଏଠାକାର ଜଣେ ଆଇନଜୀବୀଙ୍କ ହଜିଯାଇଥିବା ଫୋନରୁ ଏହି କଲ ଯାଇଥିବା ଜଣାପଡ଼ିବା ପରେ ଘଟଣାର ମୋଡ଼ ବଦଳିଛି। ଏହି ଫୋନ ଗତ ସପ୍ତାହରେ ହଜିଯାଇଥିଲା ଏବଂ ଏ ସମ୍ପର୍କରେ ଆଇନଜୀବୀ ଜଣଙ୍କ ଥାନାରେ ଅଭିଯୋଗ କରିଥିବା ମୁମ୍ବଇ ପୁଲିସକୁ କହିଛନ୍ତି। କିନ୍ତୁ ଶାହରୁଖଙ୍କୁ ହତ୍ୟା ଧମକ ମିଳିବା ଘଟଣାକୁ ପୁଲିସ ଗମ୍ଭୀରତା ସହ ନେଇ ତଦନ୍ତ ଜାରି ରଖିଛି। ସଂପୃକ୍ତ ଆଇନଜୀବୀଙ୍କ କୈଫିୟତ ସତ୍ତ୍ୱେ ପୁଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରି ସମନ ଜାରି କରିଥିବା ଜଣାପଡ଼ିଛି। ଶାହାରୁଖଙ୍କୁ କେଉଁ କାରଣ ପାଇଁ ଏଭଳି ହତ୍ୟା ଧମକ ମିଳିଛି ତାହାର କାରଣ ଜାଣିବା ପାଇଁ ପୁଲିସ ତଦନ୍ତକୁ କଡ଼ାକଡ଼ି କରିଛି।

**ଆଇନଜୀବୀଙ୍କ ହଜିଥିବା ଫୋନରୁ ଯାଇଥିଲା କଲ୍**



### ଟ୍ରମ୍ପଙ୍କ ବିଜୟକୁ ନେଇ ଚିନ୍ତାରେ ଟ୍ରୁଡୋ ସରକାର

# କାନାଡାକୁ ୭ ବିଲିୟନ ଡଲାରର ଝଟକା ଦେବେ ଟ୍ରମ୍ପ



ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ବହୁ ରାଷ୍ଟ୍ର ତାଙ୍କ ବିଜୟକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। କିନ୍ତୁ ଆମେରିକାର ପଡୋଶୀ ରାଷ୍ଟ୍ର ଭାବେ କାନାଡା ଟ୍ରମ୍ପଙ୍କ ବିଜୟକୁ ନେଇ ପ୍ରମାଦ ଗଣିବା ଆରମ୍ଭ କରିଛି। ଟ୍ରମ୍ପ କାନାଡାର ଟ୍ରୁଡୋ ସରକାରଙ୍କ ବିରୋଧରେ କିଛି ବଡ଼ ପଦକ୍ଷେପ ନେଇପାରନ୍ତି ବୋଲି ସୂଚନା ମିଳିଛି। ବିଶେଷକରି ଆମେରିକାକୁ କାନାଡା ରପ୍ତାନି କରୁଥିବା ବିଭିନ୍ନ ସାମଗ୍ରୀ ଉପରେ ଟ୍ରମ୍ପ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିବା ପରେ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଏବଂ ତାଙ୍କ ଘନିଷ୍ଠ ସହଯୋଗୀ ଜଗମିତ୍ ସିଂଙ୍କ ମହଲରେ ବିଷାଦ ଭରିଯାଇଛି। କାନାଡ଼ା ବିଭିନ୍ନ ରାଷ୍ଟ୍ରକୁ ଯେଉଁସବୁ ସାମଗ୍ରୀ ରପ୍ତାନି କରିଥାଏ ତାହାର ୭୦ ଭାଗ କେବଳ ଆମେରିକାକୁ ଯାଇଥାଏ। କିନ୍ତୁ ଏଭଳି ସ୍ଥିତିରେ ଯଦି ଟ୍ରମ୍ପ ସରକାର ଆମଦାନୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରନ୍ତି ତେବେ କାନାଡା ଜିଡିପିରେ ଅନ୍ୟୂନ ୭ ବିଲିୟନ ଡଲାର କ୍ଷତି ଘଟିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କ ସହ ତାଙ୍କର ସମ୍ପର୍କରେ ଭଟ୍ଟା ପଡ଼ିଥିଲା। ବିଶେଷକରି ରିପବ୍ଲିକାନ ନେତାମାନେ ଉତ୍ତର ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ବିରୋଧ କରିବାରୁ ଟ୍ରୁଡୋ ଏବଂ ଟ୍ରମ୍ପଙ୍କ ଭିତରେ ମତାନ୍ତର ହେବା ସହିତ ସମ୍ପର୍କ ଖରାପ ହୋଇଥିଲା। ଏହାପରେ କାନାଡା ଏବଂ ଆମେରିକା ମଧ୍ୟରେ ରହିଥିବା ଆମଦାନୀ ଶୁଳ୍କ ବ୍ୟବସ୍ଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ହୋଇ ନ ପାରିବା ଏବଂ ମତାନ୍ତର ସୃଷ୍ଟି ହେବା ଯୋଗୁଁ ୨୦୧୮ ରେ କାନାଡାରେ ଟ୍ରୁଡୋ ସରକାରଙ୍କ ଦ୍ୱାରା ଆୟୋଜିତ ଜି-୭ ରାଷ୍ଟ୍ର ସମ୍ମିଳନୀକୁ ମଧ୍ୟ ଟ୍ରମ୍ପ ଯାଇ ନଥିଲେ।

## ଡାକ୍ତର ହତ୍ୟା ଘଟଣା ମାମଲା ସ୍ଥାନାନ୍ତରଣକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ଆରଜି କର ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାର ଶୁଣାଣି ପଶ୍ଚିମବଙ୍ଗ ବାହାରକୁ ସ୍ଥାନାନ୍ତର କରିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ପଶ୍ଚିମବଙ୍ଗ ପୁଲିସ ଓ ନ୍ୟାୟପାଳିକା ଉପରୁ ରାଜ୍ୟବାସୀଙ୍କ ଭରସା ଉଠି ଯାଇଥିବା ଅଭିଯୋଗ କରି ଜଣେ ଆଇନଜୀବୀ ଏଭଳି ଆବେଦନ କରିଥିଲା ବେଳେ ଏହାର ଶୁଣାଣି କରି ପ୍ରଧାନବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କଡ଼ା ଜବାବ ଦେଇଛନ୍ତି। ଆମେ ସେମିତି କିଛି କରିପାରିବୁ ନାହିଁ କି ଏହି ମାମଲା ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି।

## ଲେବାନନ୍‌ରେ ଇସ୍ରାଏଲ ଆକ୍ରମଣ; ୪୦ ମୃତ

ବେରୁଟ୍, ୭।୧୧(ଏଜେନ୍ସି): ଲେବାନନର ବିଭିନ୍ନ ଭାଗରେ ହିଜବୁଲ୍ଲା ଠିକଣା ଉପରେ ଏବେ ମଧ୍ୟ ଇସ୍ରାଏଲ ସେନାର ଆକ୍ରମଣ ଜାରି ରହିଛି। ବୁଧବାର ରାତିରେ ପୂର୍ବ ଲେବାନନର କିଛି ସହର ଉପରେ ଇସ୍ରାଏଲର ଆଇଡିଏଫ ସେନା ଘନ ଘନ ଆକ୍ରମଣ କରିବାରୁ ୪୦ ଜଣଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଲୋକ ଆହତ ହୋଇଛନ୍ତି।



ଆକାଶମାର୍ଗରୁ ବୋମାମାଡ଼ କରାଯିବା ଦ୍ୱାରା ବିଭିନ୍ନ ସ୍ଥାନରେ ଅନେକ ବହୁତଳ ପ୍ରାସାଦ ଧ୍ୱସ୍ତ ହୋଇଛି। ଏବେ ବି ଭଗ୍ନସ୍ତୁପ ତଳେ ଅନେକ ଲୋକ ଫସି ରହିଥିବା ଲେବାନନ ସରକାରଙ୍କ ପକ୍ଷରୁ କୁହାଯାଇଛି। ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ କରାଯିବା ସହିତ ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ ହିଜବୁଲ୍ଲା ସଂଗଠନର ନୂଆ ମୁଖ୍ୟ ଯୁଦ୍ଧକୁ ନେଇ କିଛି ଟିପ୍ପଣୀ ଦେବା ପରେ ଇସ୍ରାଏଲ ପକ୍ଷରୁ ପୂର୍ବ ଲେବାନନର ବେକା ଭ୍ୟାଲି ଏବଂ ବେଲବାକ୍ ସହର ଉପରେ ଅପ୍ରତ୍ୟାଶିତ ଆକ୍ରମଣ କରାଯାଇଥିଲା। କେବଳ ରାଜନୀତିକ ସ୍ତରରେ ଆଲୋଚନା ମାଧ୍ୟମରେ ଯୁଦ୍ଧ ରୋକାଯାଇପାରିବ ନାହିଁ ବୋଲି ହିଜବୁଲ୍ଲା ମୁଖ୍ୟ କହିବା ପରେ ଇସ୍ରାଏଲ ସେନା ଆକ୍ରମଣ କରିଥିଲା ବୋଲି ଲେବାନନ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

### ଜୟଶଙ୍କରଙ୍କ ଖବର ପ୍ରସାରଣ କରିଥିବା ଅଷ୍ଟ୍ରେଲିଆ ଚ୍ୟାନେଲ ବନ୍ଦକଲା କାନାଡ଼ା

# ବାକ୍ ସ୍ୱାଧୀନତାକୁ ନେଇ ଧରାପଡ଼ିଲା କାନାଡ଼ାର ଛଳନା



ନୂଆଦିଲ୍ଲୀ,୭।୧୧(ଏଜେନ୍ସି): ବିଭିନ୍ନ ପ୍ରସଙ୍ଗକୁ ନେଇ କାନାଡା ଏବଂ ଭାରତ ମଧ୍ୟରେ ବିବାଦ ବଢି ଚାଲିଥିଲା ବେଳେ ଉଭୟ ଦେଶ ମଧ୍ୟରେ ତିକ୍ତତା ଚରମରେ ପହଞ୍ଚିଛି। ଇତିମଧ୍ୟରେ କାନାଡାର ସୁରକ୍ଷା ଏଜେନ୍ସି ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ମନା କରିବାରୁ ଏଠାକାର ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ କିଛି କନସୁଲାର କ୍ୟାମ୍ପ ଯୋଜନାକୁ ବନ୍ଦ କରି ଦିଆଯାଇଛି। କିନ୍ତୁ କଥା ଏତିକିରେ ବି ଶେଷ ହୋଇ ନାହିଁ। କାନାହାର ଟ୍ରୁଡୋ ସରକାର ଭାରତ ବିରୋଧୀ ମାନସିକତାକୁ ନେଇ କେତେ ତଳକୁ ଖସିପାରନ୍ତି ତାହା ମଧ୍ୟ ପ୍ରମାଣିତ ହୋଇଛି। ନିକଟରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲା ବେଳେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଜୟଶଙ୍କର ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ ପେନି ଓଙ୍ଗଙ୍କ ସହ କାନବେରା ଠାରେ ଏକ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମରେ ଯୋଗ ଦେବା ବେଳେ ଭାରତ-କାନାଡା ବିବାଦ ସମ୍ପର୍କରେ ଟିପ୍ପଣୀ ଦେଇଥିଲେ। ପରେ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରସଙ୍ଗରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନକୁ ନେଇ ମଧ୍ୟ ଜୟଶଙ୍କର ଉତ୍ତର ରଖିଥିଲେ। ଏହାକୁ ବହୁ ଅଷ୍ଟ୍ରେଲୀୟ ନ୍ୟୁଜ୍ ଚ୍ୟାନେଲ ପ୍ରସାରଣ କରିଥିଲା ବେଳେ କାନାଡା ସରକାର ବହୁ ଅଷ୍ଟ୍ରେଲୀୟ ଖବର ପ୍ରସାରଣକାରୀ ସଂସ୍ଥାଙ୍କ ବିରୋଧରେ ପ୍ରତିବନ୍ଧକ ଲଗାଇଛନ୍ତି। କାନାଡାର ଏଭଳି ଆଭିମୁଖ୍ୟକୁ ଭାରତ ତୀବ୍ର ନିନ୍ଦା କରିବା ସହିତ ଟ୍ରୁଡୋ ସରକାର କେତେ ତଳକୁ ଖସିପାରନ୍ତି ବୋଲି ଘଟଣାକୁ ନିନ୍ଦା କରି କହିଛନ୍ତି। ଏହିକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପ୍ରବକ୍ତା ରଣଧୀର ଜୈସ୍ୱାଲ କହିଛନ୍ତି ଯେ, କାନାଡା ବାକ୍ ସ୍ୱାଧୀନତା ଅଧିକାରକୁ ନେଇ ବଡ଼ ବଡ଼ କଥା କହୁଛି। କିନ୍ତୁ ଅଷ୍ଟ୍ରେଲୀୟ ଚ୍ୟାନେଲଗୁଡିକ ଉପରେ ପ୍ରତିବନ୍ଧକ ଲଗାଇ କେବଳ ଛଳନାର ପ୍ରମାଣ ଦେଇଛନ୍ତି ବୋଲି କହିଛନ୍ତି।

# କେନାଲରେ ଘାଇ; ତଳମୁଣ୍ଡରେ ପାଣି ନାହିଁ

ବାରିକପୁର, ୭ ।୧୧(ସମିସ)



ସମ୍ପ୍ରତି ଖରିଫ୍ ଧାନ ଚାଷର ଶେଷ ସମୟ ଉପନୀତ ହୋଇଛି । ଆଉ ଦିନ କେତଟା ପରେ ଚାଷୀମାନେ ଘରକୁ ଫସଲ ଆଣିବେ । କ୍ଷେତରେ ଧାନ ଏବେ ଆହାର ସଂଗ୍ରହ କରି ଫୁଲ ଉଡ଼ାଉଥିବା ବେଳେ ପ୍ରାୟ ଏକ ସପ୍ତାହ ମଧ୍ୟରେ ଶସ୍ୟ ପାଚିଯିବ। ଏପରି ସ୍ଥଳେ ଏବେ ଧାନ କ୍ଷେତରେ ପାଣିର ପ୍ରଚୁର ଆବଶ୍ୟକ ହୋଇଛି । କାରଣ ଶସ୍ୟ ଆହାର ସଂଗ୍ରହ ବେଳେ ଜଳର ଆବଶ୍ୟକତା ଯଥେଷ୍ଟ ରହିଥାଏ । ବର୍ଷା ଛାଡ଼ି ଯାଇଥିବା ବେଳେ କେନାଲ ପାଣି ଚାଷୀଙ୍କୁ ଭରସା ହୋଇଛି। ପରିତାପର ବିଷୟ କେନାଲରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଅନେକ କ୍ଷେତକୁ ପାଣି ଯାଇ ପାରୁନାହିଁ। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସମସ୍ତ ଜମିକୁ କେନାଲ ବ୍ୟବସ୍ଥା ରହିଥିବାବେଳେ ଅନେକ ଜମିରେ ପାଣି ପହଞ୍ଚିବା ସମ୍ଭବ ହେଉନାହିଁ। ବ୍ଲକର ରହଣିଆ ଦେଇ ଯାଇଥିବା ନୋଉରଙ୍ଗପୁର ମାଇନର୍ କେନାଲଟି ଉପରେ ଅନେକ ଚାଷୀ ନିର୍ଭର କରିଥାନ୍ତି । ଉକ୍ତ ମାଇନର କେନାଲ ଟିର କିଛି ସ୍ଥାନରେ ଘାଇ ସୃଷ୍ଟି ହୋଇଛି । କେନାଲ ଉପର ମୁଣ୍ଡ ଚାଷୀଙ୍କ ପାଇଁ କିଛି ସମସ୍ୟା ନଥିବା ବେଳେ ତଳ ମୁଣ୍ଡ ଚାଷୀ ଆବଶ୍ୟକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି । କେନାଲରେ ପାଣି ଆସୁଥିଲେ ସୁଦ୍ଧା ମଧ୍ୟ ଭାଗରେ ଘାଇ ଯୋଗୁଁ ଏହା ଶେଷ ମୁଣ୍ଡରେ ପହଞ୍ଚିବା କଷ୍ଟକର ହେଉଛି । ଫଳରେ କେନାଲ ଉପରେ ନିର୍ଭର କରୁଥିବା ରହଣିଆ, ଦେଉଳପଦୀ, ନୌରଙ୍ଗପୁର, ରାମପୁର ପ୍ରମୁଖ ଗ୍ରାମର ଚାଷୀ ମାନେ ପାଣି ଜନିତ ସମସ୍ୟା କାରଣରୁ ଦହଗଞ୍ଜ ହେଉଛନ୍ତି । କେନାଲ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଧାମନଗର ଜଳସମ୍ପଦ ବିଭାଗ ଏହା ଉପରେ ଦୃଷ୍ଟି ଦେଇ ତୁରନ୍ତ ଘାଇ ମରାମତି କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ଚାଷୀଙ୍କୁ କଲବଲ କରୁଛି ଜଉଆ ପୋକ



ବାରିକପୁର, ୭ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ପ୍ରାୟ ୧୬ହଜାର ହେକ୍ଟର ଜମିରେ ଖରିଫ୍ ଧାନ ଚାଷ ହୋଇଛି । ଇତିମଧ୍ୟରେ ଧାନର ଥୋଡ଼ ଆସିବା ଓ ଆହାର ସଂଗ୍ରହ ସମୟ ଉପନୀତ ହୋଇଛି । ଏପରି ସ୍ଥଳେ ପୋକ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଉଛି । ସୂଚନା ମୁତାବକ ସବୁଜିମା ଧାନ କ୍ଷେତରେ ବିଭିନ୍ନ ପୋକ ଉପଦ୍ରବକୁ ଚାଷୀ ଭାଇମାନେ ଧିରେ ଧିରେ ଦମନ କରୁଥିବା ବେଳେ ଏବେ ଶସ୍ୟ ସଂଗ୍ରହ ବେଳକୁ ଜଉଆ ପୋକ ଉପଦ୍ରବ ବେଶି ଚିନ୍ତା ବଢ଼ାଉଛି । କୃଷି ବିଭାଗର ସଠିକ ପରାମର୍ଶ ବିନା କେଉଁ ପ୍ରକାର କୀଟନାଶକ ପ୍ରୟୋଗ କଲେ ଚାଷ ଜମି ଗୁଡିକୁ ଜଉଆ ପୋକ ଦାଉରୁ ରକ୍ଷା କରିହେବ ସେ ନେଇ ଚାଷୀମାନେ ଏବେ ଦ୍ୱନ୍ଦରେ ପଡ଼ିଛନ୍ତି । ସ୍ଥାନୀୟ ବଜାରରେ ମିଳୁଥିବା ପ୍ରଚାର ଧର୍ମୀ ବେନାମୀ କମ୍ପାନୀର ବିଷ ଆଣି ଚାଷୀ ଜମିରେ ପ୍ରୟୋଗ କରୁଥିଲେ ସୁଦ୍ଧା ଧାନ ଗଛଗୁଡ଼ିକ କିନ୍ତୁ ପୋକ ଦାଉରୁ ରକ୍ଷା ପାଇପାରୁ ନାହାନ୍ତି । ବାରମ୍ବାର କ୍ଷେତରେ ବିଷ ପ୍ରୟୋଗ କରିବାକୁ ପଡୁଥିବା ବେଳେ ଚାଷୀ ମାନେ ଆର୍ôଥକ ଭାବେ ଢେର କ୍ଷତି ସହୁଛନ୍ତି । କୀଟପୋକ ଜନିତ କାରଣରୁ କୃଷି କ୍ଷେତ୍ର ସୁରକ୍ଷା ନେଇ ପ୍ରାୟ କୌଣସି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହେଉ ନଥିବା ବେଳେ ଚାଷୀ ମାନେ ଏଥିପାଇଁ ଅଡୁଆରେ ପଡୁଛନ୍ତି। ବ୍ଲକର ବିଷ୍ଣୁପୁର ଠାରୁ ଆରମ୍ଭ କରି ଜଳମଣ୍ଡୁଆ, ନିର୍ଗୁଣ୍ଡି, ପାଟୁଳି, ମଞ୍ଜୁରୀ ରୋଡ, ଆଖୁଆପଦା, ରହଣିଆ, ବାଲି ପୋଖରୀ, କୋରିଗାଁ, ସରସଦା, ନେରଡା, ରଣଜିତ୍, ନପଙ୍ଗ ପ୍ରମୁଖ ଅଞ୍ଚଳରେ ଦୈନନ୍ଦିନ ଚାଷୀ ମାନେ ଚାଷ ଜମିରେ ବିଷ ପ୍ରୟୋଗ କରୁଥିବା ଦେଖିବାକୁ ମିଳିଛି। ଆଗକୁ ଧାନ ପାଚିବା ସମୟ ଆସୁଥିବା ବେଳେ ଜୋଉଆ ଉପଦ୍ରବ ଆହୁରି ବୃଦ୍ଧି ପାଇବ ବୋଲି ବିଭିନ୍ନ ଅଞ୍ଚଳ ର ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏପଟେ ପୋକ ଆକ୍ରାନ୍ତ କ୍ଷେତ୍ରକୁ କୃଷି ବିଭାଗ ବିଭାଗ ପକ୍ଷରୁ ପରିଦର୍ଶନ କରାଯାଉଥିବା ଅଧିକାରୀମାନେ ମତ ଦେଇଛନ୍ତି। ଆଗକୁ ଶସ୍ୟ ଅମଳ ଉପଯୋଗୀ ହେବାକୁ ଯାଉଥିବା ବେଳେ ପୋକ ଉପଦ୍ରବକୁ ସଠିକ ଭାବେ ପ୍ରତିହତ କରିବା ପାଇଁ କୃଷି ବିଭାଗ ତତ୍ପରତା ପ୍ରକାଶ କରିବା ଏବେ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି।

## ଜେଇଙ୍କ ବାରମ୍ବାର ବଦଳି: ଦ୍ୱନ୍ଦରେ ଜନ ପ୍ରତିନିଧି

ଧାମନଗର, ୭ ।୧୦(ସମିସ): ମାତ୍ର ୧୦ ଦିନ ବ୍ୟବଧାନରେ ଧାମନଗର ବ୍ଲକ ଅଧୀନସ୍ଥ ଜେଇମାନଙ୍କର କର୍ମସ୍ଥଳୀର ପରିବର୍ତ୍ତନ ଘଟିଛି । ଫଳରେ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଦ୍ୱନ୍ଦରେ ପଡ଼ିଛନ୍ତି । ଧାମନଗର ବ୍ଲକରୁ ୫ ଜଣ ଜେଇଙ୍କ ଅନ୍ୟ ବ୍ଲକ ଓ ୪ ଜଣ ଜେଇଙ୍କ ଧାମନଗରକୁ ବଦଳି ହୋଇଥିଲା । ସେଥିପାଇଁ ଗତ ମାସ ୧୭ ତାରିଖରେ ଧାମନଗର ବିଡିଓଙ୍କ ଆଦେଶ ନଂ. ୫୭୭୯ ବଳରେ ୨ ଜଣ ଏଇ ଓ ୭ ଜଣ ଜେଇଙ୍କୁ ବିଭିନ୍ନ ପଞ୍ଚାୟତ ଆଲର୍ଟ ହୋଇଥଲା । ତେବେ ଜେଇ ସନ୍ତୋଷ ପତିଙ୍କ ବଦଳି ପରେ ପୁଣି ଥରେ ସେମାନଙ୍କୁ ଅନ୍ୟ ପଞ୍ଚାୟତ ଦାୟିତ୍ୱ ମିଳିଛି। ଜେଇ ଗୋବିନ୍ଦ ସାମଲ, ରବୀନ୍ଦ୍ର ସ, ଅନ୍ନପୂର୍ଣ୍ଣା ସାହୁ, ଏଇ ସୁରମା ବର୍ଦ୍ଧନଙ୍କୁ ଦିଆଯାଇଥିବା ପଞ୍ଚାୟତ ଅପରିବର୍ତ୍ତିତ ଥିବା ବେଳେ ଦିଲ୍ଲୀପ ପଣ୍ଡାଙ୍କୁ ହସନବାଦ ବଦଳରେ ଅର୍ଜୁନପୁର ପଞ୍ଚାୟତ ଓ ନିରାକାର ମହାପାତ୍ରଙ୍କୁ ଅର୍ଜୁନପୁର ବଦଳରେ ହସନାବାଦ ସହିତ ଧୂଷୁରୀ ପଞ୍ଚାୟତ ଦାୟିତ୍ୱ ମିଳିଛି । ସେହିପରି ୪ଟି ପଞ୍ଚାୟତ ଦାୟିତ୍ୱରେ ଥିବା ଦେବେନ୍ଦ୍ର ନାୟକଙ୍କୁ ଅଧିକ ଭାବେ ବମକୁରା ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଏନ୍ଏସି ଦାୟିତ୍ୱରେ ଥିବା ଏଇ ରାଜୀବ ସେଠୀଙ୍କୁ ପୂର୍ବରୁ ସନ୍ତୋଷ ପତିଙ୍କ ଦାୟିତ୍ୱରେ ଥିବା ବ୍ଲକ ହେଡ୍‌କ୍ୱାର୍ଟର ଦାୟିତ୍ୱ ଦିଆଯାଇଛି । ସରକାର ବଦଳିବା ପରେ ବାରମ୍ବାର ଧାମନଗର ବିଡିଓଙ୍କ ନୀତି ଓ ନିଷ୍ପତ୍ତି ପରିବର୍ତ୍ତନ ନେଇ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧିମାନେ ଦ୍ୱନ୍ଦରେ ଅଛନ୍ତି ।

## ଶେଷ ହେଲା କାଳୀ ପୂଜା, ମେଲାଣି ନେଲେ ମା'

ଧାମନଗର, ୭ ।୧୦(ସମିସ): ଶେଷ ହେଲା ଚଳିତ ବର୍ଷର ସାର୍ବଜନୀନ କାଳୀ ପୂଜା। ଧାମନଗର ଅଞ୍ଚଳର ପୁରପଲ୍ଲୀରେ ଭାବ ଓ ଭକ୍ତିର ସହ କାଳୀ ପୂଜା ଉଦ୍‌ଯାପିତ ହୋଇଯାଇଛି। ଏଥର ଧାମନଗର ଏନ୍ଏସି ଅଞ୍ଚଳରେ ୨ଟି, ଥାନା ଅଧୀନସ୍ଥ ଗ୍ରାମାଞ୍ଚଳରେ ୩ଟି ମଣ୍ଡପରେ ଓ ଧୂଷୁରୀ ଥାନା ଅଧୀନରେ ୩ଟି; ଏଭଳି ମୋଟ ୮ଟି ମଣ୍ଡପରେ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ଧାମନଗର ବଡ଼ ବଜାର, ବ୍ଲକ ବଜାର ଓ ଭଗବାନପୁର



ବଜାର ମେଢ଼ ଭସାଣି ଉତ୍ସବ ସରିଥିବା ବେଳେ ବ୍ଲକ ଅଞ୍ଚଳର ଅଧିକାଂଶ ମଣ୍ଡପରେ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭସାଣି ହୋଇନାହିଁ। ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଜେଡି ନେତା ଡାକ୍ତର ସଞ୍ଜୟ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, କଂଗ୍ରେସ ନେତା ରଞ୍ଜନ ବେହେରା ପ୍ରମୁଖ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଛନ୍ତି। ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ଧାମନଗର ଥାନା ଆଇଆଇସି ଫଣୀନ୍ଦ୍ର ଭୂଷଣ ନାଏକ ଓ ଧୂଷୁରୀ ଥାନା ଓଆଇସି ଶାନ୍ତନୁ ଜେନା ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ।

## ଓଡ଼ିଆ ବୈଜ୍ଞାନିକଙ୍କୁ 'ହୋମି ଭାବା ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ସମ୍ମାନ

ଭୁବନେଶ୍ୱର/ଭଦ୍ରକ, ୭।୧୧ (ସମିସ): ଦୃଶ୍ୟମାନ ରଶ୍ମିର ପ୍ରୟୋଗରେ ଅତି ଅଭିନବ ଉପାୟରେ ରୋଗ ଚିହ୍ନଟ ଓ ଚିକିତ୍ସା ପଦ୍ଧତିର ଅନୁସନ୍ଧାନ ଓ ବିକାଶ ପାଇଁ ଓଡ଼ିଆ ବୈଜ୍ଞାନିକ ଡ. ଖଗେଶ୍ୱର ସାହୁଙ୍କୁ 'ହୋମି ଭାବା ସାଇନ୍ସ ଆଣ୍ଡ ଟେକ୍ନୋଲୋଜି' ସମ୍ମାନ ମାନପତ୍ର ପ୍ରଦାନ କରାଯାଇଛି। ଭାରତୀୟ ପରମାଣୁ ଶକ୍ତି ବିଭାଗର ଇନ୍ଦୋରରେ ଥିବା ରାଜା ରମନ୍ନା ସେଣ୍ଟର ଫର୍ ଆଡ୍‌ଭାନ୍ସ ଟେକ୍ନୋଲୋଜିରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ତଥା ହୋମି ଭାବା ଜାତୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଡ. ସାହୁଙ୍କୁ ଭାବା ପରମାଣୁ ରିସର୍ଚ୍ଚ ସେଣ୍ଟରର ପ୍ରତିଷ୍ଠା ଦିବସରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ପରମାଣୁ ଶକ୍ତି ବିଭାଗର ଅଧ୍ୟକ୍ଷ ଡ. ଅଜିତ କୁମାର ମହାନ୍ତି, ଭାବା ପରମାଣୁ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ବିବେକ ଭାସିନ, ନିୟନ୍ତ୍ରକ ଜୟକୁମାର



ପ୍ରମୁଖଙ୍କ ଉପସ୍ଥିତରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଜାତୀୟ ସ୍ତରରେ ୧୪ ଜଣଙ୍କୁ ଏହି ସମ୍ମାନ ମାନପତ୍ର ମିଳିଥିବା ବେଳେ ଡ.ଖଗେଶ୍ୱର ସାହୁ ଏକମାତ୍ର ଓଡ଼ିଆ ଅଟନ୍ତି । ଡ. ସାହୁ ହେଉଛନ୍ତି ଭଦ୍ରକ ଜିଲ୍ଲା ଦେହୁରୀ ଆନନ୍ଦପୁର ଗ୍ରାମର ଜଗବନ୍ଧୁ ସାହୁ ଓ ଉମାମଣି ସାହୁଙ୍କ ପୁତ୍ର। ସେ ୧୯୯୪ ମସିହାରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୦୨ରେ ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ନିଯୁକ୍ତି ପାଇଥିଲେ। ତତ୍ପରେ ତାଙ୍କୁ ଇନ୍ଦୋରରେ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିଲା। ଦୃଶ୍ୟମାନ ଆଲୋକର ବ୍ୟବହାର ଗୋଟେ ଅତି ନୂଆ ପଦ୍ଧତି। ଭାରତରେ ଏପରି କାର୍ଯ୍ୟ ପ୍ରଥମ। ଏହି ପଦ୍ଧତିରେ କର୍କଟ ରୋଗର ଚିହ୍ନଟ, ଚିକିତ୍ସା ବ୍ୟତୀତ କୋଭିଡ୍ ଭୂତାଣୁ ଓ ଅନେକ ମାରାତ୍ମକ ଜୀବାଣୁ କବକକୁ ମାରିବାରେ ଉପଯୋଗ କରାଯାଉଛି। ଏପରିକି ମଧୁମେହ ରୋଗରେ ହେଉଥିବା ମାରାତ୍ମକ ଓ ଶୁଖୁ ନଥିବା ଘା'ର ଚିକିତ୍ସାରେ ଏହି ଦୃଶ୍ୟମାନ ଆଲୋକର ବ୍ୟବହାର କରାଯାଉଛି।

## ଆଦର୍ଶ ବିଦ୍ୟାଳୟର ନିର୍ମାଣ କାମ ନିମ୍ନମାନର ଅଭିଯୋଗ



ବାସୁଦେବପୁର, ୭ ।୧୧(ସମିସ): ବାସୁଦେବପୁର ବ୍ଲକର ଇରମ ପଞ୍ଚାୟତର ଆଦର୍ଶ ବିଦ୍ୟାଳୟ ନିର୍ମାଣାଧୀନ କାମ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ବାସୁଦେବପୁର ରାସ୍ତା ଓ ଗୃହ ନିର୍ମାଣ (ଆର୍‌ଏଣ୍ଡ ବି) ବିଭାଗର ନା ଅଛନ୍ତି ଉପଖଣ୍ଡ ଯନ୍ତ୍ରୀ ନା ଅଛନ୍ତି କନିଷ୍ଠ ଯନ୍ତ୍ରୀ । ଏହି ବିଭାଗକୁ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଭଗବାନ ଭରସା। ଦୀର୍ଘ ଏକ ବର୍ଷ ଧରି ବାସୁଦେବପୁର ଆର୍‌ଏଣ୍ଡ ବି ବିଭାଗର ଏଡିଓ ଓ ତିନି କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ଖାଲିପଡ଼ିଛି । ବାସୁଦେବପୁର ବ୍ଲକର କର୍ମଚାରୀଙ୍କ ଅଭାବ ଯୋଗୁଁ ଠିକାଦାରମାନଙ୍କ ପାଇଁ କଚେପୁଅ ବାର। ସରକାରଙ୍କ ନିତିନିୟମକୁ ଚଳୁ କରି ମନଇଚ୍ଛା କାମ କରୁଛନ୍ତି। କାମ ଦେଖିବାକୁ କେହି ନାହିଁ କି କହିବାକୁ କେହିନାହାନ୍ତି। ବାସୁଦେବପୁର ବ୍ଲକର ଇରମ ପଞ୍ଚାୟତର ଓଡ଼ିଶା ଆଦର୍ଶ ବିଦ୍ୟାଳୟର କୋଟି କୋଟି ଟଙ୍କାର ଘର ଓ ସଂଯୋଗ ରାସ୍ତା କାମ ନିର୍ମାଣ କାର୍ଯ୍ୟ ଚାଲିଛି । କେଉଁଠି ସୂଚନା ଫଳକଟିଏ ଲାଗିନାହିଁ। ବର୍ତ୍ତମାନ ନିର୍ମାଣ ଚାଲିଥିବା ସଂଯୋଗୀକରଣ ରାସ୍ତାର ମାନକୁ ଦେଖିଲେ ନିର୍ମାଣ ହୋଇଥିବା ସମ୍ପୂର୍ଣ୍ଣ କାମର ମାନ କ'ଣଥିବ ବାରି ହୋଇପଡୁଛି । ଠିକାଦାର ଭଦ୍ରକ ରହି ଶ୍ରମିକଙ୍କ ହାତରେ ନିର୍ମାଣ କାର୍ଯ୍ୟକୁ ଟେକି ଦେଇଛନ୍ତି । ବାସୁଦେବପୁର ଆର୍‌ଏଣ୍ଡବି ବିଭାଗର ଅଧିକାରୀ ନଥିବାରୁ ଠିକାଦାର ମନଇଚ୍ଛା କାମ କରୁଛି । ୱାଲ ଠାରୁ ଉପରକୁ ବାଲି ଫିଲିଂ ହେବାର ନିୟମ ଥିବାବେଳେ ଠିକାଦାର ମାଟି ପୂରାଇ ରାସ୍ତାର ନିର୍ମାଣ କାମ କରୁଥିବାର ଅଭିଯୋଗ ହୋଇଛି । କେତେ ଟଙ୍କାର କାମ ଓ କିଏ କରୁଛି ଜାଣିବା କଷ୍ଟକର ହୋଇ ପଡୁଛି । ବାସୁଦେବପୁର ବ୍ଲକର ଆର ଏଣ୍ଡ ବି ବିଭାଗର ସମସ୍ତ ନିର୍ମାଣ କାର୍ଯ୍ୟକୁ କେବଳ ଭଗବାନ ଭରସା ବୋଲି ସାଧାରଣରେ ଆଲୋଚନା ଚାଲିଛି ।

## ୧୨ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ ହିନ୍ଦୁ ସମାଜ

ଭଦ୍ରକ, ୭।୧୧ (ସମିସ): ଭଦ୍ରକ ଜିଲ୍ଲା ହିନ୍ଦୁ ସ୍ୱାଭିମାନ ମଞ୍ଚ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ସୀତାରାମ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମାଜ ଉପରେ ବାରମ୍ବାର ଆକ୍ରମଣ ଓ ପ୍ରଶାସନର ଅବହେଳା ଯୋଗୁଁ ଅତିଷ୍ଠ ହିନ୍ଦୁ ସମାଜ ଓ ହିନ୍ଦୁ ସଂଗଠନ ବିଶାଳ ସଂଖ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବ ବୋଲି ଚେତାବନୀ ଦେଇଛନ୍ତି। ଭଦ୍ରକରେ ବିଗତ କିଛି ମାସ ହେବ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବଢ଼ିଚାଲିଛି। ଧାମନଗର ଅରୁଣବଜାରରେ ହିନ୍ଦୁ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହେଲା। ଅଭିଯୋଗ ପରେ ଗିରିଫଦାରି ହେଲା କିନ୍ତୁ ମୁଖ୍ୟ ଅଭିଯୁକ୍ତ ଗିରଫ ହେଲାନାହିଁ। ଭଦ୍ରକ ଗୁଜିଦରଢ଼ାରେ ସମାନ୍ୟ ବିଷୟକୁ କେନ୍ଦ୍ର କରି ଜଣେ ନାବାଳକକୁ ଆକ୍ରମଣ ହେଲା। ପିଲାଟିର ମା', ଭଉଣୀ ଅଟକାଇବାକୁ ଯାଇ ମାଡ଼ ଖାଇଲେ। ଏକମାସ ପରେ ବି ଅଭିଯୁକ୍ତକୁ ପୁଲିସ ବିଭିନ୍ନ ଆଳରେ ଗିରଫ କରିବାକୁ ଅମଙ୍ଗ। ବାଙ୍କା ବଜାରର କୋରୁଆ ସାହିରେ ଅନୁସୂଚିତ ଜାତିର ମହିଳାଙ୍କ ସମେତ ପରିବାର ଉପରେ ଆକ୍ରମଣ ହେଲା। ପୂର୍ବରୁ ପାଳିଆବିନ୍ଧାରେ ଗଣେଶ ପୂଜା ଭସାଣି ହିନ୍ଦୁମାନଙ୍କୁ ମରଣାନ୍ତକ ଆକ୍ରମଣ ହେଲା। ଏହିପରି ଅନେକ ଘଟଣା ଘଟୁଥିଲେ ମଧ୍ୟ ପୁଲିସ୍ ଚୁପ୍ ବସିଛି। ସବୁଥିରେ ମୁଖ୍ୟ ଅଭିଯୁକ୍ତ ଗିରଫ କରାଯାଇନାହିଁ କିମ୍ବା ଖସିଯାଉଛି। ହିନ୍ଦୁ ସଂଗଠନଗୁଡ଼ିକ ତରଫରୁ ଏହି ସମସ୍ତ ବିଷୟରେ ଥାନାରେ, ପରେ ଆରକ୍ଷୀ ଅଧିକ୍ଷକ ଏବଂ ଶେଷରେ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଗଲା, ଦାବିପତ୍ର ଦିଆଗଲା, ଜିଲ୍ଲାପାଳ ପ୍ରତିଶ୍ରୁତି ଦେଲେ ହେଲେ ତାହା କାର୍ଯ୍ୟକାରୀ ହେଲାନାହିଁ। ଏଥିପାଇଁ ଆସନ୍ତା ୧୨ ତାରିଖ ମଙ୍ଗଳବାର ସକାଳେ ବିଶାଳ ଜନସମୂହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବ। ସେଥିରେ ଭଦ୍ରକର ସମସ୍ତ ହିନ୍ଦୁ ସଂଗଠନ, ସାମାଜିକ ସଂଗଠନ, ସମସ୍ତ ସନ୍ଥ ଯୋଗ ଦେବା ସହ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ମାନସ ରଞ୍ଜନ ମହାନ୍ତି, ବିଭୂଚନ୍ଦନ ଜେନା, ସ୍ୱାଧୀନ ସୁନ୍ଦର ଦାସ, ମଧୁସ୍ମିତା ମହାପାତ୍ର ପ୍ରମୁଖ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରିଥିଲେ। ବିଭିନ୍ନ ସଂଗଠନରୁ ବସନ୍ତ ରାଉତ, ତପନ ମହାନ୍ତି, ସଞ୍ଜୀବ ଦାସ, ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ସାହୁ, ଶିବଶଙ୍କର ଦାଶ, ଧିରେନ ନାୟକ, ଆଶୀଷ ବାରିକ୍, ଜ୍ୟୋତିରଞ୍ଜନ ସାହୁ, ଆକାଶ ପଣ୍ଡା ଓ ମାନଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କର୍ପିଓରେ ଗୋରୁ ଚୋରି; ଧରିନେଲେ ଗାଁ ଲୋକେ

ବନ୍ତ/ଆଗରପଡ଼ା, ୭ ।୧୧(ସମିସ): ବିଳମ୍ବିତ ରାତ୍ରିରେ ଗାଁରେ ପଶି ଗୋରୁ ଚୋରି କରୁଥିଲେ, ଧରିଲେ ଗାଁ ଲୋକେ । ବନ୍ତ ବ୍ଲକ ଅନ୍ତର୍ଗତ ଗଣ୍ଡଗରା ଠାରେ ବୁଧବାର ବିଳମ୍ବିତ ରାତ୍ରିରେ ଏକ ନାଲି ସ୍କର୍ପିଓ ଭିତରେ କେତେକ ବ୍ୟକ୍ତି ଗୋରୁ ଆଣିବା ସହ ପୁଣି ପାଖରେ ଥିବା ଆଉ କିଛି ଷଣ୍ଢ ଏବଂ ଗୋରୁଙ୍କୁ ଚୋରି କରି ନେବାକୁ ଉଦ୍ୟମ କରୁଥିଲେ । ପୂର୍ବରୁ ଯୋଜନା ମୁତାବକ ଛକି ରହିଥିବା ଗାଁ ଲୋକେ ତାଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ବେଳେ ଚୋରି କରିବାକୁ ଆସିଥିବା ୬ରୁ ୭ ଜଣ ସ୍କର୍ପିଓ ଗାଡ଼ି, ୨ ବାଇକ୍ ଏବଂ ଗୋରୁ ଛାଡ଼ି ଗାଁ ଲୋକଙ୍କୁ ଆକ୍ରମଣ କରି ପଳାଇ ଯିବାରେ ସକ୍ଷମ ହୋଇଥିଲେ।



ତେବେ ଚୋରଙ୍କୁ ସହଯୋଗ କରୁଥିବା ସେହି ଗାଁର ରବୀନ୍ଦ୍ର ଯେନା ମଧ୍ୟ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ଗୁରୁବାର ପୁଲିସକୁ ଜିମା ଦେଇଥିଲେ।

ସୂଚନାନୁଯାୟୀ, ପୂର୍ବରୁ ମଧ୍ୟ ବାରମ୍ବାର ଗୋରୁ ଚୋରମାନେ ଗାଁରେ ପଶି ଗୋରୁ ଏବଂ ଷଣ୍ଢ ଚୋରି କରିନେଉଥିଲେ । ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ସେମାନେ ଗୋରୁ ଚୋରଙ୍କୁ ଧରିବା ପାଇଁ ପୂର୍ବରୁ ଛକି ରହିବା ପରେ ଏ ପୂରା ଘଟଣା ଗୁରୁବାର ପଦାକୁ ଆସିଛି । ତେବେ ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ଖବର ପାଇ କେନ୍ଦୁଆପଦା ଫାଣ୍ଡି ପୁଲିସ୍ ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୁଲିସ୍ ପହଞ୍ଚି ରବୀନ୍ଦ୍ରଙ୍କୁ ଥାନାକୁ ଉଠାଇ ନେବା ସହ ଚୋରିରେ ବ୍ୟବହୃତ ନାଲି ସ୍କର୍ପିଓ, ୨ଟି ବାଇକ୍ ଜବତ୍ କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

## ମହାସଂସ୍କୃତି ଜାଗରଣ ଯାତ୍ରା ଉଦ୍‌ଯାପିତ



ଭଦ୍ରକ, ୭ ।୧୧(ସମିସ): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଅନୁଷ୍ଠାନରେ ଚରମ୍ପା ପ୍ଲାଟଫର୍ମରେ ସମିତି ପକ୍ଷରୁ ଅସ୍ଥାୟୀ ଭାବେ ନିର୍ମିତ ମଣ୍ଡପରେ ଗତ ୨ରୁ ୬ତାରିଖ ଦୀର୍ଘ ୫ଦିନ ବ୍ୟାପୀ ମହାସଂସ୍କୃତି ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମଣ୍ଡପସ୍ଥ ଶ୍ରୀଦିଅଁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ବିଭିନ୍ନ ଦିବସରେ ଶ୍ରୀଜଗନ୍ନାଥଙ୍କ ତଥ୍ୟ, ତତ୍ତ୍ୱ ଓ ମହିମା ସମ୍ପର୍କରେ ପ୍ରାଧ୍ୟାପକ ଶିବଚରଣ ରାମଚନ୍ଦ୍ର, ରୋଟାରିୟାନ ଶିଶିର ମିଶ୍ର, ସାମ୍ବାଦିକ ରବିନାରାୟଣ ଖିଲାର, ଓଷ୍ଟାର ସଭାପତି ଶଶୀଶେଖର କରଶର୍ମା, ଇଂ.ଅଭୟ ସୂତାର, ସୁବାସଚନ୍ଦ୍ର ସାହୁ, ରେଲୱେ ମ୍ୟାନେଜର, ପ୍ରାଧ୍ୟାପକ ରତିକାନ୍ତ ମହାନ୍ତି, ଅଧ୍ୟକ୍ଷ ଡ.ନିତ୍ୟାନନ୍ଦ ମିଶ୍ର, ଜାନକୀ ପାଢ଼ୀ, ମନୋରମା ରାୟ, କଲ୍ୟାଣୀ ନନ୍ଦ, ସଂଯୁକ୍ତା ବଳ, କଳ୍ପନା ଜେନା ପ୍ରମୁଖ ବକ୍ତାଗଣ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣେଇ ପାରିଲେ ଦେଶର ଦୁର୍ଗତି ଦୂରହେବା ସଙ୍ଗେ ସମାଜର ସୁସ୍ଥ ବାତାବରଣ ସୃଷ୍ଟି ହେବ ବୋଲି ବକ୍ତାମାନେ କହିଥିଲେ। ଆଧାତ୍ମିକ ସଭାରେ ସମିତିର ମୁଖ୍ୟ ପରିଚାଳକ ପ୍ର. ଭାଗୀରଥି ନନ୍ଦ ଶର୍ମା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ବିବରଣୀ ପାଠ, ସହ ଆବାହକ ବାବୁଲାଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷ ୨ଦିନ ସମିତିର ସହ ପରିଚାଳକ ସୁଦର୍ଶନ ପଣ୍ଡା ଓ ସହ ଆବାହକ ଅଧ୍ୟକ୍ଷତା କରି ମଞ୍ଚ ପରିଚାଳନା କରିଥିଲେ। ସଂକୀର୍ତନ ମଣ୍ଡଳୀରେ ବାଲେଶ୍ୱର, ଭଦ୍ରକରୁ ଅନ୍ନପୂର୍ଣ୍ଣ ଦାସ ଓ ସୁରେନ୍ଦ୍ରପ୍ରସାଦ ନାୟକ, ଦୁର୍ଗାଚରଣ ନାୟକଙ୍କ ତତ୍ତ୍ୱାବଧାନରେ ୧୨ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ। ତୃତୀୟ ଦିବସରେ ପୁରୀରୁ 'ଜଗା ଚାକର ସଂଘ'ର ସଦାନନ୍ଦ ସାହୁ ଓ ସମ୍ପାଦକ ବିଶ୍ୱନାଥ ପାତ୍ର, ସନ୍ତୋଷ ମିଶ୍ର, ଅସିତ ସାଏନ୍ତ, କ୍ଷୀରୋଧ ନାୟକ, ସୁପ୍ରଭା ମିଶ୍ର, ନିରୁପମା ପଣ୍ଡା, ସସ୍ମିତା ପଣ୍ଡା, ଶ୍ରୀକାନ୍ତ ସାହୁ ପ୍ରମୁଖ ସେବକ ଶ୍ରୀମନ୍ଦିରରୁ ମହାପ୍ରସାଦ ଆଣି ସମିତିର ଉପଦେଷ୍ଟା, ସନେଇ ଶିଅଳ, କାଶୀନାଥ ପଣ୍ଡା, ଲକ୍ଷ୍ମୀଧର ଖଟୁଆ ପ୍ରମୁଖ ସେବକ ଯୋଗ ଦେଇଥିଲେ।

# ଧାମନଗର- ଷଣ୍ଢପୁର ରାସ୍ତା କାମ ଅଧାରୁ ବନ୍ଦ

ଦୋବଲ, ୭ ।୧୧(ସମିସ)



ଧାମନଗରରୁ ଷଣ୍ଢପୁର ଭାୟା ଦୋବଲ ରାସ୍ତାର କିଛି ଅଂଶ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖଡ଼ିପଦା ଛକଠାରୁ ଷେଣ୍ଢପୁର ଯାଏ ପ୍ରାୟ ୨ କିଲୋମିଟର ରାସ୍ତାରେ ଯାତାୟାତ କରିବା ମୁସ୍କିଲ ହୋଇପଡୁଛି । ପ୍ରାୟ ୪ ମାସ ହୋଇଗଲାଣି ରାସ୍ତାରେ ବଜୁରି ଗୁଣ୍ଡ ଓ ବଜୁରୀ ବିଛେଇ ଛାଡ଼ି ଦିଆଯାଇଛି। ଫଳରେ ଯିବା ଆଶିବା କରୁଥିବା ଲୋକେ ନାକେଦମ୍ ହୋଇପଡୁଛନ୍ତି। ଖଡ଼ିପଦା ଛକରୁ ଷଣ୍ଢପୁର ହେଉ ବା

**● ସମସ୍ୟା ଭୋଗୁଛନ୍ତି ସାଧାରଣ ଲୋକେ**

ଷଣ୍ଢପୁରରୁ ଖଡ଼ିପଦା ଛକ, ଯଦି ଜଣେ ଚାଲି ଚାଲି ଯିବ ତା ଜାଗାରେ ପହଞ୍ଚିଲା ବେଳକୁ ସେ ଧୂଳିଗୁଣ୍ଡରେ ଗାଧୋଇ ପଡୁଛି। ସେହିପରି ଦୁଇ ଚକିଆ ଯାନ ନେଇକି ଗଲେ ବି ଭଲ ଗାଡ଼ି ଜଖମ ହୋଇଯାଉଛି। କାହାର ପଙ୍କଚର ହେଉଛି ତ କାହାର ସ୍ପେୟାର ପାର୍ଟସ ହୁଗୁଳା ହୋଇଯାଉଛି। ଖାଲି ଏତିକି ନୁହେଁ, ବେଦପୁର ଛକରୁ ଷଣ୍ଢପୁର ହାଇସ୍କୁଲ ମଝିରେ ବଡ଼ ବଡ଼ ବୋଲଡର ପକେଇ ଛାଡ଼ି ଦିଆଯାଇଛି। ଏହି ଷ୍ଟ୍ରେଚରେ ଦୁଇ ଚକିଆ ହେଉ କି ଚାରି ଚକିଆ ସ ଯିବା ଆସିବା ଖୁବ୍ କଷ୍ଟକର ବ୍ୟାପାର ହେଉଛି । ବେଳେ ବେଳେ ଗାଡ଼ି ଚକରେ ଛିଟିକି ପଡ଼ି ବୋଲଡର ବାଜି ଲୋକେ ଆହତ ମଧ୍ୟ ହୋଇଥିବା ଅଭିଯୋଗ ଆସିଛି। ବର୍ଷେ ତଳେ ରାସ୍ତା କାମ ଆରମ୍ଭ ହୋଇଥିଲା । ଠିକାଦାର କିଛିଦିନ କାମ କରିବା ପରେ କାମ ବନ୍ଦ କରି ଚାଲି ଯାଇଛି । ଏଣୁ ଏଭଳି ଅବସ୍ଥାରେ ଲୋକେ କଷ୍ଟ ଭୋଗୁଛନ୍ତି । ଏହି ରାସ୍ତାଟି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଦାୟିତ୍ୱରେ ରହିଛି। ରାସ୍ତାଟି ଦୀର୍ଘଦିନ ହେଲା ଖରାପ ହୋଇ ରହିବାରୁ ଗତ ବର୍ଷ ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶରେ କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଧାମନଗର କଲେଜ ପାଖରୁ ଦୋବଲ ଘୋଡ଼ାଗଣ୍ଡ ନାଳ ଯାଏ କଂକ୍ରିଟ ରାସ୍ତା ହୋଇଗଲା। ବାକି ଅଂଶରେ କେଉଁଠି ପିଚୁ ଓ ଚିପ୍ସ ଗୋଳେଇ ପକେଇଦେଲେ। ଖାଲଖମା ମରାମତି କରିଦେଲେ। ଆଉ ଦୋବଲରୁ ଷଣ୍ଢପୁର ମଝିରେ ରାସ୍ତାର ଦୁଇ ପାର୍ଶ୍ୱ ଫୁଟେ ଲେଖାଏ ଚଉଡ଼ା କରିଦେଲେ। ତା'ପରେ ସେବେଠାରି କାମ ବନ୍ଦ ହୋଇରହିଛି। ରାସ୍ତାଟି ଚାରିଟି ପଞ୍ଚାୟତର ଜୀବନରେଖା। ପ୍ରାୟ ୪୦ ହଜାର ଲୋକଙ୍କ ମୁଖ୍ୟ ସଡ଼କ। ସକାଳୁ ଉଠିଲେ ପ୍ରାୟ ୩ ହଜାର ଲୋକ ଏହି ରାସ୍ତା ଉପରେ ଚଢ଼ନ୍ତି। ଅଫିସ ଟାଇମ୍ ହୋଇଗଲେ ପ୍ରାୟ ୧୦ ହଜାର ଲୋକ ଏ ବାଟେ ଯା'ଆସ କରନ୍ତି। ସେମିତି ଶହ ଶହ ଚାଷୀ, କଲେଜ ଛାତ୍ରଛାତ୍ରୀ, ରାଜନୈତିକ ଦଳର କର୍ମୀ ଓ ନେତା ଏହି ରାସ୍ତା ଉପରେ ଗଲେ ବ୍ଲକରେ ପହଞ୍ଚନ୍ତି। ଖଡ଼ିପଦା, ଦୋବଲ ଓ ଧାମନଗର ବଜାରରୁ ସଉଦା କିଣନ୍ତି। ରାସ୍ତା କଡ଼ରେ ୩ଟି ହାଇସ୍କୁଲ, ଦୁଇଟି ହାଟ ଓ ଗୋଟିଏ କଲେଜ ଅଛି। ରାସ୍ତାକୁ ଲାଗିକି ୨ଟି ବସ୍‌ଷ୍ଟାଣ୍ଡ, ଗୋଟିଏ ଟ୍ରେକର ଷ୍ଟାଣ୍ଡ ଓ ଗୋଟିଏ ହସ୍ପିଟାଲ ଓ ପଶୁ ଡାକ୍ତରଖାନା ରହିଛି। ମୁଖ୍ୟ ରାସ୍ତା ପାର୍ଶ୍ୱରେ ୪ଟି ବ୍ୟାଙ୍କ, ଗୋଟିଏ ଥାନା ଓ ସବ୍ ପୋଷ୍ଟ ଅଫିସ, ଜଳସମ୍ପଦ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ବି ରହିଛି। ଏସବୁକୁ ଦେଖିଲେ ରାସ୍ତାଟି ଭଲ ହେବା ଆବଶ୍ୟକ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ପଚାରିବାକୁ ଫୋନ୍ କରିବାରୁ ସେ କିଛି ଜାଣିନଥିବା କହିଛନ୍ତି।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବନ୍ତ/ଆଗରପଡ଼ା,୭ ।୧୧(ସମିସ):** ଅହମଦାବାଦସ୍ଥିତ ନିଉ ରୁମିପର ହୀରାଲବେନ ହସମୁଖଲାଲ ମୋଦୀଙ୍କୁ ଗତ ୨୦୧୯ ମସିହା ଡିସେମ୍ବର ୯ ତାରିଖରେ ବନ୍ତ ଥାନା ଅନ୍ତର୍ଗତ ମୋହଲା-ନରସିଂହପୁର ଗ୍ରାମର ପ୍ରଦୀପ ଲାହି ନାୟକଙ୍କ ପୁଅ ମନୋଜ ବିବାହ କରିଥିଲେ । ମନୋଜ ଜଣେ ବଡ଼ ଆଳୁ ଓ ପିଆଜ ବ୍ୟବସାୟୀ ଏବଂ ତାଙ୍କର ବହୁ ଧନ ସଂପତ୍ତି ଅଛି ବୋଲି ମିଥ୍ୟା କହିବ ବିବାହ କରିଥିଲେ । ତେବେ ବିବାହର ୧୫ଦିନ ପରଠାରୁ ମନୋଜ ବ୍ୟବସାୟ କରିବାର ବିଭିନ୍ନ ଆଳ ଦେଖାଇ ହୀରାଲବେନ ଓ ତାଙ୍କ ପରିବାର ଠାରୁ ଲକ୍ଷାଧିକ ଟଙ୍କା ନେଇଥିବାର ହୀରାଲବେନ ଥାନାରେ ଅଭିଯୋଗ କରିଛନ୍ତି । ମନୋଜ ଦାବୀ ମୁତାବକ ହୀରାଲବେନ ଅଧିକ ଟଙ୍କା ନ ଦେବାରୁ ତାଙ୍କୁ ନାନାଦି ଶାରୀରିକ ତଥା ମାନସିକ ନିର୍ଯାତନା ଦିଆଯାଇଥିଲା । ଏହି ସଂପର୍କରେ ଥାନା କେସନଂ. ୧୭୬/୨୪ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି ।

● ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

## ୫-୫୦୦ଟଙ୍କା ଜରିମାନା ଆଦାୟ



**ଭଦ୍ରକ,୭ ।୧୧(ସମିସ):** ଓଡିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ମେଳାରେ ଲକ୍ଷାଧିକ ସଂଖ୍ୟାରେ ଜନସମାଗମ ହେଉଥିବାରୁ ବିଶେଷ କରି ଖାଦ୍ୟ ବ୍ୟବସାୟୀମାନେ ବାସି ଖାଦ୍ୟ, କୃତ୍ରିମ ରଙ୍ଗ ଓ ଅପମିଶ୍ରଣ ଯୁକ୍ତ ଖାଦ୍ୟ ବିକ୍ରୟ କରିବାର ଆଶଙ୍କା ଥିବାରୁ ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଧରପଗଡ଼ କରାଯାଇଥିଲା । ମେଳାରେ ବିଭିନ୍ନ ଖାଦ୍ୟ ଷ୍ଟଲ ତଦନ୍ତ କରିବା ଅବସରରେ କେତେକ ଦୋକାନରେ ଅତ୍ୟଧିକ ରଙ୍ଗ ରଙ୍ଗଯୁକ୍ତ ଖାଦ୍ୟ ପ୍ରସ୍ତୁତ ହେବା ସାଙ୍ଗକୁ ବାସି ଖାଦ୍ୟ ବିକ୍ରି ହେଉଥିବା ମଧ ଖାଦ୍ୟ ନିରାପତା ସ୍କ୍ୱାର୍ଡ ନଜରକୁ ଆସିଥିଲା । ସେମାନଙ୍କ ଦ୍ୱାରା ଜବତ କରାଯାଇଥିବା ଖାଦ୍ୟଦ୍ରବ୍ୟ ଗୁଡିକୁ ନଷ୍ଟ କରାଯିବା ସହ ଏବାବଦରେ ୫ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଖାଦ୍ୟ ନିରପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ସୂତ୍ରରୁ ଜଣାଯାଇଛି ।

## ଜଳ ଓ ପରିମଳ ସମିତି କର୍ମଶାଳା



ବାରିକପୁର,୭ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ଆଜି ଏକ ଦିନିକିଆ ଜଳ ଓ ପରିମଳ ସମିତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜଳ ଓ ପରିମଳ ବିଭାଗ ବ୍ଲକ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା,ସହକାରୀ ଯନ୍ତ୍ରୀ ସ୍ୱର୍ଣ୍ଣମୟୀ ପଣ୍ଡା,ଜିଲ୍ଲା ପରିମଳ ସଂଯୋଜିକା ରୀତା ରାଣୀ ନାୟକ ପ୍ରମୁଖ ଯୋଗଦେଇ ଜଳ ଓ ପରିମଳ ସମିତି ଗଠନ ସମ୍ପର୍କରେ ବିଭିନ୍ନ ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଭାଗିରଥି ଦାସ, ଦିବାକର ସାହୁ, ସତ୍ୟନାରାୟଣ ପାତ୍ର, ସଞ୍ଜୟ ବେହେରା, ସିପି ପଦ୍ମନାଭ ରାଉତ,ଫିରଦୋଶ ଆଲାମ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ବିଶେଷ କରି ଏଥିରେ ଗ୍ରାମାଂଚଳ ମାନଙ୍କରେ ଜଳ ଓ ପରିମଳ ବ୍ୟବସ୍ଥାର ସଦୃଢି କରଣ,ଜଳର ମାନ ବୃଦ୍ଧି,ସଂରକ୍ଷଣ ଓ ପାନୀୟ ଜଳ ପରିଚାଳନା ବିଷୟରେ ଆଲୋଚନା ହେବା ସହିତ ଉପସ୍ଥିତ ପଂଚାୟତ ପ୍ରତିନିଧି ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନର ସାବିତ୍ରୀ ବିଶ୍ୱାଳ ଓ ମାନସୀ ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆୟୋଜିତ କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ପିଇଓ, ଡିଇଓଙ୍କ ସମେତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## କଳାକାର ରମେଶ ପତ୍ରିଙ୍କ ପରଲୋକ



**ଅସୁରାଳି,୭ ।୧୧(ସମିସ):** କଳାକାର ତଥା ସମାଜସେବୀ ରମେଶ ପତ୍ରୀ(୪୫)ଙ୍କ ପରଲୋକ ହୋଇଯାଇଛି । ସକାଳୁ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କର ପରଲୋକ ହୋଇଯାଇଛି । ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତ ପତ୍ରିସାହି ଗାଁର ବାସିନ୍ଦା ସ୍ୱର୍ଗତ ପତ୍ରି ଜଣେ ଦକ୍ଷ କାଳକାର ଭାବେ ପରିଚିତ ଥିଲେ । ନିଜ ଗାଁରେ ସବୁ ନାଟକରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିପାରୁ ଥିଲେ । ତାଙ୍କର ୨ କନ୍ୟା ଅଛନ୍ତି । ତାଙ୍କ ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗାଁ ମଶାଣିରେ ଶବ ଦାହ କରାଯାଇଥିଲା ।

ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ'

# 'କ୍ରୀଡ଼ା ଶିଶୁଙ୍କ ମନରେ ଅଫୁରନ୍ତ ଶକ୍ତି ପ୍ରଦାନ କରିଥାଏ'

ଭଦ୍ରକ,୭ ।୧୧(ସମିସ)



ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଆନ୍ତଃ ଶିଶୁଯତ୍ନ ଅନୁଷ୍ଠାନ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ବାଗୁରାଇ ସ୍ଥିତ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟ ପ୍ରାନ୍ତରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାସ୍ତରରେ ପଞ୍ଜିକୃତ ଥିବା ୯ ଗୋଟି ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀ, ଅନ୍ତେବାସିନୀମାନଙ୍କ ମଧ୍ୟରେ ଉଚ୍ଚଡିଆଁ, ଲମ୍ବଡିଆଁ, ୧୦୦ ମିଟର, ୨୦୦ ମିଟର ଦୌଡ଼, କ୍ୟାରମ, ଚେସ୍ ଓ ଫୁଟବଲ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡାଙ୍କ ଦ୍ୱାରା ସଂ.ଳିତ ସଭାରେ ମୁଖ୍ୟଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନରାୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । କ୍ରୀଡ଼ା ଶିଶୁ ମାନଙ୍କ ମନରେ ଅଫୁରନ୍ତ ଶକ୍ତି ପ୍ରଦାନ କରିଥାଏ । ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦକ୍ଷ ବି.ରକ ରୂପେ ଯୋଗଦାନ କରି ପ୍ରତିଯୋଗିତାମାନ ଆରମ୍ଭ କରିଥିଲେ । ପ୍ରତିଯୋଗୀ ମାନଙ୍କ ଦକ୍ଷତା ମୂଲ୍ୟାୟନ ପରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ସ୍ୱରୂପ ଟ୍ରଫି ଉଦ୍‌ଯାପନ ପର୍ବରେ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶେଷ ପର୍ଯ୍ୟାୟରେ ଫୁଟବଲ ମ୍ୟାଚରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଟିମ୍ ଉତ୍କଳମଣୀ ଦରିଦ୍ର ନାରାୟଣ ଟିମ୍‌କୁ ପରାସ୍ତ କରି ବିଜୟ ଲାଭ କରିବା ସହ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିଲେ । ଉଦ୍‌ଯାପନ ପର୍ବରେ ଶିଶୁ ସୁରକ୍ଷା ଆଇନ ପ୍ରବେସନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ସଞ୍ଚାଳନାରେ ଶିଶୁ ମଙ୍ଗଳ କମିଟି ସଦସ୍ୟା ମୌସୁମୀ ମାଇତି, ସଦସ୍ୟ ନବୀନ ଚନ୍ଦ୍ର ସାହୁ ସମେତ ଡା. ପାଣିଗ୍ରାହୀ, ଶ୍ରୀ ରାୟ ପ୍ରମୁଖ ଯୋଗଦାନ କରିଥିଲେ । ଶିଶୁ ଅନୁଷ୍ଠାନର ଅଧୀକ୍ଷକ ଧନଞ୍ଜୟ ଜେନା, ଫୁଟବଲ ଖେଳ ପରି.ଳନାର ଦାୟିତ୍ୱ ଦେବା ସହ ଜ୍ୟୋତି ପ୍ରକାଶ ପତି, ରିୟାଜ ଅହମ୍ମଦ୍, ସସ୍ମିତା ନାୟକ, ତଥାଗତ ଜେନା, ନିବେଦିତା ଜେନା, ସତ୍ୟଦେବ ପାତ୍ର, ଦିଗନ୍ତ ବେହେରା, ପ୍ରଦୀପ ନାୟକ, ବିକାଶ ରାଉତ, ରଶ୍ମିରେଖା ଜେନା, ଦେବସ୍ମିତା ମହାନ୍ତି, ଲିପିକା ପଣ୍ଡା, ପରି.ଳନାରେ ସହଯୋଗ କରିଥିଲେ । ଶିଶୁ ସୁରକ୍ଷା ୟୁନିଟର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ, ମନୋଜ ସାହୁ ସମେତ .ଇଲ୍ଡ ଲାଇନର ଶୁଭଶ୍ରୀ ପଡ଼ିଆରୀ ପ୍ରମୁଖ ସହଯୋଗ କରିଥିଲେ ଏଥିସହିତ ଶିଶୁ ଅନୁଷ୍ଠାନର ସଂପାଦକ ଅଶୋକ ଦାସ, ଲଲାଟେନ୍ଦୁ ମହାନ୍ତି, ସୋଫିଆ ସେକ୍ ଅପୂର୍ବ ଦାସ, ମୁକ୍ତିକାନ୍ତ ନାୟକ ପ୍ରମୁଖ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଶ୍ରୀ ପଣ୍ଡାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

## ପ୍ରତିଭା ଅନ୍ୱେଷ ପାଇଁ 'ସୁରଭି' ଏକ ପ୍ରକୃଷ୍ଟ କ୍ଷେତ୍ର



**ଭଦ୍ରକ,୭ ।୧୧(ସମିସ):** ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନ ୮.୩୦ରୁ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାର ୭ଟି ବ୍ଲକରୁ ୨୯ଟି ବିଭାଗରେ ୨୪୫ଜଣ ପ୍ରତିଯୋଗୀ ପଞ୍ଜୀକରଣ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ସଭାପତିତ୍ୱ ଓ ଶିକ୍ଷକ ମନୋଜ କୁମାର ସାହୁ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନଙ୍କର ପ୍ରତିଭା ଅନ୍ୱେଷ ପାଇଁ 'ସୁରଭି' ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅପରାହ୍ନ ୩ଟା ଘଟିକାରେ ଏହି କାର୍ଯ୍ୟକ୍ରମର ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ପିଲାମାନଙ୍କୁ ପ୍ରତିଯୋଗିତାରେ ପୁରସ୍କାର ଲାଭ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ପିଲାମାନଙ୍କର ପ୍ରତିଯୋଗୀ ମନୋଭାବ ବୃଦ୍ଧି ହେବା ସହ ଜ୍ଞାନର ବିକାଶ ହେବ ବୋଲି ଜିଲ୍ଲା ଶ୍ରୀ ରାଉତରାଏ କହିଥିଲେ । ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ସର୍ବୋତୋମୁଖୀ ବିକାଶ ହିଁ ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସଂଯୋଜିକା ଇତିଶ୍ରୀ ମିଶ୍ରଙ୍କ ସମେତ ଜିଲ୍ଲାର ୭ଟି ବ୍ଲକର ବ୍ଲକ ଶିକ୍ଷାଧିକାରୀ, ସମଗ୍ର ଶିକ୍ଷା, ଭଦ୍ରକର ସମସ୍ତ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ

## ଅଭିଯୋଗକୁ ଖଣ୍ଡନ କଲେ ତିହିଡି ବ୍ଲକ ଅଧ୍ୟକ୍ଷା

'ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ'



**ତିହିଡି,୭ ।୧୧(ସମିସ):** ତିହିଡ଼ି ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ ଥିବା ନେଇ କାଁପଡା ପଞ୍ଚାୟତର ତଳକାଁପଡା ଗ୍ରାମର କେତେକ ବ୍ୟକ୍ତି ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଥିଲେ । ତେବେ ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଆଜି ବ୍ଲକ ପରିସରରେ ଥିବା ତାଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ରାଜନୈତିକ ଶତ୍ରୁତାରୁ ଉଦ୍ଦେଶ୍ୟ ମୂଳକ ଭାବେ ଏଭଳି ଅଭିଯୋଗ ଆଗତ କରାଯାଇଛି ବୋଲି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଦାସ ପ୍ରକାଶ କରିଛନ୍ତି । ଗ୍ରାମରେ ସରକାରୀ ଜାଗାରେ ନିୟମାନୁସାରେ ପୋଖରୀ ଖୋଳାଯାଇଛି । ଏହି କାର୍ଯ୍ୟରେ ୩ଶହ ଶ୍ରମିକ ନିୟୋଜିତ ହୋଇଥିଲେ ଏବଂ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମଜୁରୀ ଟଙ୍କା ପଠାଯାଇଛି । ଏଥିରେ କୌଣସି ଅନିୟମିତତା କରାଯାଇନାହିଁ । ସେହିପରି ତାଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ନେଇ ଆଗତ ଅଭିଯୋଗ ସଂପୂର୍ଣ୍ଣ ଭିତିହୀନ ଓ ଅମୂଳକ ବୋଲି ସେ କହିଛନ୍ତି । ଆବଶ୍ୟକ ପଡିଲେ ସେ ସବୁ ପ୍ରକାର ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଦାସ ଦର୍ଶାଇଥିଲେ ଯେ, ସେ ଶ୍ରବଣବାଧିତ ହୋଇଥିବାରୁ ଗତ ୨୦୧୨ଠାରୁ ଡାକ୍ତରଙ୍କ ପ୍ରମାଣପତ୍ର ମୂଳେ ଭତ୍ତା ପାଉଛନ୍ତି । ଏଥିରେ କୌଣସି ଜାଲିଆତି କରାଯାଇ ନଥିବା ସେ ଦର୍ଶାଇଛନ୍ତି । ଏଥିରେ ବ୍ଲକ ଅଧ୍ୟକ୍ଷା ଭାବେ ତାଙ୍କ ପତ୍ନୀଙ୍କର କୌଣସି ସଂପୃକ୍ତି ନାହିଁ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ଗାଁର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗାଁର ନିରୀହ ଲୋକଙ୍କୁ ଧମକଚମକ ଦେବା ସହ ଗାଁରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଭୟ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ଦାବି କରିଥିଲେ ।

ବିଦ୍ୟୁତ୍ ଚୋରିରେ ଧରାପଡ଼ିଲେ ୪୫ ଉପଭୋକ୍ତା

## ୧୭ ଲକ୍ଷ ଟଙ୍କା ଜରିମାନା ଆଦାୟ



**ଅସୁରାଳି,୭ ।୧୧(ସମିସ):** ଧାମନଗର ବ୍ଲକ୍ ଅସୁରାଳି ବିଦ୍ୟୁତ ଉପଖଣ୍ଡ ଅଧୀନରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଚୋରି ଉପରେ ଚଢ଼ଉ କରାଯାଇଛି । ଏଥିରେ ୪୫ ଜଣ ଉପଭୋକ୍ତା ଅସଦ୍ ଉପାୟରେ ବିଦ୍ୟୁତ୍ ଚୋରି କରୁଥିବା ଧରାପଡ଼ି ୧୭ ଲକ୍ଷ ଟଙ୍କା ଜରିମାନା ଦେଇଥିବା ଜଣାପଡିଛି ।

ଏହି ସେକ୍ସନ ଅଧୀନରେ ଥିବା ହଂସପୁର, ଅସୁରାଳି ବେହେରା ସାହି, ଅର୍ଣ୍ଣପାଳ ଅଧୀନସ୍ଥ କୋରୁଆ ଗାଁ ଓ ନୁଦରରେ କେତେକ ଉପଭୋକ୍ତା ନିୟମିତ ବିଦ୍ୟୁତ୍ ଚୋରି କରୁଥିବା ନେଇ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ଏପରିକି ବିଦ୍ୟୁତ୍ ସବ୍‌ଷ୍ଟେସନରେ ଲାଗିଥିବା ମିଟର ବିଲ୍ ସହ ଗାଁ'ରେ ଉପଭୋକ୍ତାଙ୍କ ଘରେ ଲାଗିଥିବା ମିଟର ବିଲ୍‌ରେ ତାଳମେଳ ରହୁନଥିଲା । ଏପରି ସମୟରେ ବିଦ୍ୟୁତ୍ ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ୪ଟି ଗାଁର ୪୫ ଜଣ ଉପଭୋକ୍ତାଙ୍କଠୁ ୧୧୮ କିଲୋୱାଟ୍ ଲୋଡ୍ ଅଧିକ ଥିବା ଜଣାପଡିଥିଲା । ହୁକିଂ, ମିଟର ଟ୍ୟାମ୍ପରିଂ ଓ ବାଇପାସ୍ କରିଥିବା ଏନ୍‌ଫୋର୍ସମେଣ୍ଟ ଟିମ୍ ପାଖରେ ସୂଚନା ଥିଲା । ଏହି ଚଢ଼ଉରେ ୧୭ ଲକ୍ଷରୁ ଅଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି । ଶତାଧିକ ଅଧିକାରୀ ୧୬ଟି ଗାଡ଼ି ନେଇ ଚଢ଼ଉ କରିଥିଲେ । ଚଢ଼ଉ ଦ୍ୱାରା ସମସ୍ତ ଅସାଧୁ ଉପାୟରେ ବିଦ୍ୟୁତ୍ ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏହିପରି ଆଗକୁ ମଧ୍ୟ ଚଢ଼ଉ ଜାରିରହିବ ବୋଲି ଉପଖଣ୍ଡ ଅଧିକାରୀ ମତବ୍ୟକ୍ତ କରିଛନ୍ତି ।



# ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ

ଭଦ୍ରକ,୭ ।୧୧(ସମିସ)



ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ବିଭାଗୀୟ ସରକାରୀ ଯୋଜନା ସବୁର କାର୍ଯ୍ୟକାରିତା ନେଇ ସଫଳତା, ସମସ୍ୟା ଓ ସଚେତନତା ସମ୍ବନ୍ଧୀୟ ସମୀକ୍ଷା ପାଇଁ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ପରି.ଳନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଅତିରିକ୍ତ ଏସ୍‌ପି ବାମଦବ ସ୍ୱାଇଁ, ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍ସୀ ଦଲୱାଜି ହବିବ୍ ପ୍ରମୁଖ ଯୋଗଦେଇ ଥିଲେ । ସାଧାରଣ ଜନତାଙ୍କ ଜୀବନ ଜୀବିକା ସହ ଜଡ଼ିତ ରହୁଥିବା କୃଷି, ଉଦ୍ୟାନକୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ଓ ମୃତ୍ତିକା ସଂରକ୍ଷଣ ପ୍ରମୁଖ ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସୁବିଧା ସୁଯୋଗ ବିଷୟରେ ଅଧିକରୁ ଅଧିକ ସଚେତନ କରାଯାଇ ଆଗ୍ରହୀ ହିତାଧିକାରୀମାନଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ।

ବୈଠକରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ କ୍ଷେତ୍ର ସ୍ତରରେ ସଠିକ୍ କାର୍ଯ୍ୟକାରିତାର ପରୀକ୍ଷଣ ପାଇଁ ବିଧାୟକଙ୍କୁ କ୍ଷେତ୍ର ସ୍ତରରେ ପରିଦର୍ଶନ କରାଇବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । କୃଷି ବିଭାଗ ଜରିଆରେ ଆଗାମୀ ରବି ଋତୁ ପାଇଁ ମୁଗ, ବିରି, ସୂର୍ଯ୍ୟମୁଖୀ, ରାଶି ଆଦି .ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ, ଉଦ୍ୟାନ କୃଷିରେ ଫଳ ବୃକ୍ଷ .ରା ରୋପଣ, ଉନ୍ନତ କିସମର ଶଙ୍କର ଜାତୀୟ ପରିବା .ଷ, ତାଳତେଲ .ଷ, ରବି ଆଳୁ .ଷ ପାଇଁ କ୍ଷେତ୍ର ଓ ହିତାଧିକାରୀ ଚିହ୍ନଟ, ପ୍ରାଣୀ ସମ୍ପଦ ବିଭାଗର ଭ୍ରାମ୍ୟମାଣ ଚିକିତ୍ସା. ଟୀକାକରଣ, କୁକୁଡ଼ା, ଛେଳି, ମଇଁଷି, ଗୋପାଳନ, ଗୁହାଳ ଯୋଜନା, ଗୋଶାଳାକୁ ସହାୟତା ପ୍ରଦାନ, ମୃତ୍ତିକା ସଂରକ୍ଷଣ ବିଭାଗର ଫାର୍ମ ପଣ୍ଡ ଯୋଜନା ସହିତ ସଂପୃକ୍ତ ଅନ୍ୟ ପ୍ରମୁଖ ୪ଟି ବିଭାଗର ସହାୟତାରେ ସମନ୍ୱିତ କୃଷି ଯୋଜନା ଆଦି ସମ୍ବନ୍ଧରେ ବିଭାଗୀୟ ଅଧିକାରୀମାନେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ଆଗ୍ରୋଇଣ୍ଡଷ୍ଟ୍ରିଜ୍ ବିଭାଗର ଟ୍ରାକ୍ଟର ପ୍ରଦାନ ଯୋଜନା, ସୋଲାର ଜଳ ସେଚନ ଯୋଜନା, ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଯୋଜନାରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ଆନ୍ତଃ ଜାତି ମଧ୍ୟରେ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ ନେଇ ସୁମଙ୍ଗଳ ଯୋଜନା, ହଷ୍ଟେଲ ଓ କମ୍ୟୁନିଟି ସେଣ୍ଟର ନିର୍ମାଣ, ଡ. ଆମ୍ବେଦକର ଯୋଜନା, ଉଠାଜଳ ସେଚନ ବିଭାଗ ଜରିଆରେ ଥିବା ୧୪୦ ଟି ପ୍ରକଳ୍ପରୁ ସଚଳ ଥିବା ୯୪ଟି ପ୍ରକଳ୍ପ ଓ ପାଣି ପଂଚାୟତ ଦ୍ୱାରା ବିଦ୍ୟୁତ ବିଲ ପଇଠ ଜନିତ ସମସ୍ୟା, ସହରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜଳଯୋଗାଣ ବ୍ୟବସ୍ଥାରେ ଅଳ୍ପ ବ୍ୟବଧାନରେ ପାଇପ୍ ଲିକ୍ ହେବା, ପାଇପ୍ ବିଛାଇବା ପାଇଁ ଖୋଳାଯାଉଥିବା ରାସ୍ତା ମରାମତି ନହେବା, ଆର୍‌ଡି-୧ ଅଧୀନରେ ନିର୍ମାଣାଧୀନ ରାସ୍ତା, ସେତୁ, ସବ୍‌ସେଣ୍ଟର, କଲ୍ୟାଣମଣ୍ଡପ ଆଦିର ନିର୍ମାଣ ନେଇ ଜାଗା ସମସ୍ୟା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇ ଆବଶ୍ୟକ ମତେ ସମାଧାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଓରମାସ୍, କ୍ଷୁଦ୍ରଜଳ ସେଚନ, ନିୟୋଜନ ଓ ଦକ୍ଷତା ବିକାଶ, ଯୋଗାଣ, ସାମାଜିକ ସୁରକ୍ଷା ବିଭାଗର ଯୋଜନା ସମ୍ବନ୍ଧୀୟ କାର୍ଯ୍ୟକାରୀତା ଓ ସୁବିଧା ସୁଯୋଗ ସମ୍ବନ୍ଧରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଜିଲ୍ଲା ଯୋଜନା ବିଭାଗର ଅନ୍ୟତମ ଅଧିକାରୀ ହରିହର ଗୁଇଁ, ଭଗବାନ ବାରିକ୍, ସରୋଜ ଦାସ, ରଶ୍ମିତା ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ ।

## ଡ.ଅଶୋକ ମହାପାତ୍ର ଥିଲେ ତ୍ୟାଗ, ନିଷ୍ଠା ଓ ସ୍ୱାଭିମାନର ପ୍ରତୀକ



**ଭଣ୍ଡାରିପୋଖରୀ/ବାରିକପୁର, ୭ ।୧୧(ସମିସ):** ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ପୂର୍ବତନ ସଭାପତି ତଥା ସାରୋସ୍ଥିତ ଉଚ୍ଚ ବିଦ୍ୟାଳୟ, ଚିକିତ୍ସାଳୟ, ଦେବାଳୟ ଆଦିର ପ୍ରତିଷ୍ଠାତା ଡ.ଅଶୋକ କୁମାର ମହାପାତ୍ର ଥିଲେ ତ୍ୟାଗ, ନିଷ୍ଠା ଓ ସ୍ୱାଭିମାନର ପ୍ରତୀକ ବୋଲି ତାଙ୍କ ତୃତୀୟ ବାର୍ଷିକ ସ୍ମୃତିଚାରଣ ସଭାରେ ଯୋଗ ଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଗୁରୁବାର ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ୟାମସୁନ୍ଦର ମହାପାତ୍ର ବିଦ୍ୟାନିକେତନରେ ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଡ.ସନ୍ତୋଷ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଧାମନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଓ ବକ୍ତା ଭାବେ "ଅଞ୍ଜଳି'ର ସମ୍ପାଦକ ପ୍ରକାଶ ମହାପାତ୍ର, ନାରାୟଣ ଚନ୍ଦ୍ର ଭାରତୀ, ପୁରିପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ମହାପାତ୍ର,ଶାରଦା ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର,କୃଷ୍ଣଚନ୍ଦ୍ର ପଣ୍ଡା, ଅକ୍ଷୟ ଜେନା, ଜଗବନ୍ଧୁ ସେଠୀ, ନାରାୟଣ ସାମଲ ପ୍ରମୁଖ ଡ. ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ବିଦ୍ୟାଳୟର ଶିକ୍ଷକମାନଙ୍କ ସମେତ ଛାତ୍ରଛାତ୍ରୀ ମଧ୍ୟ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ସନ୍ତୋଷ ପାତ୍ର ଅତିଥି ପରିଚୟ ଓ ସୁଜିତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ସୁନିଲ ସାହୁ, ମାନସ ଶତପଥୀ, ନିରାକାର ତ୍ରିପାଠୀ, ସନ୍ତୋଷ ପଣ୍ଡା, ଜିତେନ୍ଦ୍ର ପଣ୍ଡା, ଦୟାନିଧି ପରିଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଡ. ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

## ହୋଟେଲ ଛାତରୁ ଖସିପଡ଼ି ରଙ୍ଗମିସ୍ତ୍ରି ମୃତ

**ବାଲେଶ୍ୱର, ୭।୧୧(ସମିସ):** ବାଲେଶ୍ୱର ଚାନ୍ଦିପୁର ଠାରେ ଥିବା ହୋଟେଲ ଗୋଲ୍ଡେନର ଛାତରୁ ରଙ୍ଗ ମିସ୍ତ୍ରି ଖସିପଡ଼ି ମୃତ୍ୟୁବରଣ କରିବା ପରେ ମୃତକଙ୍କ ପରିବାର ଲୋକ ଗୁରୁବାର ଦିନ ହୋଟେଲ ସମ୍ମୁଖରେ ଶବ ରଖି କ୍ଷତିପୂରଣ ଦାବି କରିଛନ୍ତି। ଏ ନେଇ ଆଜି ହୋଟେଲ ଗୋଲଡେନ ସମ୍ମୁଖରେ ଉତ୍ତେଜନାମୟ ପରିସ୍ଥିତି ସୃଷ୍ଟି ହେଉଛି। ଗତ ବୁଧବାର ଦିନ ପରଖ ପଞ୍ଚାୟତ କୋୟାକଦଳ ଗ୍ରାମର କାର୍ତ୍ତିକ ଜେନା ହୋଟେଲର ଦୁଇ ମହଲାକୁ ରଙ୍ଗ କାମ କରିବା ପାଇଁ ଚଢ଼ି ହଠାତ ତଳେ ପଡ଼ି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଲେଶ୍ୱର ସଦର ଏସଡିପିଓ ଶଶାଙ୍କ ଶେଖର ବେଉରା, ଡିଏସପି ଶୁଭାଂଶୁ ଶେଖର ନାୟକ, ଟାଉନଥାନା ଅଧିକାରୀ ଅଶୋକ ନାୟକ ଓ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକ ମାନଙ୍କୁ ବୁଝାସୁଝା କରିଥିଲେ।

**ଶବ ରଖି କ୍ଷତିପୂରଣ ଦାବି**

### ଏନ୍‌କ୍ଲୋଜରରେ ୩ ବାରହା ଶିକାର କରିସାରିଲାଣି ଯମୁନା

## ଖୁବ୍‌ଶୀଘ୍ର ଶିମିଳିପାଳ କୋର୍ ଅଞ୍ଚଳରେ ଛଡ଼ାଯିବ

**ବାରିପଦା, ୭।୧୧(ସମିସ)**



ଶିମିଳିପାଳ ଅଭୟାରଣ୍ୟକୁ ଆସିବା ପରେ ବାଘୁଣୀ ଯମୁନା ଇତିମଧ୍ୟରେ ୩ଟି ବାରହା ଶିକାର କରିସାରିଲାଣି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗୀନେନି ସୂଚନା ଦେଇଛନ୍ତି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ତଡବା-ଅନ୍ଧାରୀ ଜାତୀୟ ବ୍ୟାଘ୍ର ଉଦ୍ୟାନରୁ ଆସି କୋର ଅଞ୍ଚଳ କବାଟଘାଇରେ ସଫ୍ଟ ଏନକ୍ଲୋଜରରେ ମଧ୍ୟରେ ରହିଛି। ପ୍ରଥମକରି ଗତ ଅକ୍ଟୋବର ୩୦ ତାରିଖ ରାତିରେ ଶିକାର ନିମନ୍ତେ ଏକ ବାରହାକୁ ଏନକ୍ଲୋଜରରେ ମଧ୍ୟରେ ଛଡ଼ାଯାଇଥିଲା। ଯାହାକୁ ସେ ଅତି ସୁନ୍ଦର ଭାବେ ଶିକାର କରିଥିଲା। ତେବେ ତା'ପରେ ଆଉ ୨ଟି ବାରହାକୁ ମିଶାଇ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ୩ଟି ବାରହା ଏନକ୍ଲୋଜରରେ ମଧ୍ୟରେ ଯମୁନା ଶିକାର କରି ଖାଇଛି। ଗୋଟିଏ ବାରହାକୁ ସେ ଶିକାର କରି ଦୁଇ ଦିନ ଖାଉଥାଏ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏକ ଟିମ ବାଘୁଣୀର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଥିବା ବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ସୁନ୍ଦର ଭାବେ ଚଳପ୍ରଚଳ କରୁଛି। ଖୁବଶୀଘ୍ର ସପ୍ତାହକ ମଧ୍ୟରେ ପିସିସିଏଫଙ୍କ ନିର୍ଦ୍ଦେଶକ୍ରମେ ଟ୍ରାପ୍ ଡି ଲଗାଯାଇ ଶିମିଳିପାଳ ଅଭୟାରଣ୍ୟ କୋର୍ ଅଞ୍ଚଳରେ ଯମୁନାକୁ ଛଡ଼ାଯିବ ବୋଲି ସୂଚନା ମିଳିଛି।

## ମାରଣାସ୍ତ୍ର ଦେଖାଇ ମୋବାଇଲ ଛିନ୍‌ତାଇ

**ବାରିପଦା, ୭।୧୧(ସମିସ):** ଚୋରି ଓ ଛିନତାଇ ମାମଲା ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ମାରଣାସ୍ତ୍ର ଦେଖାଇ ମୋବାଇଲ ଛିନତାଇ ନେଇ ଅଭିଯୋଗ ହୋଇଛି। ଶ୍ୟାମାଖୁଣ୍ଟା ଅଞ୍ଚଳର ମହାମ୍ମ ମହାନ୍ତ ଏନେଇ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ବାଇକ ନେଇ ରାତି ପ୍ରାୟ ୧୨ବେଳେ ଘରକୁ ଫେରୁଥିବା ବେଳେ ପୋଖାରିପିଆ ରାମ ମନ୍ଦିର ନିକଟରେ ୨ଜଣ ଦୁର୍ବୃତ୍ତ ଗାଡି ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଦୁଇଟି ମୋବାଇଲ ଛିନତାଇ କରି ଉଭୟ ଚମ୍ପଟ ମାରିଥିଲେ।

## ବାଲି ଟ୍ରାକ୍ଟର ଜବତ, ଚାଳକ ଗିରଫ

**ବାରିପଦା, ୭।୧୧(ସମିସ):** ବାରିପଦା ସଦର ଥାନା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରିଛି। ଚାଳକ ଜଣକ ହେଲେ ମଧୁବନ ଅଞ୍ଚଳର ଉତ୍ତମ ସିଂ (୪୩)। ବାରିପଦା ସଦର ଥାନା ପୁଲିସ ରଙ୍ଗାମାଟିଆ ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଏହି ଟ୍ରାକ୍ଟର ଦ୍ରୁତଗତିରେ ଯାଉଥିଲାବେଳେ ଅଟକାଇ ତାକୁ ଯାଞ୍ଚ କଲା ପରେ ତାହା ବେଆଇନ ବାଲି ବୋଲି ଜଣାପଡ଼ିଥିଲା। ପୁଲିସ ତୁରନ୍ତ ଉକ୍ତ ବେଆଇନ ଚାଲାଣ ସଂକ୍ରାନ୍ତରେ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଛି।

## ସିମ୍ ଆକ୍ଟିଭ ନାଁରେ ୨୫ ଲକ୍ଷ ଠକେଇ

**ବାରିପଦା, ୭।୧୧(ସମିସ):** ମୋବାଇଲ ସିମ ଆକ୍ଟିଭ କରିବା ଆଳରେ ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସାଇବର ଠକ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ହାଲଦା ଅଞ୍ଚଳର ସୁବଲଚନ୍ଦ୍ର ମହାନ୍ତ ଏନେଇ ଜିଲ୍ଲା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଫୋନ କଲ ଆସିଥିଲା, ତାଙ୍କ ସିମ ବନ୍ଦ ହୋଇଯିବ ଏଣୁ ଆକ୍ଟିଭ କରିବାକୁ କହିଥିଲେ। ଏନେଇ ସେ ଫୋନ କମ୍ପାନୀ ଅଫିସକୁ ସଂଯୋଗ କରାଇଥିଲେ। ପରେ ଉକ୍ତ ନମ୍ବରରେ ଥାନାରେ ଅଭିଯୋଗ ଥିବାର ଦର୍ଶାଇ ମୁମ୍ବାଇ ପୁଲିସକୁ ସଂଯୋଗ କରିଥିଲେ। ପୁଲିସ କର୍ମଚାରୀ ଜଣକ ତାଙ୍କୁ ଧମକ ଦେଇ ଟଙ୍କା ପ୍ରଦାନ କରିବାକୁ କହିଥିଲେ। ଯାହାକୁ ନେଇ ସେ ୨୫ଲକ୍ଷ ୪୨ହଜାର ୨୭୯ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରିଥିଲେ। ଯାହାର କିଛି ସମୟ ପରେ ଆକାଣ୍ଟରୁ ଟଙ୍କା ଗାଏବ ହୋଇ ଯାଇଥିଲା। ସେ ଠକେଇ ଶିକାର ହୋଇ ଜାଣି ନ୍ୟାୟ ପାଇଁ ଉପରୋକ୍ତ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି।

## ୨୦ ମାସ ପରେ ଗିରଫହେଲା ପେସାଦାର ଅପରାଧୀ

**ବୈଶିଙ୍ଗା, ୭।୧୧(ସମିସ):** ୨୦୨୩ ମାର୍ଚ୍ଚମାସ ୮ ତାରିଖରେ ପିଙ୍ଗ୍ଳାବଣିଆରେ ଚାଲିଥିବା ଦୋଳମେଳଣ ଦେଖି ଫେରୁଥିବା ଜଣେ ବ୍ୟକ୍ତିଙ୍କୁ ପୁରୁଣିଆ ଉପକଣ୍ଠ ଡାଳଭଙ୍ଗା ଛକରେ ମାରଣାନ୍ତକ ଆକ୍ରମଣ କରି ଫେରାର ଥିବା ଜଣେ ପେଶାଦାର ଅପରାଧୀକୁ ଘଟଣାର ୨୦ମାସ ପରେ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି ବୈଶିଙ୍ଗା ପୁଲିସ। ଏତଲାକାରିଣୀ ବାଛୁରୀପଡ଼ା ଗ୍ରାମର ମଦନ ସିଂଙ୍କ ସ୍ତ୍ରୀ ଦୀଆ ସିଂଙ୍କ ଅଭିଯୋଗ ମୁତାବକ, ମଦନ ଖୁଣ୍ଟାପୁର ଗ୍ରାମର ଶ୍ରୀକାନ୍ତ ମହାନ୍ତ ଓ ଗୋପାଳପୁର ଗ୍ରାମର ଭୁଣ୍ଡା ସିଂଙ୍କ ସହ ମେଳଣ ଦେଖିବାକୁ ଯାଇଥିଲେ। ଫେରିବା ବେଳେ ଡାଳଭଙ୍ଗାଛକ ନିକଟରେ ପଣସିଆ ଉପକଣ୍ଠ ଆଠବାଟିଆ ଗ୍ରାମର ହିମାଂଶୁ ସେଠୀ ଏବଂ ନଛିପୁରିଆ ଉପକଣ୍ଠ ବଡମିରଗା ଗ୍ରାମର ଝୁନା ଓରଫ କମଳାକାନ୍ତ ତାଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଗୁରୁତର ମଦନ ସିଂଙ୍କୁ ପରେ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବୈଶିଙ୍ଗା ପୁଲିସ ମାମଲା ରୁଜୁକରି ହିମାଂଶୁ ସେଠୀକୁ ଗିରଫକରି କୋର୍ଟଚାଲାଣ କରିଥିବା ବେଳେ ଝୁନା ଫେରାର ଥିଲା। ସେ ଏକାଧିକ ମାମଲାରେ ପୂର୍ବରୁ ଜେଲ୍‌ହାଜତକୁ ଯାଇଥିବା ବେଳେ ଘଟଣାର ୨୦ମାସ ପରେ ତାକୁ ପୁଣି ବେତନଟୀ ଜେଏମଏଫସି କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି ପୁଲିସ।

## ଅଜ୍ଞାତବାସରୁ ଫେରିଲେ ସାହାରପଡ଼ା ବ୍ଲକର ୧୫ ସମିତିସଭ୍ୟ



**ତୁରୁମୁଙ୍ଗା, ୭।୧୧(ସମିସ):** କେନ୍ଦୁଝରର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରୀନା ନାୟକ ବିଜେପିରେ ଯୋଗ ଦେବା ପରେ ରୀନାଙ୍କ ପଦବୀ ସଙ୍କଟରେ ପଡ଼ିଥିବା ଭଳି ମନେ ହେଉଛି। ସେ ଯୋଗଦେବା ପରେ ବ୍ଲକର ୨୦ଟି ପଞ୍ଚାୟତର ୧୫ ସମିତି ସଭ୍ୟ/ସଭ୍ୟା ମଙ୍ଗଳବାର ପୁରୀ, ଚିଲିକା ବୁଲିବା ପରେ ପୁରୀ ଓ ଘଟଗାଁ ମା' ତାରିଣୀ ମନ୍ଦିରରେ ସମସ୍ତ ସଭ୍ୟ ଏକାଠି ରହିବେ ଓ ରୀନା ନାଏକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି ଶପଥ ନେଇଥିବା ନେଇ ନାମ ଗୋପନ କରି ଜଣେ ସମିତି ସଭ୍ୟ କହିଛନ୍ତି। ୧୫ ଜଣ ସମିତି ସଭ୍ୟ ଘଟଗାଁ ମା' ତାରିଣୀ ମନ୍ଦିର ସାମ୍ନାରେ ଉଠାଇଥିବା ଫଟୋ ସୋସିଆଲ ମିଡିଆରେ ଛାଡ଼ିବା ପରେ ରୀନାଙ୍କ ବିରୋଧରେ ଥିବା ମେଳି ଆହୁରି ସ୍ପଷ୍ଟ ହେବା ସହ ସାହରପଡ଼ା ବ୍ଲକ ରାଜନୀତିରେ ଏ ଘଟଣା ହଟଚମଟ ସୃଷ୍ଟି କରୁଛି। ତେବେ ଅନେକ ସମିତିସଭ୍ୟ ରୀନା ନାୟକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସୁଥିବା କଥାକୁ ସ୍ୱୀକାର କରିଛନ୍ତି। ୧୫ ଜଣ ସମିତି ସଭ୍ୟ ସଭ୍ୟା ଖୁବ ଶୀଘ୍ର ଅନାସ୍ଥା ଆଣିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ି ଥିବା ବେଳେ ଅଧ୍ୟକ୍ଷା ପଦ ଯିବା ଭୟ ଅଧ୍ୟକ୍ଷାଙ୍କୁ ଘାରିଲାଣି।

## ଜବରଦଖଲରେ ସରକାରୀ ନଳକୂପ: ମଟର ଲଗାଇ ଟାଣିନେଉଛନ୍ତି ପାଣି



**ଚମ୍ପୁଆ, ୭।୧୧(ସମିସ):** ଗ୍ରାମବାସୀଙ୍କ ପାନୀୟଜଳ କଷ୍ଟ ଦୂରୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜନବସତିରେ ପ୍ରମୁଖ ସ୍ଥାନ ଗୁଡିକରେ ନଳକୂପ ଖନନ କରାଯାଇ ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇ ଆସୁଛନ୍ତି। ମାତ୍ର ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପୋଶି ପଞ୍ଚାୟତର ଶରାଶପୋଶି ଗ୍ରାମରେ ଏହାର ବିପରୀତ ଦେଖିବାକୁ ମିଳିଛି। ଗାଁରୁ ୨ରୁ ୩ଟି ନଳ କୂପରେ କିଛି ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ କରିବା ପାଇଁ ଉକ୍ତ ନଳ କୂପରେ ବିଭାଗ ଓ ପଞ୍ଚାୟତରୁ କୌଣସି ଅନୁମତି ନନେଇ ମଟର ଲଗାଇ ଜଳଉଠାଇ ଚାଲିଛନ୍ତି। ଫଳରେ ସ୍ଥାନୀୟ ଆଦିବାସୀ ଅନେକ ସମୟରେ ପାନିୟଜଳ ପାଇବାରୁ ବଞ୍ଚିତ ହେବା ନେଇ ସ୍ଥାନୀୟ ସରପଞ୍ଚ ସଞ୍ଜିତା ଚାତାରଙ୍କୁ ଅଭିଯୋଗ କରିଥିଲେ। ଏପରିକି ମଟର ଦ୍ୱାରା ଜଳ ଉଠାଣ ଯୋଗୁଁ ଜଳସ୍ତର ହ୍ରାସ ହେଉଥିବାରୁ ଗ୍ରାମବାସୀ ପାନୀୟଜଳ ସଂଗ୍ରହ ପାଇଁ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏନେଇ ସରପଞ୍ଚ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ କରନ ସୋରେନଙ୍କୁ ନେଇ ଘଟଣାର ତଦନ୍ତ କରିବା ସହିତ ନଳକୂପରେ ଲଗାଇଥିବା ମଟର ଗୁଡିକ ତୁରନ୍ତ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମଟର ଖୋଲିବାରେ ସମୟସୀମା ଦେଇ ନଥିବାରୁ ଆଜିପର୍ଯ୍ୟନ୍ତ ଉକ୍ତ ମଟର ଗୁଡିକ ଲଗାଇଥିବା ଲୋକମାନେ ଖୋଲୁନଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଶ୍ରୀ ସୋରେନଙ୍କୁ ପଚାରିବାରୁ ଆମ୍ଭେ ତାଙ୍କୁ ମୌଖିକ ଭାବେ ଉକ୍ତ ମଟର ଗୁଡିକୁ ଖୋଲିବା ପାଇଁ କହିଥିଲୁ। ମାତ୍ର ସେମାନେ ମାନିନଥିବାରୁ ଏନେଇ ତାଙ୍କୁ ଧାର୍ଯ୍ୟ ସୀମା ମଧ୍ୟରେ ନଳକୂପରୁ ମଟର ଖୋଲିବାକୁ ନୋଟିସ୍ କରାଯିବ। ଯଦି ଏଥିରେ ବ୍ୟତିକ୍ରମ ହୁଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସୋରେନ ସୂଚନା ଦେଇଛନ୍ତି।

## ବିଶ୍ୱ ଚେସ୍ ପ୍ରତିଯୋଗିତାରେ ଶୋଭନାଙ୍କ ସଫଳତା

**ବରୀ, ୭।୧୧(ସମିସ) :** ଓଡ଼ିଆ ଝିଅ ଶୋଭନା ସୋନାଲି ଜେନା ଗ୍ରୀସ୍‌ର ରୋଡସରେ ସୋମବାର ଶେଷ ହୋଇଥିବା ବିଶ୍ୱ ଆମେଚର ଚେସ ପ୍ରତିଯୋଗିତାର ୧୭୦୦ରୁ କମ ରେଟିଂ ବାଳିକା ବର୍ଗରେ କାଂସ୍ୟ ପଦକ ଜିତିଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ବାଲିଆ ସରପଞ୍ଚ ରେବତୀ ଜେନାଙ୍କ ନାତୁଣୀ ଶୋଭନା ସୋନାଲି ୫ଟି ବିଜୟ, ୨ଟି ଡ୍ର ଓ ୨ଟି ପରାଜୟ ସହ ମୋଟ ୬ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ବର୍ଗରେ ସ୍ୱର୍ଣ୍ଣ ବିଜୟିନୀ ୟୁକ୍ରେନ୍‌ର ଓସାଚୁକ ଆନାସ୍ତେସିଆଙ୍କୁ ସପ୍ତମ ରାଉଣ୍ଡରେ ପରାସ୍ତ କରିବା ନିର୍ଣ୍ଣାୟକ ହୋଇଥିଲା। ଆନାସ୍ତେସିଆ ଏହି ଏକମାତ୍ର ପରାଜୟ ସତ୍ତ୍ୱେ ୮ ପଏଣ୍ଟ ସହ ଶୀର୍ଷରେ ରହିଥିଲେ। ମଙ୍ଗୋଲିଆର ଅନୁ ବାୟାଲ ୭ ପଏଣ୍ଟ ସହ ଦ୍ୱିତୀୟରେ ରହିଥିଲେ। ଅନ୍ତିମ ରାଉଣ୍ଡରେ ସ୍ୱେନର ଏଲ୍ ଆମାରି ସାରାଙ୍କ ସହ ଗେମ୍ ଡ୍ର' ରଖିବା ସହ ବୁକ୍ ବୁକ ହୋଲଚ ସ୍କୋରିଂରେ ସେ ଏଭକିମୋଭା ଭିକ୍ଟୋରିଆଙ୍କୁ ପଛରେ ପକାଇଥିଲେ। ଶୋଭନା ଏକଦା ରାଜ୍ୟ ଚେସ୍‌ରେ ଚହଳ ପକାଇଥିଲେ। ଏକାଧିକ ଥର ରାଜ୍ୟର ବିଭିନ୍ନ ବୟସ ବର୍ଗରେ ବିଜୟିନୀ ହେବା ସହ ଜାତୀୟ ପ୍ରତିଯୋଗିତାରେ ବି ଭଲ ପ୍ରଦର୍ଶନ କରି ଅଳ୍ପକେ ପଦକରୁ ବଞ୍ଚିତ ରହିଥିଲେ। ଏସ୍‌ଆର୍ ଚେସ କେନ୍ଦ୍ରରେ ନିଜ ଖେଳ ଜୀବନକୁ ଗଢ଼ିଥିବାରୁ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।



### ଟେଣ୍ଡର ଡକାଯାଇଛି, ଜମି ଚିହ୍ନଟ ହୋଇପାରୁନି

## ଦାନଗଦି ବ୍ଲକ୍‌ରେ ଉନ୍ନୟନମୂଳକ କାମ ଠପ୍

**ଦାନଗଦି, ୭।୧୧(ସମିସ):** ନିର୍ବାଚନ ପରେ ଦାନଗଦି ବ୍ଲକରେ ଉନ୍ନୟନମୂଳକ କାମ ଏକରକମ ଠପ ହୋଇଯାଇଛି। ବ୍ଲକରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ୧୩ଟି ଜିପିଏଲ୍‌ଏଫ୍ ଟ୍ରେନିଂ ଗୃହ କାମ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ବ୍ଲକ ପ୍ରଶାସନ ଟେଣ୍ଡର ଡାକି ଠିକାଦାର ଚୟନ କରି ଚୁପ୍ ବସିଛି। ଯାହାର କାରଣ ସ୍ଥାନ ନିରୂପଣ। ଏହାବ୍ୟତୀତ ବ୍ଲକରେ ନିର୍ମାଣଧୀନ ପାର୍କ ଅଧାପାନ୍ତରିଆ ହୋଇ ପଡ଼ିରହିଛି। ଦୀର୍ଘ ୪/୫ ମାସ ହେବ କୌଣସି କାମ ଆଗେଇ ପାରୁନାହିଁ। ପ୍ରାୟ ବର୍ଷେ ହେବ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠିରୁ ଦାନଗଦି ବ୍ଲକରେ ୧୩ଟି ଜିପିଏଲ୍‌ଏଫ୍ ଗୃହ ନିର୍ମାଣ ନିମନ୍ତେ ଟେଣ୍ଡର କରାଯାଇଥିଲା। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରା ନ ଯାଇ ଟେଣ୍ଡର କରାଯାଇଥିଲା। ଫଳରେ ଟେଣ୍ଡର ପାଇଥିବା ଠିକାଦାର ଜାଗା ଚିହ୍ନଟ ନ ହେବା ଯୋଗୁଁ କାମ ଆରମ୍ଭ କରିପାରୁନାହାନ୍ତି। ତେବେ ଜାଗା ଚିହ୍ନଟ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଚିଠି ନଂ ୪୯୧୮ରେ ତହସିଲକୁ ଚିଠି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜାଗା ଚିହ୍ନଟ ହୋଇପାରିନାହିଁ। ଏପରିକି ଦାନଗଦି ବ୍ଲକରେ ଆଧିକାଂଶ ଜାଗା ଜଙ୍ଗଲ ଜମି ହୋଇଥିବାବେଳେ ଜଙ୍ଗଲ ବିଭାଗ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ ଅନୁମୋଦନ ଦେଉନାହିଁ।

ସୂଚନା ମୁତାବକ, ବ୍ଲକରେ ବାଙ୍ଗରକୋଟା, ରାଣୀପଡ଼ା, ତ୍ରିଜଙ୍ଗା, ଧୂଳିଗଡ଼, ଓଲଳ, ପଙ୍କପାଳ, ରାଛିପୁର, ରଣାଗୁଣ୍ଡି, ଚାନ୍ଦିଆ, ମଙ୍ଗଳପୁର, ଉଛବାଲି, ଯଖପୁରା ଓ ଖପୁରିଆପଦା ଆଦି ପଞ୍ଚାୟତରେ ଏହି ଜିପିଏଲ୍‌ଏଫ୍ ଗୃହ ନିର୍ମାଣ ପାଇଁ ବର୍ଷକ ତଳୁ ଟେଣ୍ଡର କରାଯାଇଥିଲା। ଏପରିକି ଟେଣ୍ଡର ପାଇଥିବା ଠିକାଦାର ମଧ୍ୟ ସମସ୍ତ ସରକାରୀ ପ୍ରକ୍ରିୟାରେ କାଗଜପତ୍ର ଦାଖଲ କରିବା ସହ ଲେସ୍ ଅର୍ଥ ମଧ୍ୟ ପୈଠ କରି ଚୁପ୍ ବସିଛନ୍ତି। ତୁରନ୍ତ ଜାଗା ନିରୂପଣ କରି ଏହି କାମକୁ ଆଗେଇ ନେବା ପାଇଁ ଦାବି ହେଉଛି।

## ଗ୍ୟାସ୍ ଟାଙ୍କିରେ ନିଆଁଲାଗି ଜଳିଗଲା ରୋଷେଇ ଶାଳ

**ବାସୁଦେବପୁର, ୭।୧୧(ସମିସ):** ବାସୁଦେବପୁରର ପୌରପାଳିକାର ବଳିବିନ୍ଧା ଗ୍ରାମର ମହେଶ୍ୱର ବାରିକଙ୍କ ରୋଷେଇ ଘରେ ଗ୍ୟାସ ଟାଙ୍କି ଅଗ୍ନିକାଣ୍ଡ ଘଟି ଛାରଖାର ହୋଇଯାଇଛି। ହେଲେ ନିଆଁ ଲାଗିବା ଦ୍ୱାରା ଅଳ୍ପକେ ବର୍ତ୍ତି ଯାଇଛନ୍ତି ପରିବାର ଲୋକେ। ଏହି ଅଗ୍ନିକାଣ୍ଡରେ ପରିବାର ହା ହତାଶ ମଧ୍ୟରେ ରହିଥିବା ବେଳେ ସ୍ଥାନୀୟ ଦମକଳ ବିଭାଗ ବିଳମ୍ବରେ ପହଁଚିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ମହେଶ୍ୱର ବାରିକଙ୍କ ବୋହୂ ଆଜି ରୋଷେଇ ଶାଳକୁ ରୋଷେଇ କରିବା ପାଇଁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ବୋହୂ ରାନ୍ଧିବା ପାଇଁ ଗ୍ୟାସ ଖୋଲି ଅଗ୍ନି ସଂଯୋଗ କରିବା ବେଳେ କୌଣସି କାରଣରୁ ନିଆଁ ହୁତ ହୁତ ହୋଇ ଲାଗିଥିଲା। ଫଳରେ ବୋହୂ କୌଶଳକ୍ରମେ ଘଟଣାସ୍ଥଳରୁ ବାହାରି ଆସିବାକୁ ସକ୍ଷମ ହୋଇଥିଲା। ହେଲେ ନିକଟରେ ଥିବା ଅନ୍ୟ ଘରକୁ କୌଣସି କ୍ଷତି ପହଁଚିବା ପୂର୍ବରୁ ଗାଁ ଲୋକଙ୍କ ଉଦ୍ୟମରେ ରକ୍ଷା ପାଇ ପାରିଥିଲା। ହେଲେ ଅଗ୍ନିକାଣ୍ଡର ସୂଚନା ସ୍ଥାନୀୟ ଦମକଳ ବିଭାଗକୁ ଖବର ଦିଆ ଯାଇଥିଲେ ମଧ୍ୟବିଳମ୍ବରେ ପହଞ୍ଚିବାକୁ ନେଇ ତୁ ତୁ ମେଁ ମେଁ ଲାଗି ଥିବା ଦେଖିବାକୁ ମିଳିଛି। ଦମକଳ ବିଭାଗ ମାତ୍ର ୨କିଲୋମିଟର ଦୂର ହୋଇଥିବା ବେଳେ ୪୦ ମିନିଟ ପରେ ପହଁଚିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଘର ପୋଡି ଦୁଃଖ ଠାରୁ ବଳି ଯାଇଥିବା ଦମକଳ ବାହିନୀ ବିଳମ୍ବରେ ପହଁଚିବା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଦମକଳ ବାହୀନି କର୍ମଚାରୀଙ୍କ ସହିତ ବଚସା ହୋଇଥିବା ଦେଖିବାକୁ ମିଳିଥିଲା। ମାତ୍ର ଏହି ସମୟରେ ଜଣେ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଆକ୍ଷେପ ମୂଳକ ବାଣ ଘଟଣାକୁ ବଢ଼ାଇ ଦେଇଥିବା ଗ୍ରାମବାସୀଙ୍କ ସୂଚନାରୁ ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ ମହେଶ୍ୱରଙ୍କ ବହୁ ଅସବାବ ପତ୍ର ଜଳି ପୋଡି ପାଉଁଶ ହୋଇ ଯାଇଥିବା ଦେଖିବାକୁ ମିଳିଛି।

## ଦିଲଖୁସ ଇଲେଭେନ୍, ଜୟନ୍ତ ଇଲେଭେନ୍ ଓ କରଞ୍ଜିଆ ଭାଇକିଙ୍ଗ ବିଜୟୀ

**କରଞ୍ଜିଆ, ୭।୧୧(ସମିସ):** ଗୁନା ଭାଇ ଓ ବାବୁନୀ ଭାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ କରଞ୍ଜିଆ ଷ୍ଟାଡିୟମଠାରେ କରଞ୍ଜିଆ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କରଞ୍ଜିଆ ଚମ୍ପିୟାନ୍ସ ଲିଗ୍ ୨୦୨୪ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ତିନୋଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳ ରେନବୋ ଇଲେଭେନ ଓ ଦିଲଖୁସ ଇଲେଭେନ, ଦ୍ୱିତୀୟ ଖେଳ ଜୟନ୍ତ ଇଲେଭେନ ଓ ଆଜାଦ କ୍ଲବ ଏକାଦଶ ଏବଂ ଶେଷ ଖେଳ କରଞ୍ଜିଆ ଭାଇକିଙ୍ଗ ଓ ଜେଏମବି ୱରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳରେ ଦିଲଖୁସ ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧ ୱିକେଟ ବିନିମୟରେ ୧୫୭ ରନ୍ କରିଥିଲା। ପ୍ରତି ଉତ୍ତରରେ ରେନବୋ ଇଲେଭେନ ଦଳ ୬ ୱିକେଟ ହରାଇ ୧୫୧ ରନ୍ କରି ୬ ରନରେ ପରାଜିତ ହୋଇଥିଲା। ଦ୍ୱିତୀୟ ଖେଳ ଆଜାଦ୍ କ୍ଲବ ଦଳ ଓ ଜୟନ୍ତ ଇଲେଭେନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟନ୍ତ ଇଲେଭେନ ଦଳ ଟସ ଜିଣି ଆଜାଦ୍ କ୍ଲବ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଏହି ଖେଳରେ ଆଜାଦ୍ କ୍ଲବ ଦଳ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୧୦୪ କରିଥିଲା। ପ୍ରତି ଉତ୍ତରରେ ଜୟନ୍ତ ଇଲେଭେନ ଦଳ ୮ ୱିକେଟ ହରାଇ ୧୦୫ ରନ କରି ୨ ୱିକେଟରେ ବିଜୟୀ ହୋଇଥିଲା। ସେହିପରି ଅନ୍ତିମ ମ୍ୟାଚ କରଞ୍ଜିଆ ଭାଇକିଙ୍ଗ ଓ ଜେଏମବି ୱରିଅର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଞ୍ଜିଆ ଭାଇକିଙ୍ଗ ଦଳ ଟସ ଜିଣି ଜେଏମବି ୱରିଅର ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ଜେଏମବି ୱରିଅର ଦଳ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ ହରାଇ ୧୨୨ ରନ୍ କରିଥିବା ବେଳେ ଏହାର ପ୍ରତି ଉତ୍ତରରେ କରଞ୍ଜିଆ ଭାଇକିଙ୍ଗ ଦଳ ୩ ୱିକେଟ ବିନିମୟରେ ୧୨୭ ରନ୍ କରି ୭ ୱିକେଟରେ ବିଜୟୀ ହୋଇଥିଲା। ରାଜକୁମାର ନାଏକ, ସଞ୍ଜିବ ସୋଏ ଓ ଚିକୁନ ନାଏକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ଦୂର୍ଗା ପଟ୍ଟନାୟକ ଓ କିଶାନ ମନୋହର ମହାନ୍ତି ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ବୁବୁ ସିହ୍ନା ଭାଷ୍ୟ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କରଞ୍ଜିଆ ୟୁଥ୍ କ୍ଲବ୍ ସଦସ୍ୟ ମାନେ ସହଯୋଗ କରିଥିଲେ।

**କରଞ୍ଜିଆ ଚାମ୍ପିଅନ୍‌ସ ଲିଗ୍-୨୦୨୪ କ୍ରିକେଟ୍**

### ପଥରପଦା ଉଚ୍ଚପ୍ରାଥମିକ ବିଦ୍ୟାଳୟ

## ଶିକ୍ଷକ ନିଯୁକ୍ତି ନ ହେଲେ ବନ୍ଦ ହୋଇଯିବ ବିଦ୍ୟାଳୟ !

**ପାଣିକୋଇଲି, ୭।୧୧(ସମିସ):** କୋରେଇ ଶିକ୍ଷାମଣ୍ଡଳ ଅଧୀନସ୍ଥ ପଥରପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଉ କିଛିଦିନ ମଧ୍ୟରେ ବନ୍ଦ ହେବା ଆଶଙ୍କା ଦେଖାଦେଇଛି। ୧୯୯୦ରେ ପ୍ରତିଷ୍ଠା ହୋଇଥିବା ଏହି ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଉପରେ ରୋକ ଲାଗିଛି। ଏହି ବିଦ୍ୟାଳୟର କୋଡ ୨୧୧୩୦୮୧୭୦୦୧ (ୟୁଡିଆଇଏସଇ) ଥିବାବେଳେ ଷଷ୍ଠ ଓ ସପ୍ତମ ଦୁଇଟି ଶ୍ରେଣୀ ପାଇଁ ମାତ୍ର ୨ ଜଣ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। ଏହି ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠ ଶ୍ରେଣୀରେ ୧୯ ଜଣ (୧୧ ବାଳକ, ୮ ବାଳିକା) ଓ ସପ୍ତମ ଶ୍ରେଣୀରେ ୨୩ ଜଣ (ବାଳକ-୧୦, ବାଳିକା-୧୩) ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଅବସର ନେଇସାରିଛନ୍ତି। ଏବେ ଜଣେ ମାତ୍ର ଶିକ୍ଷକ ହାତରେ ୪୨ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ଉକ୍ତ ଶିକ୍ଷକ ଜଣଙ୍କ ଚଳିତ ମାସ ୩୦ ତାରିଖରେ ଅବସର ଗ୍ରହଣ କରିବେ। ନୂତନ ନିଯୁକ୍ତି ହୋଇ ନ ଥିବାରୁ ଏହି ଶିକ୍ଷକଙ୍କ ଅବସର ପରେ ବିଦ୍ୟାଳୟ ବନ୍ଦ ହେବ ନା ଚାଲୁ ରହିବ ତାହା ବଡ଼ ପ୍ରଶ୍ନ। ୪୨ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ'ଣ ହେବ, ତାହା ସବୁଠୁ ବଡ ପ୍ରଶ୍ନବାଚୀ କରିଛି। ତେଣୁ ଏଭଳି ଗୁରୁତର ସମସ୍ୟା ପ୍ରତି ଶିକ୍ଷା ବିଭାଗ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ଯାତ୍ରା ପାଇଁ ଠେଲାପେଲା

## ଭାଙ୍ଗିଗଲା ଗେଟ୍; ଆହତ ଦର୍ଶକ



**ଭଦ୍ରକ, ୭।୧୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଯାତ୍ରା ଦେଖିବା ପାଇଁ ଟିକେଟ କାଉଟଂରରେ ଠେଲାପେଲା। ଏମିତି ଠେଲାପେଲାରେ କେତେକ ଦର୍ଶକ ମଧ୍ୟ ଆହତ ହୋଇଛନ୍ତି। ଚାନ୍ଦବାଲିରେ କାଳୀପୂଜା ଓ ଶ୍ରୀକୃଷ୍ଣ ପୂଜା ପାଇଁ ୪ଦିନ ହେବ ବିଭିନ୍ନ ଯାତ୍ରା ପାର୍ଟି ଯାତ୍ରା ପରିବେଷଣ କରୁଛନ୍ତି। ଆଜି ଯାତ୍ରା ସୂର୍ଯ୍ୟ ମନ୍ଦିର ଯାତ୍ରା ଆରମ୍ଭ କରିବ। ଆଜିର ନାଟକ ନଖି ନାନି ପୁଅ ଦେଖିବା ପାଇଁ ଗତକାଲି ରାତି ୩ଟା ରୁ ଟିକେଟ କାଉଟଂର ଆଗରେ ଲମ୍ବା ଲାଇନ ଲଗାଇଥିଲେ ଦର୍ଶକ। ଆଜି ସକାଳୁ ଟିକେଟ କାଉଟଂର ଖୋଲିବା ପରେ ଟିକେଟ କାଟିବା ପାଇଁ ଆରମ୍ଭ ହୋଇଥିଲା ଠେଲା ପେଲା। ଏହି ଠେଲାପେଲା ରେ ଟିକେଟ କାଉଟଂର ପାଖରେ ଥିବା ଗେଟ ଭାଙ୍ଗି ଦର୍ଶକଙ୍କ ଉପରେ ପଡ଼ିଥିଲା। ଫଳରେ କିଛି ଦର୍ଶକ ଆହତ ହୋଇଥିବା ଜଣାପଡ଼ିଛି। ଶ୍ରୀକୃଷ୍ଣ କମିଟି ତରଫରୁ ଅନ୍ୟ ଏକ ଟିକେଟ କାଉଟଂର କରି ଟିକେଟ ବିକ୍ରି କରିବାର ବ୍ୟବସ୍ଥା କରାଯାଇଛି।

### ପ୍ରଥମ ବୈତରଣୀ ସାହିତ୍ୟ ଉତ୍ସବ ୯ରେ

## ଶିଶିର, ଅମୀୟ, ସୁଜାତା, ସୁଧାଙ୍କୁ ବୈତରଣୀ ସମ୍ମାନ

**ଆନନ୍ଦପୁର, ୭।୧୧(ସମିସ)**



ଓଡ଼ିଶା ସାହିତ୍ୟ ଏକାଡେମୀ, ଜିଲ୍ଲା ସଂସ୍କୃତି ବିଭାଗ, କେନ୍ଦୁଝର ଏବଂ ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଆନନ୍ଦପୁର ମହାବିଦ୍ୟାଳୟ ସହଯୋଗରେ ନଭେମ୍ବର ୯ ତାରିଖରେ ପ୍ରଥମ ବୈତରଣୀ ସାହିତ୍ୟ ଉତ୍ସବ-୨୦୨୪ ଅନୁଷ୍ଠିତ ହେବ। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ ଚାରିଜଣ ସାହିତ୍ୟିକଙ୍କୁ ପ୍ରଥମ 'ବୈତରଣୀ ସମ୍ମାନ' ପ୍ରଦାନ କରାଯିବା ପାଇଁ ଆୟୋଜକଙ୍କ ତରଫରୁ ଘୋଷଣା କରାଯାଇଛି। ଏହିକ୍ରମରେ ବିଶିଷ୍ଟ ଯୁବ ପ୍ରାବନ୍ଧିକ ଓ ଅନୁବାଦକ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଶିଶିର ବେହେରାଙ୍କୁ ବୈତରଣୀ ପ୍ରବନ୍ଧ ସମ୍ମାନ, ବିଶିଷ୍ଟ ଗାଳ୍ପିକ ଅମିୟ ବେଜଙ୍କୁ ବୈତରଣୀ ଗଳ୍ପ ସମ୍ମାନ, ବିଶିଷ୍ଟ ଔପନ୍ୟାସିକ ସୁଜାତା ମହାପାତ୍ରଙ୍କୁ ବୈତରଣୀ ଉପନ୍ୟାସ ସମ୍ମାନ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ପ୍ରଫେସର ସୁଧା ଦାଶଙ୍କୁ ବୈତରଣୀ କବିତା ସମ୍ମାନରେ ସମ୍ମାନିତ କରାଯିବା ପାଇଁ ଘୋଷଣା କରାଯାଇଛି। ସେମାନଙ୍କ ସାହିତ୍ୟିକ କୃତି ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଥିବା ଆୟୋଜକ ତଥା ନେକ୍ସଟ୍ ଇଣ୍ଡିଆ ଜର୍ଣ୍ଣାଲ୍ ଏବଂ 'ମୋ ସଂସ୍କୃତି'ର ସମ୍ପାଦକ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଗବେଷକ, ସାହିତ୍ୟିକ, ଲେଖକ, ସଂଗଠନରେ ଯୋଗ ଦେବେ ବୋଲି ଜଣାଯାଇଛି। କାର୍ଯ୍ୟକ୍ରମରେ ୨ ଗୋଟି ଅଧିବେଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ୩୫ ଜଣ ଯୁବକଙ୍କୁ ନେଇ କବିତା ଉତ୍ସବ ଅନୁଷ୍ଠିତ ହେବ। ସମ୍ପାଦକ ତ୍ରିଲୋଚନ ସାହୁଙ୍କ କବିତା ସଂକଳନ 'ଶେଷ ସ୍ୱପ୍ନ'କୁ ନେଇ ବିଶିଷ୍ଟ ପାଲା ଗାୟକ ଗୟାଧର ନାଥ କବିତା ନାଗାୟନ ପରିବେଷଣ କରିବେ ବୋଲି ଜଣାଯାଇଛି।

### ଏମ୍‌ସ ସାଟେଲାଇଟ ସେଣ୍ଟରରେ ସାପ୍ତାହିକ ଓପିଡି ସେବା

## ଆଜି ଆସିବେ ୩ ବିଭାଗର ବରିଷ୍ଠ ଡାକ୍ତର

**ବାଲେଶ୍ୱର, ୭।୧୦(ସମିସ):** ବାମପଦାଠାରେ ଥିବା ଏମସ୍ ସାଟେଲାଇଟ୍ ସେଣ୍ଟରରେ ସାପ୍ତାହିକ ଓପିଡି ସେବା ଚାଲୁଅଛି। ତେବେ ଚଳିତ ସପ୍ତାହ ଆସନ୍ତା କାଲି ୮ ତାରିଖ ଶୁକ୍ରବାର ଏବଂ ୯ ତାରିଖ ଶନିବାର ଦିନ ସାଟେଲାଇଟ୍ ସେଣ୍ଟର ଓପିଡି ସେବା ହେବ। ଏସପ୍ତାହରେ ବାଲେଶ୍ୱର ଏମ୍ସକୁ ଆସୁଥିବା ଡାକ୍ତରଙ୍କ ତାଲିକା ପ୍ରଦାନ କରାଯାଇଛି। ଏଥର ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ସେଣ୍ଟରକୁ ୩ ବିଭାଗର ବରିଷ୍ଠ ଡାକ୍ତର ଆସୁଛନ୍ତି। ସେମାନେ ହେଲେ ଅବଷ୍ଟେଟ୍ରିକସ୍ ଏବଂ ଗାଇନାକୋଲୋଜି ବିଭାଗର ସିନିୟର୍ ରେସିଡେଣ୍ଟ ଡାକ୍ତର ପ୍ରାଚୀତାରା ଦାସ, ଦନ୍ତ ଚିକିତ୍ସା ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ଅନୀଶା ମିଶ୍ର ଏବଂ ଫିଜିକାଲ୍ ମେଡିସିନ ଓ ରିହାବିଲିଟେସନ୍ ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ଦେବଞ୍ଜନ ବରାଳ। ପ୍ରକାଶ ଥାଉ କି, ସକାଳ ୮ଟା ୩୦ରେ ଏମ୍‌ସ ସାଟେଲାଇଟ୍ ସେଣ୍ଟର ବାଲେଶ୍ୱର ପରିସରରେ ରୋଗୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରି ଏହି ସୁବିଧା ପାଇପାରିବେ। ସକାଳ ୯ ଘଟିକାରୁ ମଧ୍ୟାହ୍ନ ୧ ଟା ପର୍ଯ୍ୟନ୍ତ ଡାକ୍ତର ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିବେ ବୋଲି ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି।






# ଅସ୍ଥିଶଲ୍ୟ ଚିକିତ୍ସାରେ କୃତ୍ରିମ ବୁଦ୍ଧିମତ୍ତା



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ତଥା କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଏବେ ସବୁଠି ଚର୍ଚ୍ଚା । ଏହାର ସବୁଠୁ ଅଧିକ ଉପଯୋଗ ଦେଖିବାକୁ ମିଳିଛି ସ୍ୱାସ୍ଥ୍ୟକ୍ଷେତ୍ରରେ । ସ୍ୱାସ୍ଥ୍ୟପରୀକ୍ଷାଠାରୁ ଆରମ୍ଭ କରି ଔଷଧ ତିଆରି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପସ୍ଥିତି ଦେଖିବାକୁ ମିଳିଛି । ଏହିକ୍ରମରେ ଏବେ ଏଆଇ ସାହାଯ୍ୟରେ "ଅର୍ଥୋପେଡିକ୍ ସର୍ଜରୀ" ବା ହାଡ଼ର ଅସ୍ତ୍ରୋପଚାର ସମ୍ଭବ ହୋଇପାରୁଛି । ସମ୍ପ୍ରତି ଅଧିକାଂଶ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯାଇଥାଏ । ଯେଉଁଥିରେ କି ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିଥାଏ । କିନ୍ତୁ ଏବେ ଏଆଇ ଦ୍ୱାରା ଅସ୍ତ୍ରୋପଚାରର ପୂର୍ବବତ୍ ପରୀକ୍ଷାନିରୀକ୍ଷାଗୁଡ଼ିକ ସଠିକ ଉପାୟରେ ହୋଇପାରୁଛି । ଏଆଇ ଜରିଆରେ ଚାଲୁଥିବା ସିଷ୍ଟମ ପାଇଁ ସର୍ଜରୀ ପୂର୍ବରୁ ସର୍ଜନମାନଙ୍କୁ ପ୍ରଥମେ ଜରୁରୀ ତଥ୍ୟ ପ୍ରଦାନ କରିବାକୁ ହୋଇଥାଏ । ରୋଗୀର ଶାରୀରିକ ଗଠନଠୁ ଆରମ୍ଭ କରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ଦ୍ୱାରା ସର୍ଜନମାନେ ସଠିକ୍ ଢଙ୍ଗରେ ସର୍ଜରୀ କରିପାରନ୍ତି । ଉଦାହରଣ ସ୍ୱରୂପ, ଏବେ ଥ୍ରିଡି ପ୍ରିଣ୍ଟିଙ୍ଗ୍ କୌଶଳକୁ ବ୍ୟବହାର କରି ରୋଗୀଙ୍କ ପାଇଁ ଉପଯୁକ୍ତ କୃତ୍ରିମ ଅଙ୍ଗ ତଥା ଇମ୍ପ୍ଲାଣ୍ଟ ପ୍ରସ୍ତୁତ କରାଯାଉଛି । ଏହା ରୋଗୀଙ୍କ ଶରୀର ଏବଂ ସେମାନଙ୍କ ଅସ୍ଥି ମୁତାବକ କୃତ୍ରିମ ଅଙ୍ଗ ଇମପ୍ଲାଣ୍ଟ ତିଆରି କରିଥାଏ । ଏପରି କ୍ଷେତ୍ରରେ ଆଣ୍ଠୁ କିମ୍ବା ହିପ୍ ପ୍ରତିରୋପଣ ପୂର୍ବ ଅପେକ୍ଷା ଶୀଘ୍ର ଭଲ ହୋଇପାରୁଛି । ସାଧାରଣ ସର୍ଜରୀ ତୁଳନାରେ ଏହା ସହଜ । ଏଥିରେ ରୋଗୀର ସ୍ଥିତିକୁ ଜାଣି ଶରୀରରେ ଛୋଟ ଛିଦ୍ର କରି ସର୍ଜରୀ କରାଯାଇଥାଏ । ଏହି ସର୍ଜରୀର ଭୟାବହତା କମ୍ ଥାଏ । ସର୍ଜରୀ ମଧ୍ୟ କମ୍ ସମୟରେ ହୋଇଥାଏ । ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି । ସାଧାରଣ ଭାବେ କରାଯାଉଥିବା ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ହସ୍‌ପିଟାଲରେ ୮ ରୁ ୧୦ ଦିନ ରହିବାକୁ ହୁଏ । କିନ୍ତୁ କୃତ୍ରିମ ବୁଦ୍ଧିମତ୍ତାରେ ସର୍ଜରୀ ଦ୍ୱାରା ରୋଗୀଙ୍କୁ ହସ୍‌ପିଟାଲରେ ଅଧିକ ସମୟ ଯାଏଁ ରହିବାକୁ ହୁଏନି । ଏଆଇ ସାହାଯ୍ୟରେ ହେଉଥିବା ସର୍ଜରୀ ମାଧ୍ୟମରେ ସର୍ଜନଙ୍କୁ ରୋଗୀଙ୍କ ଅଙ୍ଗର ସ୍ଥିତି ନିରୀକ୍ଷଣ କରିବାରେ ସହଜ ହୁଏ । ତେଣୁ ଭୟ ନ କରି ଜଣେ ଚାହିଁଲେ ସର୍ଜରୀ କରିପାରିବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି ।

# ବିଷ ପାଲିଟିଛି ବାୟୁ

**ଜଳବାୟୁରେ ଅନିୟମିତତା, ଯାନବାହନ ଓ କଳକାରଖାନାରୁ ନିର୍ଗତ ଧୂଆଁ ଆଦି କାରଣରୁ ବାୟୁ ଗୁଣବତ୍ତା ଖରାପ ହୋଇଥାଏ । ଫଳରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଏ । ଏହି ସମସ୍ୟା ଏବେ ଭାରତର ରାଜଧାନୀ ଦିଲ୍ଲୀ ପାଇଁ କାଳ ସାଜିଛି । ସହରର ଚାରିଆଡ଼େ ଧୂଆଁମୟ । ତେବେ ପ୍ରତିବର୍ଷ ବାୟୁ ପ୍ରଦୂଷଣର କାରଣ, ସୁସ୍ଥ ବାୟୁର ମାନ କେତେ, ପ୍ରଦୂଷିତ ବାୟୁ ମନୁଷ୍ୟ ଜୀବନକୁ କେମିତି ଅସ୍ତବ୍ୟସ୍ତ କରୁଛି, ଜାଣିରଖନ୍ତୁ...**



**ସୁସ୍ଥ ବାୟୁର ମାନ କେତେ:** ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସଂସ୍ଥା ଅନୁସାରେ, ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୫୦ରୁ ତଳକୁ ରହିଲେ ସାଧାରଣ, ୧୦୦ ମଧ୍ୟରେ ରହିଲେ ଏହା ସନ୍ତୋଷଜନକ । ୨୫୦ରୁ ଅଧିକ ହେଲେ ପ୍ରଦୂଷଣ ତଥା ଖରାପ ବୋଲି କୁହାଯାଇଥାଏ । ୩୦୧ରୁ ୪୦୦ ଏକ୍ୟୁଆଇ ରହିଲେ, ଅତ୍ୟନ୍ତ ଖରାପ, ୪୦୧ରୁ ୫୦୦ରୁ ଅଧିକ ହେଲେ, ଅତି ସାଂଘାତିକ ସ୍ତରକୁ ସୂଚାଏ । ୧୦୦୦ ହେଲେ ଏହା ଜୀବନ ପ୍ରତି ଘୋର ବିପଦ ବୋଲି ଜଣାଯାଏ ।

**ସୁସ୍ଥ ବାୟୁର ଆବଶ୍ୟକତା:** ଅତ୍ୟଧିକ ଛୋଟ କଣିକା ପିଏମ୍ ୨.୫ ମାତ୍ରା ଖୁବ୍ ବଢ଼ିଗଲେ, ଏହା ସହଜରେ ନାକ ଜରିଆରେ ଫୁସ୍‌ଫୁସ୍ ମଧ୍ୟକୁ ଯାଇ ରକ୍ତରେ ମିଶିଯାଇଥାଏ । ଏହା ବୃକ୍କ, ହୃତ୍‌ପିଣ୍ଡ, ଯକୃତ୍, ଚର୍ମ ଉପରେ କୁ-ପ୍ରଭାବ ପକାଇଥାଏ । ମନୁଷ୍ୟ ରୋଗାକ୍ରାନ୍ତ ହୋଇପଡ଼ନ୍ତି । ତେଣୁ ନୀରୋଗ ଜୀବନ ପାଇଁ ସୁସ୍ଥ ବାୟୁର ଅଧିକ ଆବଶ୍ୟକତା ରହିଛି ।

**ବାୟୁ ପ୍ରଦୂଷଣ କାରଣ:** ଧାନ ଅମଳ ଯନ୍ତ୍ର ଦ୍ୱାରା ଧାନ ବାହାର କରିବା ପରେ ସମ୍ପୂର୍ଣ୍ଣ ନଡ଼ା କ୍ଷେତରେ ରହିଯାଏ । ଚାଷୀ ଏହାକୁ ନିଆଁ ଲଗାଇବା ଯୋଗୁଁ ଏଥିରୁ ଯେଉଁ ଧୂଆଁ ବାହାରେ, ତାହା ବାୟୁମଣ୍ଡଳକୁ ବିଷାକ୍ତ କରେ । ଶୀତଦିନେ ଉତ୍ତରଭାରତ ଯଥା ପଞ୍ଜାବ, ହରିୟାଣା ଆଦି ରାଜ୍ୟରୁ ଅପେକ୍ଷାକୃତ ଓଜନିଆ ଧୂଆଁ ଦିଲ୍ଲୀ ମଧ୍ୟକୁ ଚାଲିଆସେ । ଉକ୍ତ ଧୂଆଁ ଗାଡ଼ି ମୋଟର ଓ କଳାକାରଖାନାରୁ ନିର୍ଗତ ବିଷାକ୍ତ ପଦାର୍ଥ, ସୀସା, କ୍ୟାଡମିୟମ, ସଲଫର ଡାଇଅକ୍ସାଇଡ, ପାରଦ, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, ତଥା ପିଏମ୍ ୨.୫ ପରି ବିଷାକ୍ତ ତତ୍ତ୍ୱ ସହ ସହ ମିଶି ବିଷାକ୍ତ ଧୂଆଁରେ ପରିବର୍ତ୍ତନ ହୁଏ । ଦେଶର ପ୍ରମୁଖ ସହର ମଧ୍ୟରୁ ଏହି ସମସ୍ୟା ପ୍ରାୟତଃ ଦିଲ୍ଲୀରେ ଦେଖାଯାଏ । ଚଳିତବର୍ଷ ଦିଲ୍ଲୀରେ ଦୀପାବଳୀ ସମୟରେ ଏକ୍ୟୁଆଇ ୫୦୦ ପାର କରିବା ରେକର୍ଡ ରହିଛି ।

## ବାୟୁ ପ୍ରଦୂଷଣରୁ ରୋଗ



ବାୟୁ ପ୍ରଦୂଷଣ ବୃଦ୍ଧି ଯୋଗୁଁ ଶ୍ୱାସସମ୍ବନ୍ଧୀୟ ସମସ୍ୟା ଯଥା- କାଶ, ଛିଙ୍କ, ଶ୍ୱାସକ୍ରିୟାରେ ସମସ୍ୟା ଦେଖାଯାଇଥାଏ । ରୋଗପ୍ରତିରୋଧକ ଶକ୍ତି ପ୍ରଭାବିତ ହୋଇ ରୋଗୀ ଦୁର୍ବଳ ହେଉଥିବାରୁ ରୋଗୀଙ୍କୁ ହସ୍‌ପିଟାଲରେ ଭର୍ତ୍ତି ହେବାକୁ ପଡ଼େ ।

**ହୃଦ୍‌ରୋଗ:** ବାୟୁ ପ୍ରଦୂଷଣ ଯୋଗୁଁ ବିଷାକ୍ତ ତତ୍ତ୍ୱ ଉଭୟ ହୃଦୟ ଏବଂ ମସ୍ତିଷ୍କ ସମ୍ବନ୍ଧୀୟ ଗମ୍ଭୀର ରୋଗ ଆଶଙ୍କାକୁ ବଢ଼ାଏ । ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଆଶଙ୍କା ବଢ଼ିଯାଏ । ପୂର୍ବରୁ ହୃତ୍‌ଜନିତ ସମସ୍ୟା ଥିବା ବ୍ୟକ୍ତିଙ୍କୁ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି । ମୋଟାପା ମାମଲା ବୃଦ୍ଧିର କାରଣ ମଧ୍ୟ ବାୟୁ ପ୍ରଦୂଷଣ ।



**ଆଜ୍‌ମା ରୋଗୀଙ୍କୁ କାଳ:** ବାୟୁ ପ୍ରଦୂଷଣ ଯୋଗୁଁ ଶରୀରରେ ଅକ୍ସିଡେଟିଭ ଷ୍ଟ୍ରେସ୍ ବଢ଼ିଯାଏ । ଫଳରେ ଆଜ୍‌ମା ଲକ୍ଷଣ ବିକଶିତ ହୁଏ । ଏପରିକି ଗର୍ଭବତୀ ମହିଳାଙ୍କ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ବାୟୁ ପ୍ରଦୂଷଣ ପ୍ରଭାବ ପକାଏ । ଶ୍ୱାସକ୍ରିୟାରେ ସମସ୍ୟା ଭୋଗିବା ତଥା ଇନ୍‌ହେଲର ଅଭାବ ଯୋଗୁଁ ଅଧିକାଂଶ ରୋଗୀଙ୍କୁ ହସ୍‌ପିଟାଲରେ ଭର୍ତ୍ତି ହେବାକୁ ପଡ଼େ । ତେଣୁ ସୁରକ୍ଷା ପାଇଁ ଏନ୍ ୯୫ ମାସ୍କ ପିନ୍ଧି ପାରିବେ । ଏହାସହ ପାଖରେ ସର୍ବଦା ଇନହେଲର, ନେବୁଲାଇଜର, ପିକ୍‌ଫ୍ଲୋମିଟର ରଖିବା ଜରୁରି ।

**ଫୁସ୍‌ଫୁସ୍ କର୍କଟ:** ବାୟୁ ପ୍ରଦୂଷଣ ଯୋଗୁଁ ଫୁସ୍‌ଫୁସ୍ ଜଳାପୋଡ଼ା ଏବଂ ଫୁଲିବା ସମସ୍ୟା ହୋଇଥାଏ । କ୍ରମାନ୍ୱୟରେ ଏହା ଫୁସ୍‌ଫୁସ୍ କର୍କଟରେ ପରିଣତ ହୁଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ବାୟୁ ପ୍ରଦୂଷଣରୁ ଛାତି, ମଧୁମେହ, ଚକ୍ଷୁ, ଗଳା, ଚର୍ମ ଓ ନାକ ଜନିତ ରୋଗ ଅଧିକ ପରିଲକ୍ଷିତ ହେଉଛି । ମସ୍ତିଷ୍କ ପ୍ରଭାବିତ ଯୋଗୁଁ ଲୋକଙ୍କ ଚିଡ଼ିଚିଡ଼ାପଣ ବଢ଼ୁଛି । ଆଖିଜନିତ ସମସ୍ୟା ଆଖି ଯନ୍ତ୍ରଣା, ଲାଲ୍, ମୁଣ୍ଡବିନ୍ଧା ଇତ୍ୟାଦି ବାୟୁ ପ୍ରଦୂଷଣ ଯୋଗୁଁ ହେଉଛି । ଛାତି ସଂକ୍ରମଣ ଯୋଗୁଁ ମଧ୍ୟ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଥାଏ ।

**ବାତାବରଣ ସ୍ୱଚ୍ଛରୁ ସୁସ୍ଥତା:** ବାତାବରଣକୁ ସ୍ୱଚ୍ଛ ରଖନ୍ତୁ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଘରେ ପ୍ୟୁରିଫାୟାର ରଖନ୍ତୁ । ଧୂମ୍ରପାନ, ଧୂଳି, ବିଷାକ୍ତ ଧୂଆଁରୁ ଦୂରେଇ ରୁହନ୍ତୁ । ସନ୍ତୁଳିତ ଡାଏଟ ସହ ସବୁଜ ପନିପରିବା, ଆଣ୍ଟିଅକ୍ସିଡାଣ୍ଟ ରହୁଥିବା ଖାଦ୍ୟ ଗ୍ରହଣରୁ ସୁସ୍ଥ ରହିପାରିବେ ।

# ବିଶ୍ୱ ରେଡିଓଗ୍ରାଫି ଦିବସ



ଚିକିତ୍ସା ବିଜ୍ଞାନରେ ରେଡିଓଲୋଜି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି । ରେଡିଓଗ୍ରାଫି ପ୍ରକ୍ରିୟାରେ ଏକ୍ସ-ରେ, ସିଟିସ୍କାନ, ସ୍ତନକର୍କଟ ପାଇଁ ମାମୋଗ୍ରାମ, ଏମ୍‌ଆର୍‌ଆଇ, ଏଞ୍ଜିଓଗ୍ରାଫି, ରେଡିଓଗ୍ରାଫି କୌଶଳ, ଇମେଜିଂ ଏବଂ ଅଲଟ୍ରାସାଉଣ୍ଡ ଆଦି ସାମିଲ ରହିଛି । ବେକ, ଅଣ୍ଟା ଓ ଆଣ୍ଠୁଦରଜ, ଟ୍ୟୁବରକୁଲୋସିସ ନିଦାନ କରିବାରେ ରଞ୍ଜନ ରଶ୍ମିର ସବୁଠୁ ବଡ଼ ଉପଲବ୍ଧି । ସାଧାରଣତଃ ଅଲଟ୍ରାସାଉଣ୍ଡ ପାଇଁ ୧୫ରୁ ୨୦ ମିନିଟ୍ ଶୋଇ ରହିବାକୁ ହୁଏ, କିନ୍ତୁ ଏକ୍ସ-ରେରେ ମାତ୍ର କିଛି ସେକେଣ୍ଡରେ ଫଟୋ ଉଠିଯାଉଥିବାରୁ ଗାଁ ଗହଳିରେ କମ୍ ଖର୍ଚ୍ଚରେ ବିଭିନ୍ନ ରୋଗ ପରୀକ୍ଷଣ ହୋଇପାରୁଛି । ଏଥିରେ କୌଣସି ପାର୍ଶ୍ୱପ୍ରତିକ୍ରିୟା ନ ଥାଏ । କିନ୍ତୁ ଆଜି ବି ଅଧିକାଂଶ ଗାଁ ଗହଳିର କିଛି ଲୋକ ରେଡିଓଗ୍ରାଫି ବ୍ୟବହାର କରିବାକୁ ଭୟ କରନ୍ତି । ତେଣୁ ସ୍ୱାସ୍ଥ୍ୟସେବା ପ୍ରଣାଳୀରେ ରେଡିଓଗ୍ରାଫିର ଲାଭ ବା ଉପକାରିତା, ରେଡିଓଗ୍ରାଫି ମୂଲ୍ୟବୋଧ ପ୍ରତି ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୮କୁ " ବିଶ୍ୱ ରେଡିଓଗ୍ରାଫି" ଦିବସ ଭାବେ ପାଳନ କରାଯାଇଆସୁଛି । ପ୍ରଥମ ଥର ପାଇଁ ୨୦୧୨ ମସିହାରେ ବିଶ୍ୱ ରେଡିଓଗ୍ରାଫି ଦିବସ ପାଳନ କରାଯାଇଥିଲା । ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି " Radiographers: Seeing the Unseen" । ୧୮୯୫ ମସିହା ନଭେମ୍ବର ୮ରେ ଜର୍ମାନୀ ୱେରଜବର୍ଗ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର ୱିଲହେମ୍ କର୍ଣ୍ଣାଡ୍ ରଣ୍ଟଜନ୍ ଏକ୍ସ-ରେ ବା ରଞ୍ଜନ ରଶ୍ମିର ଆବିଷ୍କାର କରିଥିଲେ । ଆରମ୍ଭରୁ ରେଡିଓଗ୍ରାଫରଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ସମୟ ବଦଳିବା ସହିତ ରେଡିଓଗ୍ରାଫିରେ ଅନେକ ପରିବର୍ତ୍ତନ ଆସିଲା ।

# ପିରିୟଡ୍ ଟ୍ରାକିଂ ଆପ୍




**ମହିଳାଙ୍କ ଋତୁସ୍ରାବ ୨୧ ଦିନରୁ ୩୫ ଦିନ ମଧ୍ୟରେ ହୋଇଥାଏ । କିଛି ମହିଳାଙ୍କ ଠାରେ ଋତୁସ୍ରାବ ଜନିତ ସମସ୍ୟା ରହିଥିବାରୁ ଋତୁସ୍ରାବ ଆସିବାରେ ବିଳମ୍ବ ହୁଏ । ତେଣୁ ମହିଳାମାନେ ଋତୁଚକ୍ରକୁ ଭଲଭାବେ ବୁଝିବା ସହ ପ୍ରଜନନ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବାକୁ ଏବେ ପିରିୟଡ୍ ଟ୍ରାକିଂ ଆପ୍ ଉପଯୋଗ କରୁଛନ୍ତି ।**

ଏହି ଆପ୍ ବ୍ୟବହାରକାରୀଙ୍କୁ ଅନେକ ବ୍ୟକ୍ତିଗତ ତଥ୍ୟ ଯଥା- ମାସିକ ଧର୍ମର ତାରିଖ, ଯୌନ ସକ୍ରିୟତା, ମାନସିକଅବସ୍ଥା, ଶାରୀରିକ ଲକ୍ଷଣ ଇତ୍ୟାଦି ମାଗିଥାଏ । ତଥ୍ୟକୁ ଏକତ୍ର କରି ଏଲ୍‌ଗୋରିଦମ୍ ମାଧ୍ୟମରେ ମାସିକ ଧର୍ମ ଆସିବା ତଥା ଓଭୁଲେସନ, ପ୍ରଜନନ କରିବାକୁ କେଉଁ ଦିନ ସର୍ବୋତ୍ତମ, ତାହା ବିଷୟରେ ଆପଟି ସୂଚନା ଦିଏ । ଅଧିକାଂଶ ଆପ୍ କେବଳ ଋତୁସ୍ରାବ ଚକ୍ର ଦିନ ଆଧାରରେ ଭବିଷ୍ୟବାଣୀ କରିଥାଏ । ଅଧ୍ୟୟନରେ ମୁତାବକ ୧୩ରୁ ୧୬ ପ୍ରତିଶତ ମହିଳାଙ୍କ ମାସିକ ଚକ୍ର ୨୮ ଦିନ ହୋଇଥାଏ । ସେହିପରି ୧୩% ମହିଳାଙ୍କ ଠାରେ ଓଭୁଲେସନ୍ ୧୪ ଦିନ ହୋଇଥାଏ । ଏହାକୁ ଧ୍ୟାନ ଦେଲେ, ପ୍ରତ୍ୟେକ ମହିଳାଙ୍କ ମାସିକ ଋତୁସ୍ରାବ ଭିନ୍ନ ଭିନ୍ନ ହୋଇଥିବାରୁ ଏହି ଆପ୍‌ର ସଠିକତା ସୀମିତ । କିଛି ଆପ୍‌ରେ ଶରୀରର ତାପମାତ୍ରା, ସର୍ଭାଇକଲ ମ୍ୟୁକମ ଏବଂ ପରିସ୍ରାର ହର୍ମୋନ୍ ସ୍ତରକୁ ସାମିଲ କରାଯାଇଛି । ସେହିପରି କିଛି ଆପ୍‌ସ କେବଳ କ୍ୟାଲେଣ୍ଡର ଆଧାରରେ ଭବିଷ୍ୟବାଣୀ କରୁଥିବା ବେଳେ ଏହା ବୟୋମେଟ୍ରିକ୍ ତଥ୍ୟକୁ ଉପଯୋଗ କରିନଥାଏ । ତେଣୁ ସ୍ପଷ୍ଟତା କମ୍ ହୋଇଥାଏ । ଯଦିଓ ପିରିୟଡିକ୍ ଆପକୁ ଅଧିକାଂଶ ମହିଳାମାନେ ଆପଣାଉଛନ୍ତି, ଡାକ୍ତରଙ୍କ ପରାମର୍ଶ ବିନା ଏହି ଆପ୍ ବ୍ୟବହାର କରିବା ଲାଭପ୍ରଦ ନୁହେଁ ।

# ୬୦ ଡେଇଁଲେ ଟେଷ୍ଟ ଜରୁରି



**ବୟସ ବଢ଼ିଲେ, ଶରୀର ଦୁର୍ବଳ ହୋଇଯାଏ । ନାନା ରୋଗ ମାଡ଼ି ବସେ । ଅଧିକାଂଶ ଲୋକ ବୟସାଧିକ୍ୟ ରୋଗରେ ପୀଡ଼ିତ ହୁଅନ୍ତି । ତେଣୁ ଶରୀରକୁ ସୁସ୍ଥ ଓ ନୀରୋଗ ରଖିବାକୁ ୬୦ ବର୍ଷ ପରେ କିଛି ଶାରୀରିକ ପରୀକ୍ଷା କରିବା ନିହାତି ଜରୁରି ।**

## ବ୍ଲଡ୍‌ପ୍ରେସର ମନିଟରିଂ

ଉଚ୍ଚ ରକ୍ତଚାପ କିମ୍ବା ହାଇପରଟେନ୍‌ସନ୍ ଯୋଗୁଁ ମୁଖ୍ୟତଃ ହୃଦ୍‌ରୋଗ, ଷ୍ଟ୍ରୋକ୍ କିମ୍ବା ବୃକ୍‌କଜନିତ ସମସ୍ୟା ହୋଇଥାଏ । ତେଣୁ ନିୟମିତ ରକ୍ତଚାପ ଯାଞ୍ଚ କରିବା ଜରୁରି । ଜଣେ ବ୍ୟକ୍ତି ମାସକୁ ଥରେ ଏହି ପରୀକ୍ଷା କରିବା ଆବଶ୍ୟକ । ତେବେ ଯେଉଁମାନଙ୍କର ଉଚ୍ଚରକ୍ତଚାପ ରୋଗ ଜଣାପଡ଼ିବ, ସେମାନେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଚେକ୍‌ଅପ୍ କରିପାରିବେ ।

## ଲିପିଡ୍ ପ୍ରୋଫାଇଲ

ଲିପିଡ୍ ପ୍ରୋଫାଇଲ ପରୀକ୍ଷା କରିବା ଜରୁରି । ଏଥିରେ କୋଲେଷ୍ଟ୍ରୋଲ ଏବଂ ଟ୍ରାଇଗ୍ଲିସରାଇଡ୍‌ସ ସ୍ତର ସମ୍ବନ୍ଧୀୟ ସ୍ତରକୁ ମାପିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉଚ୍ଚ କୋଲେଷ୍ଟ୍ରଲ ଯୋଗୁଁ ଜଣେ ବ୍ୟକ୍ତି ହୃଦ୍‌ରୋଗ କିମ୍ବା ଷ୍ଟ୍ରୋକ୍‌ର ଶିକାର ହେବାର ଅଧିକ ଆଶଙ୍କା ରହିଥାଏ । ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ବୟସ୍କ ବ୍ୟକ୍ତି ଛଅ ମାସରେ ଥରେ କୋଲେଷ୍ଟ୍ରଲ ଟେଷ୍ଟ କରିପାରିବେ ।

## ମଧୁମେହ ପରୀକ୍ଷା

ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ ଠାରେ ଟାଇପ୍-୨ ମଧୁମେହ ହେବା ସାଧାରଣ କଥା । ଅନିୟନ୍ତ୍ରିତ ରକ୍ତ ଶର୍କରାର ସ୍ତରରୁ ହୃଦ୍‌ରୋଗ, ସ୍ନାୟୁ ଦୁର୍ବଳ ଏବଂ ଦୃଷ୍ଟିଶକ୍ତି ହ୍ରାସ ଆଦି ସମସ୍ୟା ସୃଷ୍ଟି କରେ । ଏକ୍ଷେତ୍ରରେ ଖାଲି ପେଟରେ ଏବଂ ଖାଇବା ପରେ ସୁଗାର ପରୀକ୍ଷା କରାଇ ନେବା ଭଲ । ବିଗତ ତିନିମାସର ଗ୍ଲୁକୋଜ ସ୍ତର ବିଷୟରେ ଏଚ୍‌ବିଏ୧ସି ଧାରଣା ଦେଇଥାଏ । ଏହା ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

## ବୋନ୍ ଡେନ୍‌ସିଟି ଟେଷ୍ଟ

ଅଷ୍ଟିଓପୋରୋସିସ୍ ସ୍ଥିତିରେ ହାଡ଼ କମ୍‌ଜୋର ହୋଇଯାଏ । ପୁରୁଷଙ୍କ ତୁଳନାରେ ସାଧାରଣତଃ ମହିଳାମାନଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳେ । ତେଣୁ ବୋନ୍ ଡେନ୍‌ସିଟି ଟେଷ୍ଟ କିମ୍ବା ଡିଇଏକ୍ସଏ ସ୍କାନ, ଅସ୍ଥିର ହାଡ଼ ପରିଆ ତଥା ଅଷ୍ଟିଓପୋରିସିସ୍ ରୋଗ ହେବାର ସମ୍ଭାବନାକୁ ମାପିଥାଏ । ତା'ସହିତ ଫ୍ରାକଚର ଆଶଙ୍କାକୁ ଆକଳନ କରିପାରେ । ମୁଖ୍ୟତଃ ୬୫ ବର୍ଷରୁ ଅଧିକ ବୟସର ପୁରୁଷ ମହିଳାଙ୍କୁ ପ୍ରତି ଦୁଇବର୍ଷରେ ଥରେ ଏହି ଟେଷ୍ଟ କରିବା ଜରୁରି । ଶରୀର ହାଲିଆ ବା ଦୁର୍ବଳ ଲାଗିଲେ, ଅଧିକାଂଶ ରକ୍ତହୀନତାର ଶିକାର ହୋଇଥାନ୍ତି । ତେଣୁ ବର୍ଷକୁ ଦୁଇଥର ସିବିସି ପରୀକ୍ଷା କରିପାରିବେ ।

## କର୍କଟ ଯାଞ୍ଚ

ନିୟମିତ କର୍କଟ ଯାଞ୍ଚ କରିବା ଆବଶ୍ୟକ । ବରିଷ୍ଠ ନାଗରିକଙ୍କୁ ସ୍ତନ କର୍କଟ ପାଇଁ ମାମୋଗ୍ରାମ୍, କୋଲେରେକ୍ଟଲ କର୍କଟ ପାଇଁ କୋଲୋନୋସ୍କୋପି ଏବଂ ପ୍ରୋଷ୍ଟେଟ୍ କର୍କଟ ପାଇଁ ପ୍ରୋଷ୍ଟେଟ-ବିଶିଷ୍ଟ ଆଣ୍ଟିଜେନ୍ (ପିଏସ୍‌ଏ) ପରୀକ୍ଷଣ କରିବା ଜରୁରି ।

## ଥାଇରଏଡ୍ ଫଙ୍କସନ ଟେଷ୍ଟ

ଥାଇରଏଡ୍ ବୃଦ୍ଧି ଯୋଗୁଁ ଓଜନ ବଢ଼ିବା କିମ୍ବା ମୁଡ୍ ପରିବର୍ତ୍ତନ ହୋଇଥାଏ । ରକ୍ତ ପରୀକ୍ଷଣରେ ଥାଇରଏଡ୍ ହର୍ମୋନ୍ ସ୍ତରକୁ ମାପିଥାଏ । ଥାଇରଏଡ୍ ସମ୍ବନ୍ଧିତ ସମସ୍ୟାକୁ ଏହା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

# ଶିଶୁଙ୍କୁ ୭ ଜରୁରି ଟିକା



**ଭାରତରେ ଜନ୍ମରୁ ଏକ ବର୍ଷ ମଧ୍ୟରେ ପିଲାମାନଙ୍କ ଟିକାକରଣ ହାର ଉଚ୍ଚ ରହିଥିବା ବେଳେ ପରେ ଧୀରେ ଧୀରେ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି । ତେଣୁ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ପାଇଁ ଜନ୍ମର ୧ ବର୍ଷ ପରେ ଧାର୍ଯ୍ୟ ସମୟରେ ଟିକାକରଣ କରାଇବା ଜରୁରୀ ।**

ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ (ଆଇଏପି) ୧ରୁ ୨ ବର୍ଷର ପିଲାଙ୍କ ପାଇଁ ୭ଟି ଟିକାକରଣ କରାଇବାକୁ ପରାମର୍ଶ ଦେଇଛି । ସେଥିମଧ୍ୟରେ ଚିକେନପକ୍ସ ଓ ହେପାଟାଇଟିସ ଏ'ର ଦୁଇଟି ଡୋଜ୍, ମେନିଞ୍ଜିଟିସ୍ ଓ ଏମ୍‌ଏମ୍‌ଆରର ୨ୟ ଡୋଜ୍, ପିସିଭି ଓ ଡିଟିପି ଏଚ୍‌ଆଇବି ଆଇପିଭିର ବୁଷ୍ଟର ଡୋଜ୍ ଏବଂ ଫ୍ଲୁର ଏକ ବାର୍ଷିକ ଡୋଜ୍ ସାମିଲ ରହିଛି । ଏହି ୭ଟି ଜରୁରୀ ଟିକା ଚିକେନପକ୍ସ, ହେପାଟାଇଟିସ ଏ, ହେପାଟାଇଟିସ୍ ବି, ମେନିଞ୍ଜିଟିସ୍, ମିଜିଲ୍ସ, ମମ୍ପ୍ସ, ରୁବେଲା, ନିମୋନିଆ, ଇନଫ୍ଲୁଏଞ୍ଜା, ଡିପଥେରିଆ, ଟିଟାନସ୍, ପର୍ଟୁ୍ୟସିସ, ପୋଲିଓ ଓ ଏଚ୍‌ଆଇବି ଇନ୍‌ଫେକସନ୍ ଭଳି ୧୪ଟି ରୋଗ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ ।

ଏ ସମ୍ପର୍କରେ ଏଫ୍‌ଆଇଏପି, ଏଫ୍‌ଏନ୍‌ଏନ୍‌ଏଫ୍ ପିଜିପିଏନ୍ ଏମ୍ଡି (ପେଡିଆଟ୍ରିକ୍ସ), ଆଡୋଲେସେଂଟ ପେଡିଆଟ୍ରିକ୍ସ କ୍ଷେତ୍ରରେ ଡବ୍ଲ୍ୟୁଏଚ୍‌ଓ ଫେଲୋସିପ୍, ଭୁବନେଶ୍ୱରରେ ପେଡିଆଟ୍ରିକ୍ସ ଓ ନିଓନାଟୋଲୋଜି କନ୍ସଲ୍ଟାଂଟ୍ ଡଃ ଆଶୁତୋଷ ମହାପାତ୍ର କହନ୍ତି, "୧ରୁ ୨ ବର୍ଷ ବୟସର ପିଲାମାନଙ୍କଠାରେ ଟିକା-ପ୍ରତିରୋଧକ ରୋଗଗୁଡ଼ିକ କାରଣରୁ ଅନେକ ଜଟିଳତା ଦେଖାଦେଇପାରେ । ତେଣୁ ଏହି ବୟସ ବର୍ଗର ପିଲାମାନଙ୍କ ପାଇଁ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଦ୍ୱାରା ୭ଟି ଟିକାକରଣ ପାଇଁ ପରାମର୍ଶ ଦିଆଯାଇଛି, ଯାହା ୧୪ଟି ରୋଗ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ ।

୧ ବର୍ଷ ବୟସ ପରେ ମଧ୍ୟ ନିଜର ବିକଶିତ ରୋଗପ୍ରତିରୋଧକ ପ୍ରଣାଳୀ କାରଣରୁ ପିଲାମାନେ ବିଭିନ୍ନ ସଂକ୍ରାମକ ରୋଗଗୁଡିକ ପ୍ରତି ସମ୍ବେଦନଶୀଳ ଥାଆନ୍ତି, ଯାହା ସେମାନଙ୍କର ସଂକ୍ରମଣ ଓ ଜଟିଳତା ବିପଦକୁ ବୃଦ୍ଧି କରିଥାଏ । ଏହି ଜଟିଳତା ସେମାନଙ୍କର ଶାରୀରିକ ବିକାଶ ଓ ଗଠନମୂଳକ ଅଭିଜ୍ଞତାରେ ବାଧା ସୃଷ୍ଟି କରିପାରେ । ଅସମ୍ପୂର୍ଣ୍ଣ ଟିକାକରଣ ଏକ ଦୁର୍ବଳ ପୋଷଣ ସ୍ଥିତିର କାରଣ ହୋଇପାରେ । ପିଲାଦିନର ଅସୁସ୍ଥତା ଅଭିଭାବକଙ୍କ ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିପାରେ । ତେଣୁ ପିତାମାତାମାନେ ଟିକାକରଣ ସୂଚୀର ସଠିକ ଅନୁପାଳନ କରି ଡାକ୍ତରଙ୍କ ପରାମର୍ଶ ନେଇ ଏହି ୭ଟି ଟିକାକରଣକୁ ପ୍ରାଥମିକତା ଦେଲେ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତର ସୁସ୍ଥତା ସୁନିଶ୍ଚିତ ହୋଇପାରିବ ।

ଡ. ଆଶୁତୋଷ ମହାପାତ୍ର
ପେଡିଆଟ୍ରିକ୍ସ ଓ ନିଓନାଟୋଲୋଜି କନସଲ୍‌ଟାଣ୍ଟ,
ଭୁବନେଶ୍ୱର

କ୍ରୀଡ଼ା
ସକାଳ
www.sakalaepaper.com

# ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍ ଆଜିଠୁ

**କିଙ୍ଗସମେଡ୍, ୭।୧୧(ଏଜେନ୍ସି):** ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆସନ୍ତାକାଲି ବା ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବ। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଦଳ ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲେ। ଏଥିରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପରେ ଉଭୟ ଦଳର କିଛି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ଓ ଆଉ କିଛି ଖେଳାଳିଙ୍କୁ ଅବସର କିମ୍ବା ବିଶ୍ରାମ ଦିଆଯାଇଛି। ନୂଆ ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ଗତ କିଛି

**ଖେଳ ଆରମ୍ଭ: ରାତି ୮ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ , ଜିଓ ସିନେମା**

ମ୍ୟାଚରେ ସୁଯୋଗ ଦେଇଛି। ଅଧିନାୟକ ଆଇଡେନ୍ ମାର୍କରାମ, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିଜା ହେଣ୍ଡ୍ରିକ୍ସ ବିଶ୍ୱକପ୍ ଦଳରୁ ତିଷ୍ଠି ରହିଛନ୍ତି। ଏହା ପରେ ଭାରତ ବିପକ୍ଷ ସିରିଜ୍ ଲାଗି ଟି-୨୦ ବିଶେଷଜ୍ଞଙ୍କୁ ଦଳରେ ସାମିଲ କରିବା ଫଳରେ ଘରୋଇ ଦଳର ଶକ୍ତିବୃଦ୍ଧି ପାଇଛି। ଅନ୍ୟପକ୍ଷରେ ବିଶ୍ୱକପ୍ ଖେଳିଥିବା ଭାରତୀୟ ଦଳରୁ ମାତ୍ର ୪ଜଣ ଯଥା ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ ଓ ଅର୍ଶଦୀପ ସିଂ ବର୍ତ୍ତମାନ ଖେଳିବାକୁ ଆସିଥିବା ଭାରତୀୟ ଦଳରେ ତିଷ୍ଠି ରହିଛନ୍ତି। ଏହି ସିରିଜ୍‌ର ଅନ୍ୟ ମ୍ୟାଚ୍ ଗୁଡିକ ନଭେମ୍ବର ୧୦, ୧୩ ଓ ୧୫ରେ ଖେଳାଯିବ।

ଟି-୨୦ ବିଶ୍ୱକପ୍ ପରେ ଦକ୍ଷିଣ ଆଫ୍ରିକା ଖେଳିଥିବା ଶେଷ ୬ଟି ମ୍ୟାଚ୍‌ରୁ ୫ଟିରେ ପରାଜିତ ହୋଇଛି। ଅନ୍ୟପକ୍ଷରେ ଭାରତ ୧୨ଟି ମ୍ୟାଚ୍ ଖେଳି ମାତ୍ର ଗୋଟିକରେ ହାରିଛି। ନିକଟରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିଥିଲା ଭାରତ। ଏହାର କୌଣସି ସିଧାସଳଖ ପ୍ରଭାବ ଏହି ଟି-୨୦ ଭାରତୀୟ ଦଳ ଉପରେ ପଡ଼ିବ ନାହିଁ। ଟେଷ୍ଟ ଦଳରେ ସାମିଲ ଥିବା ଓ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିବା ଅକ୍ଷର ପଟେଲ ଦକ୍ଷିଣ ଆଫ୍ରିକାରେ ଖେଳିବେ। ସେହିପରି ଭାରତୀୟ ଖେଳାଳିଙ୍କ ଆଉ ଏକ ଚାପ ହେଲା ଇଣ୍ଡିଆନ ପ୍ରିମିୟର ଲିଗ୍ ବା ଆଇପିଏଲ୍ ନିଲାମୀ। ଭାରତୀୟ ଦଳରେ ସାମିଲ ଥିବା ୧୫ଜଣ ଖେଳାଳିଙ୍କ ମଧ୍ୟରୁ ୧୧ଜଣଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ୍ ରିଟେନ କରିଛନ୍ତି। ଏଣୁ ଖେଳାଳିମାନେ ଚାପରେ ରହିବେ ନାହିଁ। ଭାରତ ଏକ ଟି-୨୦ ସ୍ପେଶାଲିଷ୍ଟ ଦଳ ପଠାଇଥିବାରୁ ଏଠାରେ ଜୋରଦାର ଲଢ଼େଇ ହେବ ବୋଲି ଆଶା କରିବା ସ୍ୱାଭାବିକ୍।




### ଖେଳାଳି ଦଳ

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରମଣଦୀପ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ବିଜୟକୁମାର ବ୍ୟାସକ, ଆଭେଷ ଖାନ୍ ଓ ଯଶ ଦୟାଲ।

**ଦକ୍ଷିଣ ଆଫ୍ରିକା:** ଆଇଡେନ୍ ମାର୍କରାମ (ଅଧିନାୟକ), ରିଜା ହେଣ୍ଡ୍ରିକ୍ସ, ହେନ୍ରିକ୍ କ୍ଲାସେନ, ଟ୍ରିଷ୍ଟାନ ଷ୍ଟବ୍ସ, ଓଟ୍ନିଲ ବାର୍ଟମ୍ୟାନ୍, ଗେରାଲ୍ଡ କୋଏଜି, ଡୋନୋଭାନ ଫେରେରା, ମାର୍କୋ ଜାନସେନ୍, ପ୍ୟାଟ୍ରିକ୍ କ୍ରୁଗର, କେଶବ ମହାରାଜ, ଡେଭିଡ ମିଲର, ମିହଲାଇ ପୋଙ୍ଗୱାନା, ନକ୍ବା ପିଟର, ର୍ୟାନ୍ ରିକେଲଟନ, ଆନ୍ଦିଲ ସିମେଲାନେ, ଲୁଥୋ ସିପମ୍ଲା।

---

ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ରାହୁଲ ବିଫଳ; ସମ୍ମାନ ରଖିଲେ ଜୁରେଲ

**ମେଲବୋର୍ଣ୍ଣ, ୭।୧୧(ଏଜେନ୍ସି):** ଅଷ୍ଟ୍ରେଲିଆ-ଏ'ଦଳ ସହ ଏଠାରେ ଆଜି ଆରମ୍ଭ ହୋଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଟେଷ୍ଟ ଖେଳାଳି ଲୋକେଶ ରାହୁଲ ଫେଲ ମାରିଛନ୍ତି। ଇନିଂସ ଆରମ୍ଭ କରି ରାହୁଲ ୪ଟି ବଲ ଖେଳି ଗୋଟିଏ ଚୌକା ସହ ୪ ରନ୍ କରି ଫାଷ୍ଟ ବୋଲର ସ୍କଟ ବୋଲାଣ୍ଡଙ୍କ ଦ୍ୱାରା ଆଉଟ ହୋଇଛନ୍ତି। କିନ୍ତୁ ଏହି ମ୍ୟାଚ୍ ଖେଳୁଥିବା ଅନ୍ୟତମ ଟେଷ୍ଟ ଖେଳାଳି ତଥା ରିଜର୍ଭ ୱିକେଟରକ୍ଷକ ଧ୍ରୁବ ଜୁରେଲ। ଚମତ୍କାର ବ୍ୟାଟିଂ କରି ଭାରତର ସମ୍ମାନ ରକ୍ଷା କରିବାରେ ଭାରତ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ଜୁରେଲ ୧୮୬ଟି ବଲ୍‌ର ସମ୍ମୁଖୀନ ହୋଇ ୮୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ' ୧୬୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଅନ୍ୟ ୩ ଖେଳାଳି ଦୁଇଅଙ୍କ ଛୁଇଁଥିଲାବେଳେ ଦେବଦତ୍ତ ପଡ଼ିକାଲ ୨୬, ନୀତୀଶ ରେଡ୍ଡୀ ୧୬ ଓ ପ୍ରସିଦ୍ଧ କ୍ରିଷ୍ଣା ୧୪ ରନ୍ କରିଥିଲେ। ଅଷ୍ଟ୍ରେଲିଆ-ଏ'ର ଫାଷ୍ଟ ବୋଲର ମାଇକେଲ ନେସରଙ୍କୁ ୪ଟି ଓ ୩୦ ବର୍ଷୀୟ ଲେଗ୍ ସ୍ପିନର ବିଉ ୱେବ୍‌ଷ୍ଟର ୩ଟି ୱିକେଟ ନେଇଛନ୍ତି। ଜବାବରେ ପ୍ରଥମଦିନ ଖେଳ ଶେଷସୁଦ୍ଧା ଘରୋଇ ଦଳ ପ୍ରଥମ ଇନିଂସରେ ୫୩ ରନ୍ କରି ୨ ୱିକେଟ ହରାଇଛି।

## ୱେଷ୍ଟଇଣ୍ଡିଜ୍ ଜିତିଲା ଦିନିକିଆ ସିରିଜ୍

**କେନିଙ୍ଗଟନ ଓଭାଲ, ୭।୧୧(ଏଜେନ୍ସି):** ବ୍ରାଣ୍ଡନ କିଙ୍ଗ ଓ କିସ୍ କାର୍ଟିଙ୍କ ଶତକ ବଳରେ ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ଭ୍ରମଣକାରୀ ଇଂଲଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଘରୋଇ ଦଳ ୨-୧ ବ୍ୟବଧାନରେ ସିରିଜ୍ କବ୍‌ଜା କରିଛି। ଏହି ମ୍ୟାଚ୍‌ରେ ୧୦୨ ରନ୍ କରିଥିବା କିଙ୍ଗ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। କାର୍ଟି ମଧ୍ୟ ଚମତ୍କାର ବ୍ୟାଟିଂ କରି ୧୨୮ ରନ୍‌ରେ ଅପରାଜିତ ରହିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୪ ରନ୍‌ରେ ୪ ୱିକେଟ ହରାଇ ବିପଦର ସମ୍ମୁଖୀନ ହୋଇଥିଲା। କିନ୍ତୁ ଓପନର ଫିଲିପ୍ ସଲ୍ଟଙ୍କ ଧୈର୍ଯ୍ୟପୂର୍ଣ୍ଣ ୭୪, ସାମ କୁରାନଙ୍କ ୪୦ ଓ ଡାନ୍ ମୋସ୍‌ଲୀଙ୍କ ୫୭ ରନ୍ ସହାୟତାରେ ଦଳ ବିପଦରୁ ରକ୍ଷା ପାଇଥିଲା। କିନ୍ତୁ ଶେଷ ଭାଗରେ ଜାମି ଓଭରଟନ୍‌ଙ୍କ ୨୧ ବଲ୍‌ରେ ୩୨ ଓ ଜୋଫ୍ରା ଆର୍ଚରଙ୍କ ୧୭ ବଲ୍‌ରେ ୩୮ ରନ୍ ସହାୟତାରେ ଇଂଲଣ୍ଡ ୮ ୱିକେଟରେ ୨୬୩ ରନ୍ କରିଥିଲା। ୱେଷ୍ଟଇଣ୍ଡିଜ୍‌ର ଆଲଜରୀ ଯୋଶେଫ ଓ ରୋମାରିଓ ସେଫର୍ଡ ୨ଟି ଲେଖାଏଁ ୱିକେଟ ପାଇଥିଲେ। ମାଥ୍ୟୁ ଫୋର୍ଡଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା।

ବିଶ୍ୱର ପ୍ରଥମ ଷ୍ଟାଡିୟମ

## ୩୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କଲା ଶାରଜା

**ଶାରଜା, ୭।୧୧(ଏଜେନ୍ସି):** ବିଶ୍ୱର ପ୍ରଥମ କ୍ରିକେଟ୍ ଷ୍ଟାଡିୟମ ଭାବେ ଶାରଜା ୩୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାର ବିରଳ ସୌଭାଗ୍ୟ ଲାଭ କରିଛି। ବୁଧବାର ଏଠାରେ ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍ ଏହି ଷ୍ଟାଡିୟମର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ଯେଉଁଥିରେ ୨୫୩ଟି ଦିନିକିଆ, ୩୮ ଟି-୨୦ ଓ ୯ଟି ଟେଷ୍ଟ ମ୍ୟାଚ ଖେଳାଯାଇଛି। ୧୯୯୮ ମସିହାରେ ଏହି ଷ୍ଟାଡିୟମରେ ଅନୁଷ୍ଠିତ କୋକା-କୋଲା କପ୍ ଦିନିକିଆ ସିରିଜରେ ସଚିନ ତେନ୍ଦୁଲକର ଅଷ୍ଟ୍ରେଲିଆ ବିପକ୍ଷରେ ୧୪୩ ରନର ମାରଥନ ଶତକୀୟ ଇନିଂସ ଖେଳିଥିଲେ। ଯାହାକୁ ଏହି ଷ୍ଟାଡିୟମର ଶ୍ରେଷ୍ଠ ଇନିଂସ ସହ 'ମରୁଭୂମିର ଝଡ଼' ବୋଲି ଆଖ୍ୟା ଦିଆଯାଇଥିଲା। ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିଥିବା ଷ୍ଟାଡିୟମ ତାଲିକାରେ ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡ (୨୯୧ଟି), ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (୨୮୭), ହରାରେ ସ୍ପୋର୍ଟ୍ସ କ୍ଲବ (୨୬୭), ଲର୍ଡ୍ସ (୨୨୭ଟି) ଯଥାକ୍ରମେ ତାଲିକାରେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛି।

---

## 'ହକି ଇଣ୍ଡିଆ'ର ଶତବାର୍ଷିକୀ ପାଳନ ଆରମ୍ଭ

**ନୂଆଦିଲ୍ଲୀ, ୭।୧୧ (ଏଜେନ୍ସି):** ଭାରତୀୟ ହକିର ସର୍ବୋଚ୍ଚ ସଂସ୍ଥା ହକି ଇଣ୍ଡିଆ (ଏଚ୍‌ଆଇ) ଗଠନ ହେବାକୁ ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ଏହି ଅବସରରେ ଜାତୀୟ ହକି ସଂଘର ୧୦୦ତମ ବାର୍ଷିକୀକୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଧୁମ୍‌ଧାମରେ ପାଳନ କରାଯିବ ବୋଲି ଏଚ୍‌ଆଇ ପକ୍ଷରୁ କୁହାଯାଇଛି। ହକି ଇଣ୍ଡିଆର ଶତବାର୍ଷିକୀ ଏକ ଶତାବ୍ଦୀର ଅପୂର୍ବ ଉତ୍କର୍ଷତା, ଯେଉଁଥିରେ ଜାତୀୟ ଦଳ ଗତ ୯୯ ବର୍ଷ ମଧ୍ୟରେ ଅନେକ ଐତିହାସିକ ସଫଳତା ପାଇଛି। ସେହିଭଳି ଏହି ସମୟରେ ମଧ୍ୟ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପ୍ରତ୍ୟାବର୍ତ୍ତନ କରିଥିବାବେଳେ ମହିଳା ଏଚ୍‌ଆଇଏଲ୍ ମଧ୍ୟ ସର୍ବପ୍ରଥମଥର ଆୟୋଜିତ ହେବାକୁ ଯାଉଛି।

### ଭାରତୀୟ ହକିର ବଳିଷ୍ଠ ଇତିହାସ

ଦେଶରେ ହକି ଖେଳର ଏକ ଜାତୀୟ ସଂଘ ଅଫିସିଆଲ ଭାବେ ୭ ନଭେମ୍ବର ୧୯୨୫ ଐତିହାସିକ ଗ୍ୱାଲିୟର ସହରରେ ପ୍ରତିଷ୍ଠା ହୋଇଥିଲା। ଏହାପରେ ହକି କ୍ରୀଡ଼ାରେ ସାରା ବିଶ୍ୱରେ ଭାରତ ଏକ ଶକ୍ତିଶାଳୀ ଦେଶରୂପେ ନିଜକୁ ପ୍ରତିଷ୍ଠା କରିପାରିଥିଲା। ହକି ଇଣ୍ଡିଆ ପ୍ରତିଷ୍ଠା ହେବାର ଗତ ୯୯ ବର୍ଷ ମଧ୍ୟରେ ଭାରତୀୟ ପୁରୁଷ ଦଳ ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୪ଟି କାଂସ୍ୟ ପଦକ ବିଜୟୀ ହୋଇଛି। ସେହିଭଳି ହକି ବିଶ୍ୱକପ୍‌ରେ ଥରେ ଚାମ୍ପିଅନ ହେବା ସହ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛି। ୫୨ ବର୍ଷର ପ୍ରତୀକ୍ଷା ପରେ ଶେଷରେ ଅଲିମ୍ପିକ୍ସରେ କ୍ରମାଗତ ପଦକ ସ୍ୱାଦ ଚାଖିଛି। ସ୍ୱର୍ଣ୍ଣିମ ଯୁଗର ପ୍ରାକୃତିକ ଘାସ ପଡ଼ିଆରୁ ଆଧୁନିକ ଯୁଗର ଆଷ୍ଟ୍ରୋ ଟର୍ଫ ଚ୍ୟାଲେଞ୍ଜ ଯାଏଁ ଭାରତୀୟ ହକି ସଂଘର୍ଷ କରି ଉନ୍ନତି କରିଆସିଛି। ଭାରତୀୟ ମହିଳା ଦଳ ମଧ୍ୟ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ହାସଲ କରିବା ଓ ଏଫ୍‌ଆଇଏଚ୍ ନେସନ୍ସ କପ୍ ଜିତିବା ଏହି ସମୟରେ ଉଲ୍ଲେଖନୀୟ ସଫଳତା ଥିଲା।

'ଯେତେବେଳେ ଆମେ ହକି ଇଣ୍ଡିଆ ଗଠନ ହେବାର ୧୦୦ତମ ବାର୍ଷିକୀ ପାଳନ କରିବାକୁ ଯାଉଛୁ, ସେହି ସମୟରେ ପୁରୁଷ ଏଚ୍‌ଆଇଏଲ୍‌ର ପ୍ରତ୍ୟାବର୍ତ୍ତନ ଏବଂ ପ୍ରଥମଥର ଲାଗି ମହିଳା ଏଚ୍‌ଆଇଏଲ୍ ଆୟୋଜନ ଆମ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଅବସର। ଏହି ସମୟ ମଧ୍ୟରେ ଆମର ସ୍ମରଣୀୟ ଯାତ୍ରାକୁ ମନେ ପକାଇ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଉତ୍ସବ ମନାଇବୁ' ବୋଲି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି।

## କଟକ-ଏ, ଏଜିକୁ ଦଳଗତ ଟାଇଟଲ



କଟକ-ଏ ଦଳର ଖେଳାଳିମାନେ

**ଭୁବନେଶ୍ୱର, ୭।୧୧(ସମିସ):** କଟକ-ଏ ଓ ଏଜି ରାଜ୍ୟ ୟୁଥ୍ ବାଳକ ଓ ପୁରୁଷ ବିଭାଗ ଦଳଗତ ଟାଇଟଲ ବିଜୟୀ ହୋଇଛନ୍ତି। କଟକ ସିଡିଏ ସେକ୍ଟର-୬' ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ ପରିସରରେ ଗୁରୁବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ୟୁଥ୍ ବାଳକ ବିଭାଗରେ କଟକ-ଏ' ଦଳ ୩-୦ରେ କଟକ-ବି'କୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କଟକ-ଏ' ଦଳରେ ଜିଜ୍ଞାସୁ ସାହୁ, ମହମ୍ମଦ୍ ଜିସାନ ରହିଥିଲେ। ରନର୍ସ ଅପ୍ ଦଳକୁ ପ୍ରତିନିଧିତ୍ୱ କରିଥିଲେ ଫରାଜ ରାଜା ଓ ଆୟାନ ମୁସ୍ତାକ। ସେହିପରି ଏଜି ଓଡ଼ିଶା ୩-୦ରେ ଖୋର୍ଦ୍ଧାକୁ ପରାସ୍ତ କରି ପୁରୁଷ ବିଭାଗରେ ଚାମ୍ପିଅନ ହୋଇଛି। ଏଜି ଦଳକୁ ତୁଷାର ଚୌହାନ, ମୈନାକ ଦାସ ଓ ସମ୍ରାଟ ଚକ୍ରବର୍ତ୍ତୀ ପ୍ରତିନିଧିତ୍ୱ କରିଥିଲେ। ଶାଶ୍ୱତ ସାମଲ, ଅବିନାଶ ତ୍ରିପାଠୀ ଓ ତୁହିନ ବାରିକ୍ ରନର୍ସ ଅପ୍ ଖୋର୍ଦ୍ଧା ଦଳରୁ ଖେଳିଥିଲେ। ଆଜିଠାରୁ ଏକକ ଖେଳ ଆରମ୍ଭ ହୋଇଛି।

---

ଓସିଏ ଆନ୍ତଃସ୍କୁଲ କ୍ରିକେଟ୍

## ଅବଶିଷ୍ଟ ଓଡ଼ିଶା ସି'- ଭୁବନେଶ୍ୱର ଏ' ଫାଇନାଲ

**ଭୁବନେଶ୍ୱର, ୭।୧୧ (ସମିସ):** ଓସିଏ ଆନୁକୂଲ୍ୟରେ ଚାଲିଥିବା କଟକରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଶନିବାର ହେବାକୁ ଥିବା ଟାଇଟଲ୍ ଲଢ଼େଇରେ ଭୁବନେଶ୍ୱର-ଏ ସହ ଅବଶିଷ୍ଟ ଓଡ଼ିଶା-ସି ପରସ୍ପରକୁ ଭେଟିବେ। ରେଭେନସା ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଖେଳାଯିବ। ସୁପର୍ ଲିଗ୍ ପର୍ଯ୍ୟାୟର ଗ୍ରୁପ୍-ଏ'ରେ ଓଡ଼ିଶା-ସି ୪ ମ୍ୟାଚରୁ ୩ ବିଜୟ ସହ ଓ ଗ୍ରୁପ୍-ବି'ରୁ ଭୁବନେଶ୍ୱର-ଏ ୪ ମ୍ୟାଚରୁ ୪ ବିଜୟ ସହ ସର୍ବାଧିକ ପଏଣ୍ଟ ରଖି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସୁପର୍ ଲିଗ୍ ପର୍ଯ୍ୟାୟର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୫ ୱିକେଟ୍‌ରେ ଅବଶିଷ୍ଟ ଓଡ଼ିଶା-ଏ'କୁ, କଟକ-ବି ୩୪ ରନରେ ଅବଶିଷ୍ଟ ଓଡ଼ିଶା-ସି'କୁ, ଅବଶିଷ୍ଟ ଓଡ଼ିଶା-ବି ୮ ୱିକେଟ୍‌ରେ କଟକ-ଏ'କୁ ଓ ଭୁବନେଶ୍ୱର-ଏ ୬ ୱିକେଟ୍‌ରେ ଅବଶିଷ୍ଟ ଓଡ଼ିଶା-ଡି'କୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ବି'ର ଶୋହମ ପଟ୍ଟନାୟକ (୬ ୱିକେଟ୍), କଟକ-ବି'ର ରୋହିତ ପାଲ୍ (୩୯ ରନ), ଓଡ଼ିଶା-ବି'ର ଶେଖ ତନବୀର (୩ ୱିକେଟ୍) ଓ ଭୁବନେଶ୍ୱର-ଏ'ର ସ୍ୱାଗତ ମିଶ୍ର (୨ ୱିକେଟ୍ ଓ ୧୭ ରନ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଭୁବନେଶ୍ୱର-ଏ ଏକମାତ୍ର ଦଳ ଭାବେ ଟୁର୍ଣ୍ଣାମେଣ୍ଟରେ ଲିଗ୍ ଓ ସୁପର ଲିଗ୍‌କୁ ମିଶାଇ ୯ ମ୍ୟାଚରୁ ୯ ବିଜୟ ସହ ଅପରାଜେୟ ରହିଛି।

■ ଏମ୍‌୨୫ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍

## ସେମିରେ କବୀର; ବିପର୍ଯ୍ୟୟ ଘଟାଇଲେ ସେନ୍ଥିଲ୍

**ଭୁବନେଶ୍ୱର, ୭।୧୧ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୨୫ ହଜାର ଡଲାର ପୁରସ୍କାର ରାଶିବିଶିଷ୍ଟ ପୁରୁଷ ଅନ୍ତର୍ଜାତୀୟ ଟେନିସ ପ୍ରତିଯୋଗିତା ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍‌ର ୫ମ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ପ୍ରତିଯୋଗିତାରେ ତିଷ୍ଠି ରହିଥିବା କବୀର ହଂସ ଡବଲ୍ସରେ ତାଙ୍କ ବିଜୟ ଯାତ୍ରା ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ କବୀର ଓ ତାଙ୍କ ପାର୍ଟନର ରିଷଭ ଅଗରୱାଲ ଯୋଡ଼ି ୬-୭, ୬-୩, ୧୦-୬ ସେଟ୍‌ରେ ଅନ୍ୟତମ ଭାରତୀୟ ଯୋଡ଼ି ପ୍ରଜ୍ୱଳ ଦେବ ଓ ଆଦିଲ କଲ୍ୟାଣପୁରଙ୍କୁ ପରାସ୍ତ କରି ଆଗେଇଛନ୍ତି। ସେହିଭଳି ଡବଲ୍ସର ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ ଭାରତୀୟ ଯୋଡ଼ିଦାର ଇଶକ ଇକବାଲ ଓ ଫୈଜଲ କ୍ୱାମର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ ଚେକ୍ ରିପବ୍ଲିକର ଡଲବର ସବ୍ରସିନ, ରୁଷିଆର ବୋଗଦାନ ବୋବରୋଭ, ଆମେରିକାର ନିକ୍ ଚାପେଲ, ଭାରତର ପ୍ରଜ୍ୱଳ ଦେବ, ସେନ୍ଥିଲ କୁମାର, ଦେବ ଜାଭିଆ, ଆର୍ଯ୍ୟନ ଶାହ ଓ କରଣ ସିଂ ରାଉଣ୍ଡ-୧୬ରେ ବିଜୟୀ ହୋଇ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ୧୭ ବର୍ଷୀୟ ଭାରତୀୟ ଖେଳାଳି ସେନ୍ଥିଲ ୪ର୍ଥ ସିଡ୍ ରୁଷିଆ ଏଗର ଆଗାଫୋନୋଭଙ୍କ ବିପକ୍ଷରେ ଏକ ବଡ଼ ବିଜୟ ହାସଲ କରିଛନ୍ତି। ଓଡ଼ିଶା ଟେନିସ ସଂଘ ଆନୁକୂଲ୍ୟରେ ରାଜ୍ୟରେ ପ୍ରଥମଥର ଲାଗି ଆୟୋଜିତ ଏହି ଅନ୍ତର୍ଜାତୀୟ ପୁରୁଷ ଟେନିସ ପ୍ରତିଯୋଗିତା ଆସନ୍ତା ୧୦ରେ ଉଦ୍‌ଯାପିତ ହେବ। ଏଥିରେ ୧୧ ଦେଶର ୮୮ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ କବୀରଙ୍କ ସହ ୩ଜଣ ଖେଳାଳି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହୋଇ ବିଦାୟ ନେଇଛନ୍ତି।


ସେନ୍ଥିଲ କୁମାର

## ନ୍ୟାସନାଲ ସୁଟିଂରେ ଭାଗନେବେ ଓଡ଼ିଶାର ପାରା ସୁଟର



**ଭୁବନେଶ୍ୱର, ୭।୧୧(ସମିସ):** ପାରା ସ୍ପୋର୍ଟ୍ସରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି। ଏହି କ୍ରମରେ ଓଡ଼ିଶାର ଦୁଇ ପାରା ସୁଟର ଏବେ ନ୍ୟାସନାଲ ସ୍ତରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ସୁଟର ବୀରେନ୍ଦ୍ର ବଳିଆରସିଂ ଓ ପ୍ରଭାକର ବେହେରା ପୁଣେରେ ଆସନ୍ତାକାଲିଠାରୁ ହେବାକୁ ଯାଉଥିବା ୫ମ ଜୋନାଲ ଓ ନ୍ୟାସନାଲ ପାରା ସୁଟିଂ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବେ। ଏହା ଫଳରେ ସୁଟିଂରେ ମଧ୍ୟ ପାରା ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଉଭୟ ପ୍ରତିଯୋଗୀଙ୍କ ସଫଳତା କାମନା କରାଯାଇଛି।

---

## ଶ୍ରେୟାସଙ୍କ ଦ୍ୱିଶତକ ପରେ ଓଡ଼ିଶା ଫଲୋଅନ୍‌ର ସମ୍ମୁଖୀନ

**ଭୁବନେଶ୍ୱର, ୭।୧୧ (ସମିସ):** ଅନ୍ତର୍ଜାତୀୟ ଖେଳାଳି ଶ୍ରେୟସ ଆୟରଙ୍କ ଚମତ୍କାର ଦ୍ୱିଶତକ ଓ ସିଦ୍ଧେଶ ଲାଡଙ୍କ ଅପରାଜିତ ଶତକ ସହାୟତାରେ ଓଡ଼ିଶା ବିପକ୍ଷ ରଣଜୀ ମ୍ୟାଚ୍‌ରେ ମୁମ୍ବାଇ ବିଶାଳ ସ୍କୋର ସଂଗ୍ରହ କରିଛି। ଆୟର ୨୩୩ ଓ ଲାଡ୍‌ଙ୍କ ୧୬୯ ରନ୍ ବଳରେ ମୁମ୍ବାଇ ୪ ୱିକେଟରେ ୬୦୨ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଛି। ପୂର୍ବରୁ ଯୁବ ଓପନର ଅଙ୍ଗକ୍ରିସ୍ ରଘୁବଂଶୀ ୯୨ ଓ ସୂର୍ଯ୍ୟାଂଶ ଶେଦ୍‌ଗେ ମାତ୍ର ୩୬ ବଲ୍‌ରେ ୭୯ ରନ୍ କରିଥିଲେ। ସୂର୍ଯ୍ୟାଂଶ ଓଡ଼ିଶା ବୋଲରଙ୍କୁ ୭ଟି ଚୌକା ଓ ୬ଟି ଛକା ମାରିଥିଲେ। ଆୟର ମଧ୍ୟ ୨୨୮ ବଲ୍ ଖେଳି ୨୪ ଚୌକା ଓ ୯ ଛକା ସହାୟତାରେ ୨୩୩ ରନ୍ କରିଛନ୍ତି। କିନ୍ତୁ ଲାଡ ୩୩୭ଟି ବଲ ଖେଳି ୧୭ ଚୌକା ସହ ୧୬୯ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ବିପ୍ଳବ ସାମନ୍ତରାୟ ୨ଟି, ସୂର୍ଯ୍ୟକାନ୍ତ ପ୍ରଧାନ ଓ ହର୍ଷିତ ରାଠୋଡ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

### ସନ୍ଦୀପଙ୍କ ଅପରାଜିତ ଅର୍ଦ୍ଧଶତକ

ମୁମ୍ବାଇର ବିଶାଳ ସ୍କୋର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୪୬ ରନ୍ କରି ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ଷ୍ଟମ୍ପ ଅପସାରଣ ବେଳକୁ ସନ୍ଦୀପ ପଟ୍ଟନାୟକ ୭୩ ଓ ନାଇଟ୍‌ୱାଚ୍‌ମ୍ୟାନ୍ ଦେବବ୍ରତ ପ୍ରଧାନ ୭ ରନ୍‌ରେ ବ୍ୟାଟିଂ କରୁଥିଲେ। ସନ୍ଦୀପ ୧୪୧ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟତମ ଓପନର ଅନୁରାଗ ଷଡଙ୍ଗୀ ୩୯ ଓ କାର୍ତ୍ତିକ ବିଶ୍ୱାଳ ୨୨ ରନ୍ କରିଛନ୍ତି। ଅନ୍ୟ ସମସ୍ତ ଖେଳାଳି ଯଥା ପ୍ରତ୍ୟାବର୍ତ୍ତନ କରିଥିବା ସ୍ୱସ୍ତିକ ସାମଲ, ଦୁଇ ବରିଷ୍ଠ ଖେଳାଳି ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ଖାତା ଖୋଲିବାରେ ସମର୍ଥ ହୋଇ ପାରି ନାହାନ୍ତି।



### ଓଡ଼ିଶା ବିପକ୍ଷରେ ୧୦ମ ସର୍ବାଧିକ ରଣଜୀ ସ୍କୋର

ଓଡ଼ିଶା ରଣଜୀ ଟ୍ରଫି ଇତିହାସରେ କୌଣସି ଏକ ଦଳ ୧୦ମ ଥର ଲାଗି ଗୋଟିଏ ଇନିଂସରେ ୬୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛି। ଓଡ଼ିଶା ବିପକ୍ଷରେ ମୁମ୍ବାଇର ଏହା ସର୍ବାଧିକ ଦଳଗତ ସ୍କୋର ହୋଇଥିଲାବେଳେ ସର୍ବାଧିକ ସ୍କୋରର ରେକର୍ଡ ମହାରାଷ୍ଟ୍ର ନାମରେ ରହିଛି। ୧୯୯୩-୯୪ ସିଜନର ପୁଣେ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ମହାରାଷ୍ଟ୍ର ୯ ୱିକେଟରେ ୬୪୫ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଛି। ଓଡ଼ିଶା ବିପକ୍ଷରେ ବେଙ୍ଗଲ ସର୍ବାଧିକ ୩ଥର ଗୋଟିଏ ଇନିଂସରେ ୬୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଅନ୍ୟ ପକ୍ଷରେ ଓଡ଼ିଶା ରଣଜୀ ଟ୍ରଫିରେ ମାତ୍ର ଦୁଇଥର ଗୋଟିଏ ଇନିଂସରେ ୬୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିଛି। ୨୦୦୧-୦୨ ସିଜନରେ ବାରିପଦାରେ ଅନୁଷ୍ଠିତ ରଣଜୀ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟରେ ୬୭୧ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିବା ସହ ସର୍ବାଧିକ ଦଳଗତ ସ୍କୋର କରିଥିଲା। ବିହାର ବିପକ୍ଷରେ ମଧ୍ୟ ଦଳ ୬୦୦ ରନ୍ ଅତିକ୍ରମ କରିଛି।

## କୁଚ୍ ବେହାର ଟ୍ରଫି: ଦିଲ୍ଲୀକୁ ୧୮୬ରେ ଆଉଟ କଲା ଓଡ଼ିଶା



**ଭୁବନେଶ୍ୱର, ୭।୧୧(ସମିସ):** ଦିଲ୍ଲୀର ଷ୍ଟିଫେନ କଲେଜ୍ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ଦ୍ୱିତୀୟ ଦିନ ଓଡ଼ିଶା ନିୟନ୍ତ୍ରଣରେ ରହିଛି। ଏହି ଦିନ ସୟଦ ତୁଫାଏଲ ଅହମ୍ମଦ୍‌ଙ୍କ ଚତୁର ବୋଲିଂ ବଳରେ ଦିଲ୍ଲୀର ପ୍ରଥମ ଇନିଂସ ୧୮୬ ରନ୍‌ରେ ସୀମିତ ରହିଛି। ତୁଫାଏଲ ୪ଟି ୱିକେଟ ନେଇଥିଲାବେଳେ ପ୍ରତିପକ୍ଷ ଦଳର ପ୍ରଣବ ପନ୍ତ୍ ସର୍ବାଧିକ ୩୯ ରନ୍ କରିଥିଲେ। ଏହା ଫଳରେ ପ୍ରଥମ ଇନିଂସରେ ୬୮ ରନ୍‌ରେ ଆଗୁଆ ଥିବା ଓଡ଼ିଶା ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୧୨୦ ରନ୍ ସଂଗ୍ରହ କରିନେଇଛି। ଓଡ଼ିଶା ପକ୍ଷରୁ ଆୟୁଷ ସୂତାର ଅପରାଜିତ ୫୫ ଓ ପ୍ରୟାନ ପ୍ରନ୍ତିକ ସାମଲ ୪୫ ରନ୍ କରିଛନ୍ତି। ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ହାତରେ ୮ଟି ୱିକେଟ ବାକିଥାଇ ୧୮୮ ରନ୍‌ରେ ଅଗ୍ରଣୀ ନେଇଛି। ଫଳରେ ଓଡ଼ିଶା ଭଲ ସ୍ଥିତିରେ ରହିଛି। ଗତକାଲି ପ୍ରଥମ ଦିନରେ ଓଡ଼ିଶା ପ୍ରଥମ ଇନିଂସରେ ୨୫୪ ରନ୍ କରିଥିଲାବେଳେ ଦିଲ୍ଲୀ ୧ ୱିକେଟରେ ୩୫ ରନ୍ କରିଥିଲା। ପ୍ରଥମ ଦିନ ୧୧ଟି ଓ ଦ୍ୱିତୀୟ ମଧ୍ୟ ୧୧ଟି ୱିକେଟର ପତନ ଘଟିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS